বর্ষ 1, সংখ্যা 14

ନ୍ୟୁ ଇଣ୍ଡିଆ

ଜାନୁଆରୀ 16-31, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ସମାଚାର



# ସଶକ୍ତିକରଣ ପଥେ ମହିଳା

ଏକ ନିରାପଦ, ଦୃଢ଼ ଏବଂ ଆତ୍ମବିଶ୍ୱାସୀ ନାରୀତ୍ୱର ସଂକଳ୍ପ ନୂତନ ଭାରତରେ ରୂପ ନେଉଛି

# ଏବେ ତ ସୂର୍ଯ୍ୟ ଉଦୟ ହୋଇଛି



ଆକାଶକୁ ଉଠାଇ ଶିର
ଘନ ବାଦଲକୁ ଚିର
ସୂର୍ଯ୍ୟାଲୋକର ସଂକଳ୍ପ ନିଅ
ଏବେ ତ' ହୋଇଛି ସୂର୍ଯ୍ୟୋଦୟ

ଦୃଢ ନିଶ୍ଚୟର ସହ ଚାଲି
ଦୃଢ ନିଶ୍ଚୟର ସହ ଚାଲି
ସବୁ ସଙ୍କଟ ଅତିକ୍ରମ କର
ଏବେ ତ' ହୋଇଛି ସୂର୍ଯ୍ୟୋଦୟ
ଘୋର ଅନ୍ଧାରକୁ ହଟାଅ
ଏବେ ତ ସୂର୍ଯ୍ୟ ଉଦୟ ହୋଇଛି ।

ବିଶ୍ୱାସର ଜ୍ୟୋତି ଜାଳି
ବିଶ୍ୱାସର ଜ୍ୟୋତି ଜାଳି
ବିକାଶର ପ୍ରଦୀପ ନେଇ
ସ୍ୱପ୍ନକୁ ସାକାର କରିବାକୁ
ଏବେ ତ' ହୋଇଛି ସୂର୍ଯ୍ୟୋଦୟ ।

ନିଜର ନୁହେଁ କି ପରର ନୁହେଁ
ନିଜର ନୁହେଁ କି ପରର ନୁହେଁ
ମୋର ନୁହେଁ କି ତୋର ନୁହେଁ
ସମସ୍ତଙ୍କର ତେଜ ପାଲଟି
ସମସ୍ତଙ୍କର ତେଜ ପାଲଟି
ଏବେ ତ' ହୋଇଛି ସୂର୍ଯ୍ୟୋଦୟ

ଅଗ୍ନିକୁ ନିର୍ବାପିତ କରି
ପ୍ରକାଶକୁ ବିତରି
ଚାଲିଛି ଓ ଚାଲିଛି ।

ଏବେ ତ' ହୋଇଛି ସୂର୍ଯ୍ୟୋଦୟ
ଏବେ ତ' ହୋଇଛି ସୂର୍ଯ୍ୟୋଦୟ
ଏବେ ତ' ହୋଇଛି ସୂର୍ଯ୍ୟୋଦୟ

୨୦୨୧ରେ ପ୍ରବେଶ ସହିତ ପ୍ରଧାନମନ୍ତ୍ରୀଙ୍କ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଶବ୍ଦାବଳୀ କାବ୍ୟିକ ଢଙ୍ଗରେ ତାଙ୍କ ନିଜ ସ୍ୱରରେ ଝଙ୍କୃତ ହୋଇଛି । ଆସନ୍ତୁ ତାଙ୍କ ଶପଥରେ ସାମିଲ ହେବା ।

**ସମ୍ପାଦକ**
କୁଳଦୀପ ସିଂ ଧତୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
ବିନୋଦ କୁମାର
ସନ୍ତୋଷ କୁମାର

**ସହକାରୀ ଉପଦେଷ୍ଟା ସମ୍ପାଦକ**
ଶରତ କୁମାର ଶର୍ମା

**ଅଳଙ୍କରଣ**
ରବୀନ୍ଦ୍ର କୁମାର ଶର୍ମା



**ପ୍ରକାଶକ ଓ ମୁଦ୍ରାକାର**
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

**Printed at**
Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-1210030

**ପ୍ରକାଶିତ**
ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in


# ନ୍ୟୁ ଇଣ୍ଡିଆ ସମାଚାର


ବର୍ଷ 1, ସଂଖ୍ୟା 14 ଜାନୁଆରୀ 16-31, 2021


## ଭିତରେ


| | | |
|---|---|---|
| 1 | ସମ୍ପାଦକୀୟ | ପୃଷ୍ଠା. 02 |
| 2 | ଚିଠିପତ୍ର | ପୃଷ୍ଠା. 03 |
| 3 | ସଂକ୍ଷିପ୍ତ ସମ୍ବାଦ | ପୃଷ୍ଠା. 04-05 |
| 4 | ନେତାଜୀଙ୍କ ଜୟନ୍ତୀ | ପୃଷ୍ଠା. 06-09 |
| 5 | ଉଚ୍ଚଶିକ୍ଷା | ପୃଷ୍ଠା. 10-11 |
| 6 | ବୋଡୋ ରାଜିନାମା | ପୃଷ୍ଠା. 12 |
| 7 | ପ୍ରମୁଖ ଯୋଜନା | ପୃଷ୍ଠା. 13-15 |
| 8 | ପ୍ରଚ୍ଛଦ ପ୍ରସଙ୍ଗ | ପୃଷ୍ଠା. 16-23 |
| 9 | କଣ୍ଢେଇ ଉତ୍ପାଦନରେ ଆତ୍ମନିର୍ଭରଶୀଳ | ପୃଷ୍ଠା. 24-25 |
| 10 | କୃଷି ସଂସ୍କାର | ପୃଷ୍ଠା. 26-27 |
| 11 | କରୋନା ବିରୋଧରେ ଲଢେଇ | ପୃଷ୍ଠା. 28-29 |
| 12 | ପର୍ଯ୍ୟଟନ | ପୃଷ୍ଠା. 30-32 |
| 13 | କ୍ୟାବିନେଟ ନିଷ୍ପତ୍ତି | ପୃଷ୍ଠା. 33 |
| 14 | ବ୍ୟକ୍ତିତ୍ୱ | ପୃଷ୍ଠା. 34 |
| 15 | ସକାରାତ୍ମକ ଦୃଷ୍ଟିକୋଣ | ପୃଷ୍ଠା. 35 |
| 16 | ମନ୍ କୀ ବାତ୍ | ପୃଷ୍ଠା. 36 |

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ନ୍ୟୁ ଇଣ୍ଡିଆ ସମାଚାର ପାଠକ ମହଲରେ କ୍ରମଶଃ ଅଧିକ ଆଦୃତ ହେଉଛି । ଏହାର ପରବର୍ତ୍ତୀ ସଂଖ୍ୟା ପାଇଁ ଆପଣ ଆଗ୍ରହର ସହ ଅପେକ୍ଷା କରିଥିବେ । ସବୁ ହତାଶା ମଧ୍ୟରେ ନୂଆବର୍ଷ ଏକ ନୂଆ ଆଶା ଦେଇଛି। ସରକାର ପ୍ରଥମ ପର୍ଯ୍ୟାୟରେ ୩ କୋଟିରୁ ଅଧିକ ଲୋକଙ୍କୁ ବିନା ମୂଲ୍ୟରେ କୋଭିଡ୍ ୧୯ ଟିକା ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ।

ନ୍ୟୁ ଇଣ୍ଡିଆର ସ୍ୱପ୍ନ ସାକାର କରିବା ପାଇଁ ସରକାରଙ୍କ ସବୁ ନୀତି ପ୍ରସ୍ତୁତିରେ ମହିଳା ସଶକ୍ତିକରଣ ସର୍ବଦା ଅଗ୍ରାଧିକାର ଓ ମୌଳିକ ବିଚାରଭାବେ ସ୍ଥାନ ପାଇଆସିଛି । ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ୨୦୨୧ ଜାନୁଆରୀ ୨୨ରେ ୬ ବର୍ଷ ପୂରଣ କରିବ । ଏହା ସହିତ ଜାନୁଆରୀ ୨୪ ମଧ୍ୟ ଜାତୀୟ ଶିଶୁକନ୍ୟା ଦିବସଭାବେ ପାଳିତ ହେଉଛି । ଏ ସବୁ ଦୃଷ୍ଟିରୁ ଆମକୁ ବୁଝିବାକୁ ପଡିବ ଯେ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ଅଭିଯାନ ମହିଳାମାନଙ୍କ ପ୍ରତି ଏକ ଗତାନୁଗତିକ ଧାରଣା ପରିବର୍ତ୍ତନରେ ସହାୟକ ହୋଇଛି । ମହିଳାମାନେ ଭାରତୀୟ ସଂସ୍କୃତିରେ କେବଳ ସମ୍ମାନିତା ନୁହଁନ୍ତି, ସେମାନେ ସର୍ବଦା ଅସୀମ ଦକ୍ଷତା ପ୍ରଦର୍ଶନ କରିଆସିଛନ୍ତି।

ଗତ ୬ ବର୍ଷ ମଧ୍ୟରେ ମହିଳାଙ୍କ ଉନ୍ନତିକଳ୍ପେ ସରକାର ଅନେକ ନୀତି ପ୍ରଣୟନ କରିଛନ୍ତି । ଏହାଦ୍ୱାରା ସେମାନେ ସେମାନଙ୍କ ଆଶାଆକାଂକ୍ଷା ପୂରଣ କରିପାରିବେ । ଶିକ୍ଷା, ବିଜ୍ଞାନ, ଅର୍ଥନୀତି, ଆତ୍ମନିଯୁକ୍ତି, ରାଜନୀତି, ଉଦ୍ୟମିତା, କ୍ରୀଡ଼ା ଏବଂ ଏପରିକି ଯୁଦ୍ଧ କ୍ଷେତ୍ରରେ, ପ୍ରତିରକ୍ଷା ଓ ଅର୍ଦ୍ଧସାମରିକ ବାହିନୀରେ ସେମାନେ ନିଜ ପାଇଁ ନିଜର ଜାଗା ତିଆରି କରିପାରିଛନ୍ତି । ଚଳିତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ମହିଳାମାନଙ୍କ ମର୍ଯ୍ୟାଦା, ଆତ୍ମସମ୍ମାନ ଓ ଆତ୍ମନିର୍ଭରଶୀଳତାର କଥା ସ୍ଥାନ ପାଇଛି । ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ପାଇଁ ଯେଉଁ ଦୂରଦୃଷ୍ଟି ରଖିଛନ୍ତି ଠିକ୍ ସେହି ବିଚାର ଅନୁସାରେ ଏସବୁ କାହାଣୀ ଉଲ୍ଲେଖ କରାଯାଇଛି ।

ଜାନୁଆରୀ ୨୩ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହେଉଛି । ଚଳିତବର୍ଷ ଏହି ଜୟନ୍ତୀକୁ ବର୍ଷେବ୍ୟାପୀ ପାଳନ କରିବାକୁ ସରକାର ଯୋଜନା କରିଛନ୍ତି । ନେତାଜୀଙ୍କ ଜୀବନୀ ଉପରେ ଏକ ସ୍ୱତନ୍ତ୍ର ରିପୋର୍ଟ ଏବଂ ତାଙ୍କ ସଂପର୍କରେ ଅପ୍ରକାଶିତ କିଛି ଦସ୍ତାବିଜକୁ ପ୍ରକାଶ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଆଦି ଏହି ସଂଖ୍ୟାରେ ସ୍ଥାନ ପାଇଛି ।

ପତ୍ରିକାର ଏହି ସଂଖ୍ୟାରେ ପରମ ସାହସୀ ଓ ଯୋଦ୍ଧା ଏବଂ ଦେଶର ପ୍ରଥମ ପରମବୀରଚକ୍ର ବିଜେତା ମେଜର ସୋମନାଥ ଶର୍ମାଙ୍କ ଉପରେ ଏକ ପ୍ରେରଣାଦାୟୀ ରିପୋର୍ଟ ରହିଛି । ଏହାଛଡା ଏହି ସଂଖ୍ୟାରେ ପର୍ଯ୍ୟଟନ କ୍ଷେତ୍ର ଓ ଷ୍ଟାର୍ଟଅପ୍ ସହିତ ଅନ୍ୟାନ୍ୟ ନିୟମିତ ବିଷୟବସ୍ତୁ ସ୍ଥାନିତ ହୋଇଛି ।

ଆପଣଙ୍କ ମତାମତ ଆମକୁ ଜଣାଇବାକୁ ଅନୁରୋଧ ।

ଠିକଣା: ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେସନ
ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-୧୧୦୦୦୩
ଇମେଲ : response-nis@pib.gov.in

କେ.ଏସ୍. ଧତ୍ୱାଲିଆ

# ଚିଠିପତ୍ର




ସମ୍ମାନ ନେବେ,

ନ୍ୟୁ ଇଣ୍ଡିଆ ସମାଚାରର ସମଗ୍ର ଟିମ୍‌କୁ ନବବର୍ଷର ଅଭିନନ୍ଦନ । ଆପଣ ଏହି ପତ୍ରିକା ମାଧ୍ୟମରେ ବିଭିନ୍ନ ଆଞ୍ଚଳିକ ଭାଷାରେ ସରକାରଙ୍କ ନବପ୍ରବର୍ତ୍ତିତ ଯୋଜନା ସଂପର୍କରେ ତଥ୍ୟ ଯୋଗାଉ ଥିବାରୁ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ମୋର ଏକ ନିବେଦନ ହେଲା ଯେ ଯଦି ସମ୍ଭବ ହୁଏ ଏହି ପାକ୍ଷିକ ପତ୍ରିକାକୁ ଛାପା ଆକାରରେ ପାଠକଙ୍କୁ ଯୋଗାଇଦେଲେ ଭଲ ହେବ ।

ଏହି ପତ୍ରିକାକୁ ଆଞ୍ଚଳିକ ଭାଷାରେ ପଢିବାକୁ ସୁଯୋଗ ଦେଇଥିବାରୁ ଏବଂ ଏଥିରେ ମାତୃଭାଷାରେ ମତାମତ ପ୍ରେରଣର ସୁବିଧା ଥିବାରୁ ଏହା ମୋତେ ଉତ୍ସାହିତ କରୁଛି । ଏଥିପାଇଁ ଆପଣଙ୍କୁ ଆଉ ଥରେ ଧନ୍ୟବାଦ ଜଣାଉଛି ।

ଆପଣଙ୍କର
କିଶୋର କେ. ଶେଓଡେ

---

ୟୁପିଏସ୍‌ସି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ଆଶାୟୀଙ୍କ ପାଇଁ ଏହି ପତ୍ରିକାଟି ବେଶ୍ ଉପାଦେୟ ଓ ସାହାଯ୍ୟକାରୀ ହୋଇଛି । ସେଥିପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।...

ps9610022@gmail.com

---

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା କେବଳ ଉତ୍ସାହ ସୃଷ୍ଟିକାରୀ ନୁହେଁ, ଏହା ମଧ୍ୟ ଦେଶର ବାସ୍ତବଚିତ୍ର ଉପସ୍ଥାପନ କରୁଛି । ଏହା ସରକାରଙ୍କ ଯୋଜନା ସଂପର୍କରେ ସୂଚନା ଦେବା ସହ ପ୍ରଧାନମନ୍ତ୍ରୀଙ୍କ ବିଚାରକୁ ଆମ ସମ୍ମୁଖରେ ରଖୁଛି ।

ମୁଁ ଏହି ପତ୍ରିକାକୁ ନିୟମିତ ପଢିବାକୁ ଆଗ୍ରହୀ । ମୋ ଠିକଣାରେ ଦୟାକରି ଏହାକୁ ନିୟମିତ ପଠାନ୍ତୁ ।

ସମ୍ମାନର ସହ
କନିକା ଜୈନ
ରତଲାମ, ମଧ୍ୟପ୍ରଦେଶ

---

ମହାଶୟ, ନ୍ୟୁ ଇଣ୍ଡିଆ ସମାଚାରର ଡିଜିଟାଲ ସଂଖ୍ୟା ଅତ୍ୟନ୍ତ ସୂଚନାଧର୍ମୀ ଓ ପ୍ରେରଣାଦାୟୀ । ମୁଁ ଏହି ପତ୍ରିକାର ଛାପା ସଂଖ୍ୟାକୁ ବରିଷ୍ଠ ନାଗରିକମାନଙ୍କ ପାଇଁ ନିୟମିତ କିଣିବାକୁ ଚାହେଁ । ତେଣୁ ମୋତେ ଦୟାକରି ସାହାଯ୍ୟ କରନ୍ତୁ ।

ଅନିଶ ତିରୁର୍
**aneeshtir@gmail.com;**

---

ପ୍ରିୟ ମହାଶୟ/ମହାଶୟା, ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ପ୍ରତି ମୁଁ କୃତଜ୍ଞ । ଏହା ଅତ୍ୟନ୍ତ ଉପାଦେୟ ଏବଂ ବିବିଧ ସମାହାରର ଏକ ପତ୍ରିକା । ବିଭିନ୍ନ ନୀତି, ଯୋଜନା, ସରକାରଙ୍କ ନୂଆ କାର୍ଯ୍ୟକ୍ରମ ସଂପର୍କରେ ଏହା ମୋତେ ସର୍ବଶେଷ ତଥ୍ୟ ଦେଉଛି । ଏହି ପତ୍ରିକାକୁ ନିୟମିତଭାବେ ଆମ ପାଖକୁ ପଠାଇବାକୁ ଅନୁରୋଧ ।

ଧନ୍ୟବାଦର ସହ
ଉମେଶଚାନ୍ଦ ଗର୍ଗ
**umeshchand90@gmail.com;**

---

ନିକଟରେ ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକାର ଡିସେମ୍ବର ୧-୧୫ ସଂଖ୍ୟା ଡାକରୁ ପାଇଲି । ସାଂପ୍ରତିକ ପରିସ୍ଥିତିକୁ ନେଇ ଏଭଳି ଏକ ଅତ୍ୟନ୍ତ ଉପଯୋଗୀ ପତ୍ରିକା ଆରମ୍ଭ କରିଥିବାରୁ ଅଭିନନ୍ଦନ । ସବୁଶ୍ରେଣୀର ଲୋକଙ୍କ ପାଇଁ ଏହି ପତ୍ରିକା ଅତ୍ୟନ୍ତ ମୂଲ୍ୟବାନ ଓ ଦରକାରୀ। ଅତି ସୁନ୍ଦରଭାବରେ ବିଷୟବସ୍ତୁ ସବୁ ସ୍ଥାନିତ ହୋଇଛି । ଆମେ ଇଂରାଜୀ ଓ ବାଂଲା ଭାଷାର ନ୍ୟୁ ଇଣ୍ଡିଆ ସମାଚାର ନିୟମିତ ପାଇବାକୁ ଆଗ୍ରହୀ । ସମଗ୍ର ଟିମ୍‌କୁ ଅଭିନନ୍ଦନ ।

ଧନ୍ୟବାଦ
ଡ. ଚନ୍ଦନ ବସୁ
**Email id outlineofindia@gmail.com**

## ଭାରତରେ କଲରାପତରିଆ ବାଘ ସଂଖ୍ୟା ୭୦ ଶତାଂଶ ବୃଦ୍ଧି



ଭାରତରେ ମହାବଳ ବାଘ ଓ ସିଂହଙ୍କ ସଂଖ୍ୟା ବୃଦ୍ଧି ପରେ ଏବେ କଲରାପତରିଆଙ୍କ ସଂଖ୍ୟା ଉଲ୍ଲେଖନୀୟଭାବେ ବଢ଼ିଛି । ଏବେ ଦେଶରେ ୧୨,୮୫୨ କଲରାପତରିଆ ଅଛନ୍ତି । ୨୦୧୪ରେ ହୋଇଥିବା ଗଣନାରେ ଏହି ସଂଖ୍ୟା ଥିଲା ୭୯୧୦ । ଫଳରେ ଗତ ୬ ବର୍ଷ ମଧ୍ୟରେ ଦେଶରେ କଲରାପତରିଆଙ୍କ ସଂଖ୍ୟା ୭୦ ଶତାଂଶ ବଢ଼ିଛି । ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ସର୍ବାଧିକ କଲରାପତରିଆ ଥିବା ଗଣନାରୁ ଜଣାପଡ଼ିଛି । ଗଣନା ଅନୁସାରେ ମଧ୍ୟପ୍ରଦେଶରେ ୩୪୨୧, କର୍ଣ୍ଣାଟକରେ ୧୭୮୩ ଓ ମହାରାଷ୍ଟ୍ରରେ ୧୬୯୦ କଲରାପତରିଆ ବାଘ ଅଛନ୍ତି । ଚିତ୍ର ଉତ୍ତୋଳନଭିତ୍ତିକ ଗଣନା ବ୍ୟବସ୍ଥା ଦ୍ୱାରା ଏହି ବାଘଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଇଛି । ଦେଶରେ ବଡ଼ କଲରାପତରିଆ ବାଘଙ୍କ ସଂଖ୍ୟା ୫୨୪୦ ଥିବା ଜଣାପଡ଼ିଛି । ମୋଟ ୫୧୩୩୭ ଫଟୋକୁ ଗଣନାର ପରିସରଭୁକ୍ତ କରାଯାଇ ଉନ୍ନତ ଟେକ୍ନୋଲଜି ମାଧ୍ୟମରେ ସେଗୁଡ଼ିକର ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେଥିରୁ ଯେଉଁ ବାଘଙ୍କର ଏକାଧିକ ଫଟୋ ଥିଲା ତାହାକୁ ଚିହ୍ନଟ କରି ଅଲଗା କରାଯିବା ପରେ କ୍ୟାମେରାରେ ସ୍ଥାନ ପାଇଥିବା ପ୍ରକୃତ କଲରାପତରିଆଙ୍କ ସଂଖ୍ୟା ୧୨୮୫୨ ଥିବା ଜଣାପଡ଼ିଛି ।

## ଏବେ ବିଜୁଳି ସଂଯୋଗ ପ୍ରଦାନରେ ବିଳମ୍ବ ଦଣ୍ଡନୀୟ ଅପରାଧ

ବିଜୁଳି ଉପଭୋକ୍ତାମାନଙ୍କୁ ସଶକ୍ତ କରିବା ପାଇଁ ସରକାର କେତେକ ନୂଆ ନିୟମ କାନୁନ ପ୍ରବର୍ତ୍ତନ କରିଛନ୍ତି । ଏହା ଫଳରେ ନୂଆ ବିଜୁଳି ସଂଯୋଗ ପାଇଁ ଉପଭୋକ୍ତା ଅନ୍‌ଲାଇନରେ ଆବେଦନ କରିପାରିବେ ଏବଂ ବିଜୁଳି ବ୍ୟବହାର ବାବଦ ଦେୟ ଅନ୍‌ଲାଇନରେ ଦେଇପାରିବେ । ସରକାର ବିଜୁଳି ଉପଭୋକ୍ତାଙ୍କ ପାଇଁ କେତେକ ଅଧିକାର ଉଲ୍ଲେଖକରି ୨୦୨୦ରେ ଏକ ନୂଆ ଆଇନ ପ୍ରବର୍ତ୍ତନ କରିଛନ୍ତି । ଏହି ଆଇନ ଅନୁସାରେ ଆବେଦନ କରିବାର ୭ ଦିନ ମଧ୍ୟରେ ମେଟ୍ରୋ ସିଟିଗୁଡ଼ିକରେ ଉପଭୋକ୍ତାଙ୍କ ଘରକୁ ବିଜୁଳି ଯୋଗାଇ ଦିଆଯିବ । ଦେଶର ଅନ୍ୟାନ୍ୟ ସହରଗୁଡ଼ିକରେ ଏହି ସଂଯୋଗ ଦେବା ପାଇଁ ସର୍ବାଧିକ ୧୫ ଦିନ ଏବଂ ଗ୍ରାମାଞ୍ଚଳ ପାଇଁ ୩୦ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି ସମୟସୀମା ମଧ୍ୟରେ ଉପଭୋକ୍ତାଙ୍କୁ ବିଜୁଳି ସଂଯୋଗ ନ ଦେଲେ ସଂପୃକ୍ତ ବିତରଣକାରୀ କଂପାନୀ ଓ ସଂସ୍ଥା ବିରୋଧରେ ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି । ଏହି ନୂଆ ଆଇନ ଫଳରେ ବର୍ତ୍ତମାନ ୩୦ କୋଟି ବିଜୁଳି ଗ୍ରାହକ ଏବଂ ଆଗାମୀ ଦିନର ଉପଭୋକ୍ତାମାନେ ଉପକୃତ ହେବେ । ନୂଆ ବିଜୁଳି ସଂଯୋଗ, ଉପଭୋକ୍ତାଙ୍କୁ ଅର୍ଥ ଫେରସ୍ତ ଏବଂ ଅନ୍ୟାନ୍ୟ ସେବା ଯୋଗାଣ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରିବା ପାଇଁ ନୂତନ ଆଇନରେ ବ୍ୟବସ୍ଥା କରାଯାଇଛି ।

## ଡିସେମ୍ବର ୨୦୨୦ରେ ସର୍ବାଧିକ ଜିଏସଟି ସଂଗ୍ରହ

ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାକୁ ଦ୍ରୁତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସମ୍ମିଳିତ ପ୍ରୟାସ ଫଳରେ ଡିସେମ୍ବର ୨୦୨୦ରେ ସର୍ବାଧିକ ଜିଏସ୍‌ଟି ସଂଗ୍ରହ ହୋଇଛି । ଜିଏସ୍‌ଟି ଫାଙ୍କୁଥିବା ବା ଟିକସ ପୈଠରେ ଜାଣିଶୁଣି ତ୍ରୁଟି କରୁଥିବା ଲୋକଙ୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଫଳରେ ରାଜସ୍ୱ ଆଦାୟ ପରିମାଣ ଯଥେଷ୍ଟ ବଢ଼ିଛି । ୨୦୨୦ ଡିସେମ୍ବରରେ ଜିଏସଟି ବାବଦ ମୋଟ ୧.୧୫ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି; ଯାହା ଏକ ସର୍ବକାଳୀନ ରେକର୍ଡ । ୨୦୧୯ ଡିସେମ୍ବର ମାସରେ ଯେତେ ଜିଏସ୍‌ଟି ସଂଗ୍ରହ ହୋଇଥିଲା ତାହାଠାରୁ ଏହା ୧୨ ଶତାଂଶ ଅଧିକ । ଏହି ରେକର୍ଡ ଆଦାୟ ସହ ପ୍ରଥମଥର ପାଇଁ ଭାରତରେ ଜିଏସ୍‌ଟି ସଂଗ୍ରହ ପରିମାଣ ୧.୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ୨୦୧୯ ଏପ୍ରିଲରେ ଏହା ପୂର୍ବରୁ ସର୍ବାଧିକ ୧.୧୩ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା । ଗତବର୍ଷ ନଭେମ୍ବର ମାସରେ ଜିଏସ୍‌ଟି ଆଦାୟ ପରିମାଣ ଥିଲା ୧.୦୪ ଲକ୍ଷ କୋଟି ଟଙ୍କା । ଗତ ୨୧ ମାସ ମଧ୍ୟରେ ମାସିକିଆ ରାଜସ୍ୱ ଆଦାୟ କ୍ଷେତ୍ରରେ ଏହା ସର୍ବାଧିକ ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ 'ଡାକ୍ ପେ' ଆପ୍ ପ୍ରଚଳନ

ଦେଶର ସବୁ ଅଞ୍ଚଳର ଲୋକଙ୍କୁ ଡିଜିଟାଲ ବିତ୍ତୀୟ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରିବା ପାଇଁ ଚାଲିଥିବା ଉଦ୍ୟମର ଅଂଶବିଶେଷ ସ୍ୱରୂପ ଡାକ ବିଭାଗ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମିଳିତଭାବେ ଏକ ନୂଆ ଡିଜିଟାଲ ପେମେଣ୍ଟ ଆପ୍ 'ଡାକ୍ ପେ'କୁ ୨୦୨୦ ଡିସେମ୍ବର ୧୫ରେ ପ୍ରଚଳନ କରିଛନ୍ତି । ଏହି 'ଡାକ୍ ପେ'ର ପ୍ରବର୍ତ୍ତନ ଫଳରେ ପ୍ରିୟଜନଙ୍କ ନିକଟକୁ ଟଙ୍କା ସମେତ ଅନ୍ୟାନ୍ୟ ଅନେକ ସୁବିଧା ସୁଯୋଗ ମିଳିପାରିବ । ଡିଏମ୍‌ଟି ବ୍ୟବସ୍ଥାରେ ଏହାଦ୍ୱାରା ସେବା ଓ ବେପାର ବଣିଜ ପାଇଁ ମଧ୍ୟ ଅର୍ଥ ଦେଣନେଣ କରିହେବ । ଏହି ଡିଜିଟାଲ କାରବାରରେ ଡେବିଟ୍ କାର୍ଡ ଓ ୟୁପିଆଇକୁ ବ୍ୟବହାର କରାଯିବ ଏବଂ ବାୟୋମେଟ୍ରିକ ସହାୟତାରେ କ୍ୟାଶଲେସ୍ କାରବାର ଚାଲିବ । ସଂକ୍ଷେପରେ କହିଲେ, ଏହି 'ଡାକ୍ ପେ' ଆନ୍ତଃ କାରବାର ପାଇଁ ଏକ ପ୍ରକାର ବ୍ୟାଙ୍କ ସେବା ଯୋଗାଣକାରୀ ବ୍ୟବସ୍ଥା ।

## ପ୍ରଧାନମନ୍ତ୍ରୀଙ୍କୁ 'ଲିଜନ ଅଫ୍ ମେରିଟ' ପୁରସ୍କାର



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକାର ରାଷ୍ଟ୍ରପତି ଗତ ମାସରେ ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର 'ଦି ଲିଜନ ଅଫ୍ ମେରିଟ' ପ୍ରଦାନ କରିଛନ୍ତି। ଭାରତକୁ ଏକ ବିଶ୍ୱଶକ୍ତିରେ ପରିଣତ କରିବା ପାଇଁ ନିରନ୍ତର ଉଦ୍ୟମ ଓ ଲକ୍ଷ୍ୟ ତଥା ଭାରତ-ଆମେରିକୀୟ ରଣକୌଶଳାତ୍ମକ ସଂପର୍କ ବୃଦ୍ଧି ତଥା ବିଶ୍ୱ ଶାନ୍ତି ଓ ସମୃଦ୍ଧି ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆମେରିକାର ଏହି ସମ୍ମାନଜନକ ପୁରସ୍କାର ପାଇଁ ବିଭିନ୍ନ ଦେଶର ସରକାରୀ ଓ ରାଷ୍ଟ୍ର ମୁଖ୍ୟଙ୍କୁ ସେମାନଙ୍କ ଅବଦାନଭିତ୍ତିରେ ବଛାଯାଇ ପ୍ରଦାନ କରାଯାଇଥାଏ। ସ୍ୱୟଂ ଆମେରିକାର ରାଷ୍ଟ୍ରପତି ଏହି ସମ୍ମାନ ବ୍ୟକ୍ତିଗତଭାବେ ପ୍ରଦାନ କରିଥାନ୍ତି । ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ଜାତିସଂଘରେ ଥିବା ଭାରତର ରାଷ୍ଟ୍ରଦୂତ ତରଣଜିତ ସିଂହ ସାନ୍ଧୁ ମୋଦୀଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

## ଅକ୍ଟୋବରରେ ଇପିଏଫ୍ ଖାତାରେ ଯୋଡିହେଲେ ୧୧.୫୫ ଲକ୍ଷ କର୍ମଚାରୀ




୨୦୨୦ ଅକ୍ଟୋବର ମାସରେ କର୍ମଚାରୀ ଭବିଷ୍ୟନିଧି ସଂଗଠନରେ ଇପିଏଫ୍‌ଓରେ ୧୧.୫୫ ଲକ୍ଷ କର୍ମଚାରୀ ଯୋଡି ହୋଇଛନ୍ତି । ଏଥିରୁ ଦେଶରେ ନିଯୁକ୍ତିର ବିପୁଳ ସୁଯୋଗ ସୃଷ୍ଟି ହୋଇଥିବା ପ୍ରମାଣିତ ହୋଇଛି । ୨୦୨୦ ଡିସେମ୍ବର ୨୦ରେ ଇପିଏଫ୍ ପକ୍ଷରୁ ଯେଉଁ ପ୍ରୋଭିଜନାଲ ପେରୋଲ ଡାଟା ପ୍ରକାଶ କରାଯାଇଥିଲା ସେଥିରେ ଗତ ଅକ୍ଟୋବରରେ ୧୧.୫୫ ଲକ୍ଷ ନୂଆ ହିତାଧିକାରୀ ଏହି ସଂଗଠନରେ ସାମିଲ ହୋଇଥିବା ଦର୍ଶାଯାଇଛି। ଯେଉଁ କର୍ମଚାରୀମାନଙ୍କର ଇପିଏଫ୍ ଅବଦାନ ନୂଆ କରି ସେହି ମାସରେ ମିଳିଛି ତାହାକୁ ଭିତ୍ତିକରି ଏହି ତଥ୍ୟ ଚୂଡାନ୍ତ ହୋଇଛି। କରୋନା ମହାମାରୀ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୩୯.୩୩ ଲକ୍ଷ କର୍ମଚାରୀ ଇପିଏଫ୍‌ରେ ଯୋଗଦେଇଛନ୍ତି । ରାଜ୍ୟୱାରୀ ହିସାବରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ ଓ ହରିଆନାରେ ନିଯୁକ୍ତି ସୁଯୋଗ ଅଧିକ ସୃଷ୍ଟି ହୋଇଛି । ଯେଉଁ ନୂଆ କର୍ମଚାରୀ ଇପିଏଫ୍‌ରେ ଯୋଗଦେଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ରାଜ୍ୟର ।

## ଖୁବ୍‌ଶୀଘ୍ର ଟୋଲଗେଟ୍‌ମୁକ୍ତ ରାଜପଥ



ନାଗରିକଙ୍କ ଜୀବନଯାପନକୁ ସୁଗମ କରିବା ପାଇଁ ଅଙ୍ଗୀକୃତ ସରକାର ଏବେ ଦେଶର ବିଭିନ୍ନ ଜାତୀୟ ରାଜପଥରେ ଥିବା ଟୋଲଗେଟ ବା ପଥକର ଫାଟକଗୁଡିକୁ ଉଠାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ୨ ବର୍ଷ ମଧ୍ୟରେ କୌଣସି ଜାତୀୟ ରାଜପଥରେ ଆଉ ଟୋଲଗେଟ ରହିବ ନାହିଁ । କେନ୍ଦ୍ର ପରିବହନ ଓ ରାଜମାର୍ଗ ମନ୍ତ୍ରୀ ଶ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ପଥକର ଆଦାୟ ପାଇଁ ସରକାର ଜିପିଏସ୍ ଟେକ୍‌ନୋଲଜିର ଉପଯୋଗ କରିବେ । ଟୋଲଗେଟଗୁଡିକରେ ଲମ୍ବାଧାଡି ଲଗାଇ ଅପେକ୍ଷା କରିବା ପରିବର୍ତ୍ତେ ଗାଡିଚାଳକମାନେ ବିନା ପ୍ରତିବନ୍ଧକରେ ଆତଯାତ କରିପାରିବେ । ତେବେ ପଥକର ବାବଦ ସେମାନଙ୍କ ଦେୟ ଜିପିଏସ୍ ଟେକ୍‌ନୋଲଜି ସାହାଯ୍ୟରେ ଆଦାୟ ହେବ । ସେ ବାବଦ ଅର୍ଥ ଗାଡି ମାଲିକଙ୍କ ଆକାଉଣ୍ଟରୁ ପଥକର ବାବଦ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ଏବେ ସମସ୍ତ ପ୍ରକାର ବ୍ୟବସାୟିକ ଯାନରେ ଭେଇକିଲ ଟ୍ରାକିଂ ବ୍ୟବସ୍ଥା ଉପଲବ୍ଧ ହେଉଛି । ପୁରୁଣା ଯାନଗୁଡିକରେ ସରକାର ଜିପିଏସ୍ ଟେକ୍‌ନୋଲଜି ଲଗାଇବେ । ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ସରକାର ୩୪ ହଜାର କୋଟି ଟଙ୍କାର ପଥକର ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଜିପିଏସ୍ ଟେକ୍‌ନୋଲଜି ବ୍ୟବହାର କରିବା ପରେ ଆସନ୍ତା ୫ ବର୍ଷ ମଧ୍ୟରେ ଏ ବାବଦ ଆୟ ୧୩୪୦୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି । ■



# ମହାନ୍ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

ଯଦି ପ୍ରଶ୍ନ କରାଯାଏ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନାମ କ’ଣ, ଉତ୍ତରରେ ଅଧିକାଂଶ କହିବେ ପଣ୍ଡିତ ଜବାହରଲାଲ ନେହରୁ ; କିନ୍ତୁ କେତେଜଣ ଜାଣନ୍ତି ଭାରତର ପ୍ରଥମ ଅସ୍ଥାୟୀ ସରକାର କିଏ ଗଠନ କରିଥିଲେ ? ଭାରତ ସ୍ୱାଧୀନତା ହାସଲ କରିବା ପୂର୍ବରୁ ଦେଶର ପ୍ରଥମ ଅସ୍ଥାୟୀ (ପ୍ରଭିଜନାଲ) ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠନ କରାଯାଇଥିଲା । ସେ ମଧ୍ୟ ଏହି ସରକାରର ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ୨୦୧୮ ଅକ୍ଟୋବର ୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜାଦ୍ ହିନ୍ଦ୍ ଫୌଜ ସରକାର ପ୍ରତିଷ୍ଠାର ୭୫ ବର୍ଷ ପାଳନ ଉପଲକ୍ଷେ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ୨୦୨୧ ଜାନୁୟାରୀ ୨୩ ତାରିଖରେ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ସହିତ ଏହାକୁ ବର୍ଷବ୍ୟାପୀ ପାଳନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ।

ଜାନୁଆରୀ ୨୩ ତାରିଖ ୧୮୯୭ ମସିହା ଓଡ଼ିଶାର କଟକରେ ଜାନକୀନାଥ ବୋଷ ତାଙ୍କ ଡାଏରୀରେ ଲେଖିଥିଲେ, ‘ଆଜି ଅପରାହ୍ଣରେ ଏକ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଛି ।’ ବାପା ଚାହିଁଥିଲେ ତାଙ୍କ ଏହି ନବଜାତ ସନ୍ତାନ ଭବିଷ୍ୟତରେ ଜଣେ ଆଇସିଏସ୍ ଅଫିସର ହେଉ । ୧୯୨୦ରେ ତାଙ୍କ ପୁଅ ସେ ଇଚ୍ଛା ପୂରଣ କଲା । ଆଇସିଏସ୍ ପରୀକ୍ଷାରେ ପୁଅକୁ ଚତୁର୍ଥ ସ୍ଥାନ ମିଳିଥିଲା ; କିନ୍ତୁ ବୋଧହୁଏ ଆଇସିଏସ୍ ପରିବର୍ତ୍ତେ ଜାନକୀନାଥଙ୍କ ପୁତ୍ର ଦେଶମାତୃକାର ସେବା ପାଇଁ ଲଗ୍ନିକୃତ ହୋଇଥିଲେ ।

ଏହି ପିଲାଟି ୧୫-୧୬ ବର୍ଷ ବୟସରେ ନିଜ ମା’ଙ୍କୁ ଏକ ହୃଦୟସ୍ପର୍ଶୀ ଚିଠି ଲେଖିଥିଲେ । ସେ ତାଙ୍କ ମା’ଙ୍କୁ ଚିଠି ମାଧ୍ୟମରେ ପ୍ରଶ୍ନ ପଚାରିଥିଲେ, ‘ମାଲୋ ଆମ ଦେଶ କ’ଣ ଦିନକୁ ଦିନ ରସାତଳକୁ ଯାଉଥିବ ? ଦୁଃଖିନୀ ଭାରତମାତାର ଏମିତି କ’ଣ ଜଣେ କେହି ସନ୍ତାନ ନାହାନ୍ତି ଯେ କି ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିପାରିବ ? ମା’ ମୋତେ କୁହ ଆମର ଏହି ନିଦ୍ରା କେବେ ଭାଙ୍ଗିବ ?’ ହୋଇପାରେ ବୋଧହୁଏ ଦେଶମାତୃକା ପ୍ରତି ତାଙ୍କର ଏହି ପ୍ରେମ ଓ ଭକ୍ତି ଯୋଗୁଁ ସେ ଜଣେ ଆଇସିଏସ୍ ଅଧିକାରୀଭାବେ ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି କରିବା ପାଇଁ ଉଚିତ ମନେ କରି ନ ଥିଲେ ।

"
**ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସାହସିକତା ସମସ୍ତଙ୍କୁ ବେଶ୍ ଜଣା । ସେ ଜଣେ ଉଚ୍ଚକୋଟୀର ବିଦ୍ୱାନ, ସୈନିକ ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଆମେ ଖୁବଶୀଘ୍ର ତାଙ୍କର ୧୨୫ତମ ଜୟନ୍ତୀ ପାଳନ କରିବା। ସେଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଆସନ୍ତୁ ସମସ୍ତେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ବେଶ୍ ସୁନ୍ଦରଭାବରେ ପାଳନ କରିବା ।**
"
**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ଡିସେମ୍ବର ୨୧ରେ ଦେଇଥିବା ଟ୍ୱିଟ ବାର୍ତ୍ତା**



୧୯୨୧ ମସିହାରେ ଆଇସିଏସ୍‌ରୁ ଇସ୍ତଫା ଦେବା ପୂର୍ବରୁ ତାଙ୍କ ବଡ଼ଭାଇ ଶରତଚନ୍ଦ୍ର ବୋଷଙ୍କ ପାଖକୁ ସେ ଲେଖିଥିଲେ, 'କେବଳ ଯନ୍ତ୍ରଣା ଓ ତ୍ୟାଗର ଭୂମି ଉପରେ ଆମେ ଆମର ଜାତୀୟ ପ୍ରାସାଦ ନିର୍ମାଣ କରିପାରିବା।' ଚାକିରିରୁ ଇସ୍ତଫା ଦେବା ପରେ ସେ ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ପରାମର୍ଶକ୍ରମେ ମହାତ୍ମା ଗାନ୍ଧୀଙ୍କୁ ଭେଟିବାକୁ ଆସିଲେ । ଏହା ପରେ ସେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ଚିନ୍ତକ ପାଲଟିଗଲେ; ଯିଏ ସମଗ୍ର ଜୀବନକୁ ଭାରତୀୟ ମୁକ୍ତି ସଂଗ୍ରାମ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କୁ ରାଷ୍ଟ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନାମରେ ଜାଣେ । ନେତାଜୀ ପ୍ରଥମ ବ୍ୟକ୍ତି ଯିଏ ସର୍ବପ୍ରଥମ ମହାତ୍ମା ଗାନ୍ଧୀଙ୍କୁ ଜାତିର ପିତାଭାବେ ସମ୍ବୋଧନ କରିଥିଲେ । ୧୯୨୧ରୁ ୧୯୪୧ ମଧ୍ୟରେ ବ୍ରିଟିଶ ସରକାରଙ୍କ ଦ୍ୱାରା ସେ ୧୧ ଥର ଗିରଫ ହୋଇ ଜେଲ ଯାଇଥିଲେ ।

୧୯୪୩ ଅକ୍ଟୋବର ୨୧ରେ ସୁଭାଷ ଚନ୍ଦ୍ର ବୋଷ ପ୍ରଥମେ ଭାରତର ଅସ୍ଥାୟୀ ସରକାର ଗଠନ ଘୋଷଣା

## ନେତାଜୀଙ୍କ ଐତିହ୍ୟକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ପାଇଁ ଉଦ୍ୟମ

କ୍ଷମତାକୁ ଆସିବା ପରେ ୨୦୧୪ରୁ ବର୍ତ୍ତମାନର ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୂଲ୍ୟବାନ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

୨୦୧୮ ଅକ୍ଟୋବର ୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତାଜୀଙ୍କ ସମ୍ମାନର୍ଥେ ଆଜାଦହିନ୍ଦ୍ ସରକାର ଗଠନର ୭୫ତମ ବାର୍ଷିକୀ ପାଳନ ଅବସରରେ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରଥମଥର ପାଇଁ ସ୍ୱାଧୀନତା ଦିବସ ବ୍ୟତୀତ ଲାଲକିଲ୍ଲାରେ ଅନ୍ୟ ଦିନ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, 'ଏହା ହେଉଛି ସେହି ଲାଲକିଲ୍ଲା ଯେଉଁଠି ୭୫ ବର୍ଷ ତଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏକ ବିଜୟ ପରେଡର ସ୍ୱପ୍ନ ଦେଖିଥିଲେ । ଆଜାଦହିନ୍ଦ ସରକାରର ପ୍ରଥମ ପ୍ରଧାନମନ୍ତ୍ରୀଭାବେ ଶପଥ ନେବା ସହ ନେତାଜୀ ଘୋଷଣା କରିଥିଲେ ଯେ ଦିନେ ଲାଲକିଲ୍ଲାରେ ପୂର୍ଣ୍ଣ ମର୍ଯ୍ୟାଦାର ସହ ତ୍ରିରଙ୍ଗା ଉତ୍ତୋଳିତ ହେବ । ଆଜି ଭାରତର ୧୨୫ କୋଟି ଲୋକ ନୂଆ ଭାରତର ସଂକଳ୍ପ ସହ ଆଗକୁ ବଢ଼ୁଛନ୍ତି । ଏହି ନୂଆ ଭାରତର ସ୍ୱପ୍ନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରିକଳ୍ପନା ଥିଲା ।' କେବଳ ସେତିକି ନୁହେଁ, ୨୦୧୮ରେ ତାଙ୍କର ଆଣ୍ଡାମାନ ନିକୋବର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ନେତାଜୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନର ୭୫ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ଯୋଗଦେଇଥିଲେ ।

### ଇତେହାଦ୍, ଇତ୍‌ମଦ୍ ଓ କୁର୍ବାନି

- ନେତାଜୀ ଦୁଇଭାଗ ବିଶିଷ୍ଟ ଏକ ବହି ଲେଖିଥିଲେ; ଯାହାର ନାମ 'ଦି ଇଣ୍ଡିଆନ ଷ୍ଟ୍ରଗଲ' ବା ଭାରତୀୟ ସଂଗ୍ରାମ ।
- ୧୯୪୧ ନଭେମ୍ବରରେ ସୁଭାଷ ଚନ୍ଦ୍ର ବୋଷ ଫ୍ରି ଇଣ୍ଡିଆ ସେଣ୍ଟର ଏବଂ ଆଜାଦହିନ୍ଦ୍ ରେଡିଓ ପ୍ରତିଷ୍ଠା କରିଥିଲେ। ଏହା ମଧ୍ୟ ବର୍ଲିନରେ ଫ୍ରି ଇଣ୍ଡିଆ ରେଡିଓ ନାମରେ ପରିଚିତ ଥିଲା ।
- ଇତେହାଦ୍ (ଐକ୍ୟ), ଇତ୍‌ମଦ (ବିଶ୍ୱାସ) ଏବଂ କୁର୍ବାନି (ତ୍ୟାଗ) ଆଜାଦହିନ୍ଦ୍ ଆନ୍ଦୋଳନର ଲକ୍ଷ୍ୟ ଥିଲା ।



କରିଥିଲେ। ଏହି ସରକାରର ସେ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ। ଲେଫ୍ଟନାଣ୍ଟ କର୍ଣ୍ଣେଲ ଏ.ସି. ଚାଟାର୍ଜୀ ଅର୍ଥମନ୍ତ୍ରୀ, ଏ.ଏସ୍. ଆୟାରଙ୍କୁ ପ୍ରଚାର ଓ ପ୍ରସାର ମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିବାବେଳେ ସରକାରର ସର୍ବୋଚ୍ଚ ପରାମର୍ଶଦାତା ନିଯୁକ୍ତ ହୋଇଥିଲେ ରାସବିହାରୀ ବୋଷ । ନେତାଜୀଙ୍କ ସରକାରକୁ ସେହି ସମୟରେ ୯ଟି ଦେଶ ସ୍ୱୀକୃତି ପ୍ରଦାନ କରିଥିଲେ । ୧୯୪୩ ଅକ୍ଟୋବର ୨୩ରେ ଜାପାନ ପ୍ରଥମ ଦେଶଭାବେ ଆଜାଦହିନ୍ଦ୍ ସରକାରକୁ ସ୍ୱୀକୃତି ପ୍ରଦାନ କରିଥିଲା। ଏହା ପରେ ଜର୍ମାନୀ, ଫିଲିପାଇନ୍ସ, ଥାଇଲାଣ୍ଡ, ମାଞ୍ଚୁରିଆ ଓ କ୍ରୋଏସିଆ ପକ୍ଷରୁ ମଧ୍ୟ ଏହି ସରକାରକୁ ସ୍ୱୀକୃତି ଦିଆଯାଇଥିଲା । ଜାପାନ ସହାୟତାରେ ଆଜାଦହିନ୍ଦ୍ ସରକାର ବର୍ମା ବାଟ ଦେଇ ଭାରତର ଉତ୍ତର ପୂର୍ବାଞ୍ଚଳରେ ପ୍ରବେଶ କରିବାକୁ ଏକ ଯୋଜନା ପ୍ରସ୍ତୁତ କରିଥିଲା । ସେତେବେଳେ ବର୍ମାର ରାଜଧାନୀ ରେଙ୍ଗୁନକୁ ନେତାଜୀ ତାଙ୍କ ଅସ୍ଥାୟୀ ସରକାରର ସଦର କାର୍ଯ୍ୟାଳୟ କରିଥିଲେ । ରେଙ୍ଗୁନ ସେତେବେଳେ ଜାପାନ ଅଧୀନରେ ରହିଥିଲା । ୧୯୪୪ ମାର୍ଚ୍ଚ ୧୮ରେ ସୁଭାଷ ଚନ୍ଦ୍ର ବୋଷ ଏବଂ ତାଙ୍କ ଆଜାଦହିନ୍ଦ୍ ଫୌଜର ସଦସ୍ୟମାନେ ଭାରତର ସୀମା ଅତିକ୍ରମ କରି କୋହିମାରେ ପ୍ରବେଶ କରିଥିଲେ ।

## ୧୨୫ତମ ଜୟନ୍ତୀ ପାଳନ ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ବର୍ଷବ୍ୟାପୀ ପାଳନ କରିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବିଶେଷଜ୍ଞ, ଐତିହାସିକ, ଲେଖକ ଓ ନେତାଜୀଙ୍କ ପରିବାରର ଲୋକ ସଦସ୍ୟ ଅଛନ୍ତି । ଏହାଛଡା ଆଜାଦ୍‌ହିନ୍ଦ ସହ ସଂପୃକ୍ତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି କମିଟିରେ ରଖାଯାଇଛି । ଚଳିତବର୍ଷ ଜାନୁୟାରୀ ୨୩ରୁ ଯେଉଁ ବର୍ଷବ୍ୟାପୀ ନେତାଜୀ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଆରମ୍ଭ ହେବ ସେଥିରେ କ'ଣ ସବୁ କାର୍ଯ୍ୟକ୍ରମ ରହିବ ତାହା ଏହି କମିଟି ଚୂଡାନ୍ତ କରିବ । ଏହି ଏକବର୍ଷ ମଧ୍ୟରେ ଦିଲ୍ଲୀ ଏବଂ କୋଲକାତାରେ ମଧ୍ୟ ନେତାଜୀଙ୍କ ଜୟନ୍ତୀ ପାଳନ କରିବା ପାଇଁ ସ୍ମାରକ ଉତ୍ସବମାନ ଆୟୋଜିତ ହେବ । ଏହାଛଡା ନେତାଜୀ ଓ ଆଜାଦହିନ୍ଦ୍ ଫୌଜ ସହ ସଂପୃକ୍ତ ଦେଶ ବିଦେଶର ଅନ୍ୟାନ୍ୟ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହେବାର ଯୋଜନା ରହିଛି । କେନ୍ଦ୍ର ସଂସ୍କୃତି ସଚିବ ରାଘବେନ୍ଦ୍ର ସିଂହ କହିଛନ୍ତି ଯେ ନେତାଜୀଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମ ପାଳନ ଅବସରରେ କୋଲକାତା ସ୍ଥିତ ଭିକ୍ଟୋରିଆ ମେମୋରିଆଲରେ ନେତାଜୀଙ୍କ ଉପରେ ଏକ ବିରାଟ ପ୍ରଦର୍ଶନୀ ଆୟୋଜିତ ହେବ । ସେହିଭଳି 'ଏକ ଭାରତ, ଶ୍ରେଷ୍ଠ ଭାରତ' ବିଷୟ ଭିତ୍ତିରେ ପଶ୍ଚିମବଂଗରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହେବାକୁ ନିଷ୍ପତ୍ତି ନିଆଯାଇଛି ।

# ୭୦ ବର୍ଷ ପରେ ନେତାଜୀଙ୍କ ନିଷିଦ୍ଧ ନଥିପତ୍ର ସର୍ବସାଧାରଣରେ ପ୍ରକାଶ କରାଗଲା







ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ରହସ୍ୟଜନକ ମୃତ୍ୟୁର ଅନୁସନ୍ଧାନ କରିବା ପାଇଁ ଅତିକମ୍‌ରେ ୩ଟି କମିଟି ଗଠିତ ହୋଇଥିଲା । ତେବେ ସେ ସବୁ କମିଟିର ରିପୋର୍ଟ ସର୍ବସାଧାରଣରେ ପ୍ରକାଶ ହୋଇ ନ ଥିଲା । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ଏ ଦିଗରେ ନିଷ୍ପତ୍ତି ଗ୍ରହଣ କରିଥିଲେ । ୨୦୧୫ ଅକ୍‌ଟେବାର ୧୪ରେ ନେତାଜୀଙ୍କ ପରିବାରର ୩୫ ଜଣ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ । ସେମାନଙ୍କୁ ଭେଟି ସାରିବା ପରେ ପ୍ରଧାନମନ୍ତ୍ରୀ କହିଥିଲେ, 'ଯେଉଁ ଦେଶ ତାହାର ଇତିହାସକୁ ଭୁଲିଯାଏ ସେ ଦେଶ ଇତିହାସ ସୃଷ୍ଟି କରିବାର ଶକ୍ତି ହରାଏ । ଇତିହାସର ଶ୍ୱାସରୋଧ କରିବାକୁ ମୁଁ କୌଣସି କାରଣ ଦେଖୁନାହିଁ । ସେଥିପାଇଁ ନେତାଜୀଙ୍କ ସଂପର୍କରେ ଥିବା ସମସ୍ତ ତଥ୍ୟାବଳୀକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିବେ ।' ଏଥିସହିତ ପ୍ରଥମ ଦଫାରେ ନେତାଜୀଙ୍କ ସଂପର୍କରେ ଥିବା ୩୩ଟି ଫାଇଲକୁ ୨୦୧୫ ଡିସେମ୍ବର ୪ରେ ଜାତୀୟ ଅଭିଲେଖାଗାରକୁ ପ୍ରଦାନ କରାଯାଇଥିଲା । ୨୦୧୬ ଜାନୁୟାରୀ ୨୩ରେ ନେତାଜୀ ଜୟନ୍ତୀ ଅବସରରେ ୧୦୦ ଫାଇଲର ଡିଜିଟାଲ କପିକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ । ନେତାଜୀଙ୍କ ସଂପର୍କରେ ଥିବା ସମସ୍ତ ଫାଇଲକୁ **www.netajipapers.gov.in** ମାଧ୍ୟମରେ ଦେଖିହେବ ।

- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ସଂଗ୍ରହାଳୟ ଲାଲକିଲ୍ଲାଠାରେ ସ୍ଥାପନ କରାଯାଇଛି । ଏହାଛଡା ସରକାର କୋଲକାତାରେ ଏଭଳି ଏକ ମ୍ୟୁଜିୟମ ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି ।
- ୨୦୧୮ରେ ଆଣ୍ଡାମାନ ଓ ନିକୋବରର ୩ଟି ଦ୍ୱୀପର ପୁନଃ ନାମକରଣ କରାଯାଇଥିଲା । ରସ୍ ଦ୍ୱୀପର ନାମ ବଦଳାଇ ଏହାକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ କରାଯାଇଛି । ସେହିଭଳି ନେଲ୍ ଦ୍ୱୀପର ନାମ ସହିଦ ଦ୍ୱୀପ ଏବଂ ହାଭ୍‌ଲକ ଦ୍ୱୀପର ନାମ ସ୍ୱରାଜ ଦ୍ୱୀପ ରଖାଯାଇଛି ।
- ୨୦୧୮ରେ ସରକାର ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର ନାମରେ ଏକ ପୁରସ୍କାର ଘୋଷଣା କରିଛନ୍ତି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଓ ପ୍ରଶଂସାଯୋଗ୍ୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନର ବ୍ୟବସ୍ଥା ହୋଇଛି ।

## ଜାତୀୟ ସଂଗୀତ ଓ ଜାତୀୟ ପତାକା ଉପରେ ନିଷ୍ପତ୍ତି

ରବୀନ୍ଦ୍ର ନାଥ ଠାକୁରଙ୍କ 'ଜନଗଣ ମନ'କୁ ଆଜାଦହିନ୍ଦ୍ ଫୌଜର ଜାତୀୟ ସଂଗୀତ କରିବାକୁ ନେତାଜୀ ନିଷ୍ପତ୍ତି ନେଇଥିଲେ । ନେତାଜୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଧୀନତା ପରେ ଭାରତ ସରକାର ଅନୁମୋଦନ କରିଥିଲେ ।

ସେ ମଧ୍ୟ ସ୍ଥିର କରିଥିଲେ ଯେ ଭାରତରେ ଜୟହିନ୍ଦ୍‌କୁ ସାଧାରଣ ଅଭିବାଦନର ସମ୍ବୋଧନଭାବେ ଗ୍ରହଣ କରାଯିବ। ସେ ତାଙ୍କର ଅନୁଗାମୀ ଓ ସମର୍ଥକମାନଙ୍କୁ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଜୟହିନ୍ଦ୍ ମାଧ୍ୟମରେ ଅଭିବାଦନ ଜଣାଇବାକୁ ଉତ୍ସାହିତ କରିଥିଲେ । ଆବିଦ ହସନ୍ ଯିଏ କି ନେତାଜୀଙ୍କର ବ୍ୟକ୍ତିଗତ ସଚିବ ଓ ଦ୍ୱିଭାଷୀ ଥିଲେ; ସେ ଏହି ଜୟହିନ୍ଦ୍‌ର ସ୍ରଷ୍ଟା ଥିଲେ । ତାଙ୍କ ପ୍ରସ୍ତାବ ନେତାଜୀଙ୍କ ମନକୁ ବେଶ୍ ପାଇଥିଲା ଏବଂ ପରବର୍ତ୍ତୀ ସମୟରେ ଆଜାଦହିନ୍ଦ ଫୌଜର ସଦସ୍ୟମାନଙ୍କ ପାଇଁ ଏହା ସାଧାରଣ ଅଭିବାଦନ ଶବ୍ଦ ପାଲଟିଥିଲା । ସେହିଭଳି ଆଜାଦହିନ୍ଦ ସରକାର ଗୈରିକ, ସବୁଜ ଓ ଶ୍ୱେତ ରଙ୍ଗର ତ୍ରିରଙ୍ଗା ପତାକା ଯାହା ଏକଦା ଭାରତୀୟ ଜାତୀୟ କଂଗ୍ରେସର ଧ୍ୱଜା ଥିଲା; ନେତାଜୀ ତାହାକୁ ଆଜାଦହିନ୍ଦ୍ ସରକାରର ଜାତୀୟ ପତାକା କରିଥିଲେ ।





# ସମସ୍ତଙ୍କ ପାଇଁ ଶିକ୍ଷା ଓ ବିକାଶ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତ ଅଭିଯାନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇ ମର୍ଯ୍ୟାଦାଜନକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଲିଗଡ଼ ମୁସଲିମ ୟୁନିଭର୍ସିଟି ଓ ବିଶ୍ୱଭାରତୀ ୟୁନିଭର୍ସିଟିର ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଛନ୍ତି ।**

ବର୍ତ୍ତମାନ ଦେଶ ଯେଉଁ ରାସ୍ତାରେ ଆଗେଇ ଚାଲିଛି ସେ ମାର୍ଗରେ ପ୍ରତ୍ୟେକ ନାଗରିକ ନିଜ ନିଜର ସାମ୍ବିଧାନିକ ଅଧିକାର ଘେନି ଦୃଢ ନିଶ୍ଚିତ । ନିଜର ଧର୍ମକୁ ନେଇ କେହି ପଛରେ ପଡ଼ିଯିବାର ଅବକାଶ ନାହିଁ ଏବଂ ଏହା ହେଉଛି ସବ୍‌କା ସାଥ, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ଶପଥର ଭିତ୍ତି । ଭାରତ ଏକ ପର୍ଯ୍ୟାୟ ଆଡକୁ ମୁହାଁଇଛି, ଯେଉଁଠି ଆତ୍ମନିର୍ଭର ଭାରତ ଗଠନରେ ଏହି ବିଚାର ପ୍ରକ୍ରିୟା ଅଗ୍ରାଧିକାର ପାଇଛି । ନିକଟରେ ଦୁଇ ସମ୍ମାନଜନକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଲିଗଡ ମୁସଲିମ ୟୁନିଭର୍ସିଟି (ଏଏମ୍‌ୟୁ) ଏବଂ ବିଶ୍ୱଭାରତୀ ୟୁନିଭର୍ସିଟିର ଶିକ୍ଷାର୍ଥୀ ଏବଂ ଅଧାପକମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ଏହି ମତ ଉପସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏବେ ଦେଶ ଯେଉଁ ମାର୍ଗରେ ଗତି କରୁଛି, ସେଥିରେ ଦେଶର ପ୍ରତ୍ୟେକ ନାଗରିକ ବିନା ବାଛବିଚାରରେ ବିକାଶର ସୁଫଳ ପାଇପାରିବେ । ଏବେ ଦେଶ ଯେଉଁ ପଥରେ ଯାଉଛି ସେଥିରେ ପ୍ରତ୍ୟେକ ନାଗରିକ ନିଜର ସମସ୍ତ ସାମ୍ବିଧାନିକ ଅଧିକାର ପାଇବାକୁ ଏବଂ ନିଜର ଭବିଷ୍ୟତ ନେଇ ଦୃଢ ନିଶ୍ଚିତ । ଦେଶର ଏହି ବିକାଶ ଯାତ୍ରାରେ କୌଣସି ବ୍ୟକ୍ତି ନିଜର ଧର୍ମ ଆଧାରରେ ପଛରେ ପଡିଯିବେ ନାହିଁ । ପ୍ରତ୍ୟେକ  ନାଗରିକ ସମାନ ସୁବିଧା ସୁଯୋଗ ପାଇ ଆଗକୁ ବଢିବାର ସୁବିଧା

## ଭେଦଭାବ ରହିତ ବିକାଶ



୪୦ କୋଟିରୁ ଅଧିକ ଗରିବ ଲୋକଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଖୋଲାଯାଇଛି



୨ କୋଟିରୁ ଅଧିକ ଗରିବ ଲୋକ ପକ୍କାଘର ପାଇଛନ୍ତି



୮ କୋଟିରୁ ଅଧିକ ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯାଇଛି

କରୋନା ମହାମାରୀ ସମୟରେ ୮୦ କୋଟି ଦେଶବାସୀ ମାଗଣାରେ ରାସନ ସାମଗ୍ରୀ ପାଇଛନ୍ତି



୫୦ କୋଟି ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୁକ୍ତ ଚିକିତ୍ସା ସୁବିଧା ମିଳିଛି

# ମହମ୍ମଡାନ ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜରୁ ଏଏମ୍ୟୁ

୧୮୮୭ ମସିହାରେ ସାର୍ ସୟେଦ ଅହମ୍ମଦ ଖାଁ ଏଏମ୍ୟୁ ପ୍ରତିଷ୍ଠା କରିଥିଲେ । ପୂର୍ବରୁ ଏହି ଶିକ୍ଷାନୁଷ୍ଠାନର ନାମ ଥିଲା ମହମ୍ମଡାନ ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ । ଅଲିଗଡ ମୁସଲିମ ୟୁନିଭର୍ସିଟି ଆଇନ ଅନୁସାରେ ୧୯୨୦ରେ ଏହା ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଲା ଏବଂ ସଂକ୍ଷେପରେ ଏଏମ୍ୟୁ ନାମରେ ପରିଚିତ ହେଲା । ଏହି ବିଶ୍ୱବିଦ୍ୟାଳୟର ୩ଟି ଶାଖା ରହିଛି । ସେଗୁଡିକ ହେଲା କେରଳର ମାଲ୍ଲାପୁରମ୍, ପଶ୍ଚିମବଙ୍ଗର ମୁର୍ଶିଦାବାଦ ଏବଂ ବିହାରର କିଷନଗଞ୍ଜ । ପ୍ରଧାନମନ୍ତ୍ରୀ ୨୦୨୦ ଡିସେମ୍ବର ୨୨ରେ ଏହି ବିଶ୍ୱବିଦ୍ୟାଳୟର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ଏକ ସ୍ମାରକ ଡାକଟିକଟ ଉନ୍ମୋଚନ କରିଥିଲେ ।



### ପ୍ରଧାନମନ୍ତ୍ରୀଙ୍କ ଭାଷଣର ମୁଖ୍ୟାଂଶ

- ଆମେ ଯେତେବେଳେ ନୂଆ ଭାରତର ଲକ୍ଷ୍ୟ ବିଷୟରେ ଆଲୋଚନା କରୁ ସେତେବେଳେ ଏଥିରେ ଦେଶର ବିକାଶ ହିଁ ଅଗ୍ରାଧିକାର ପାଏ । ଅତଏବ ସେଥିରେ ସମାଜ ଓ ରାଷ୍ଟ୍ରର ବିକାଶକୁ ରାଜନୈତିକ ଦୃଷ୍ଟିରୁ ଦେଖିବା ଅନୁଚିତ ।
- ଏବେ ଦେଶ ଯେଉଁ ପଥରେ ଗତି କରୁଛି ସେଥିରେ ବିନା ବାଛବିଚାରରେ ସବୁ ନାଗରିକ ବିକାଶର ଲାଭ ପାଇବାକୁ ହକ୍‌ଦାର ।
- ମୁସଲମାନ କନ୍ୟାମାନଙ୍କ ଶିକ୍ଷା ଓ ସେମାନଙ୍କ ସଶକ୍ତିକରଣ ପ୍ରତି ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ଗତ ୬ ବର୍ଷ ମଧ୍ୟରେ ପ୍ରାୟ ୧ କୋଟି ମୁସଲମାନ ଝିଅଙ୍କୁ ସରକାର ବୃତ୍ତି ଯୋଗାଇ ଦେଇଛନ୍ତି ।
- ଏକଦା ସମୟ ଥିଲା ଯେତେବେଳେ ମୁସଲମାନ କନ୍ୟାମାନେ ମଝିରେ ବହୁ ସଂଖ୍ୟାରେ ପାଠ ଛାଡୁଥିଲେ । ଏହି ଅଧାରୁ ପାଠ ଛାଡିବା ଘଟଣା ୭୦ ଶତାଂଶରୁ ଅଧିକ ଥିଲା । ଶୌଚାଳୟ ନ ଥିବାରୁ ସେମାନେ ମୁଖ୍ୟତଃ ପାଠ ଛାଡିବାକୁ ବାଧ ହେଉଥିଲେ । ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଗାଁଗୁଡିକରେ ମଧ୍ୟ ଶୌଚାଳୟ ନିର୍ମିତ ହେଲା । ଏହା ଫଳରେ ଏବେ ଏହି ଝିଅମାନଙ୍କର ଅଧାରୁ ପାଠ ଛାଡିବା ହାର ହ୍ରାସ ପାଇ ୩୦ ଶତାଂଶରେ ପହଞ୍ଚିଛି ।
- ତିନି ତଲାକ୍ ଭଳି କୁପ୍ରଥାର ଅବସାନ ଘଟାଇ ଭାରତରେ ଏକ ଆଧୁନିକ ମୁସଲମାନ ସମାଜ ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

## ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ: ଶିକ୍ଷାର ପ୍ରତିଷ୍ଠିତ ଅନୁଷ୍ଠାନ

ବିଶ୍ୱଭାରତୀ ଭାରତର ସର୍ବପୁରାତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ୧୯୨୧ ମସିହାରେ ଏହା ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ୧୯୫୧ ମେ ମାସରେ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଜାତୀୟ ଗୁରୁତ୍ୱ ବହନକାରୀ ପ୍ରତିଷ୍ଠାନଭାବେ ସଂସଦରେ ଅନୁମୋଦିତ ଏକ ଆଇନ ଜରିଆରେ ଘୋଷଣା କରାଯାଇଥିଲା । ୨୦୨୦ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏହାର ଶତବାର୍ଷିକ ଉତ୍ସବ ପାଳନ କରାଯାଇଥିଲା ।

- ବିଶ୍ୱଭାରତୀର ଏକଶହ ବର୍ଷର ଯାତ୍ରା ବେଶ୍ ସ୍ୱତନ୍ତ୍ର । ଗୁରୁଦେବଙ୍କ ବିଚାର, ଆଦର୍ଶ, ଲକ୍ଷ୍ୟ ଏବଂ ଭାରତମାତା ପାଇଁ କଠିନ ଶ୍ରମର ଏହା ଏକ ମୂର୍ତ୍ତିମନ୍ତ ପ୍ରତୀକ ।
- ବିଶ୍ୱଭାରତୀ ପାଇଁ ଗୁରୁଦେବ ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ମଧ୍ୟ ଆତ୍ମନିର୍ଭର ଭାରତର ସାରକଥା ।
- ଆତ୍ମନିର୍ଭର ଭାରତ ଅଭିଯାନର ମାର୍ଗ ମଧ୍ୟ ଭାରତର କଲ୍ୟାଣ ସହିତ ବିଶ୍ୱ କଲ୍ୟାଣ ଆଡେ ଅଗ୍ରସର ।
- ବିଶ୍ୱଭାରତୀରୁ ନିସୃତ ବାର୍ତ୍ତାକୁ ଭାରତ ସମଗ୍ର ବିଶ୍ୱରେ ପ୍ରସାରିତ କରୁଛି । ଆନ୍ତର୍ଜାତିକ ସୌରମେଣ୍ଟ ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ଭାରତ ଏବେ ବିଶ୍ୱର ନେତୃତ୍ୱ ନେଉଛି ।
- ଭାରତ ଏକମାତ୍ର ବୃହତ୍ ଦେଶ; ଯାହା ପ୍ୟାରିସ ଚୁକ୍ତି ଅନୁସାରେ ପରିବେଶଗତ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ମାର୍ଗରେ ଗତି କରୁଛି ।
- ଗୁରୁଦେବଙ୍କ ଲକ୍ଷ୍ୟ ଅନୁସାରେ ଯାହା ଭାରତରେ ଶ୍ରେଷ୍ଠ ତାହା ବିଶ୍ୱ କଲ୍ୟାଣରେ ନିୟୋଜିତ ହେବା ଉଚିତ ଏବଂ ବିଶ୍ୱରେ ଯାହାସବୁ ଉତ୍ତମ କଥା ରହିଛି ଭାରତ ସେଥିରୁ ଶିଖିବା ବାଞ୍ଛନୀୟ ।
- ନୂଆ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଭାରତ ଏହି ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛି । ବିଶ୍ୱଭାରତୀ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ।

ପାଇବେ ଏବଂ ନିଜର ସ୍ୱପ୍ନ ସାକାର କରିପାରିବେ । ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏହାର ଭିତ୍ତି। ଏହି ସଂକଳ୍ପ ଦେଶର ଉଦ୍ଦେଶ୍ୟ ଓ ନୀତିରେ ପ୍ରତିଫଳିତ। ଆଜି ଗରିବମାନଙ୍କ ପାଇଁ ଦେଶ ଯେଉଁ ଯୋଜନା ତିଆରି କରୁଛି ସେ ସବୁ ଧର୍ମ ଓ ବିଶ୍ୱାସ ନିର୍ବିଶେଷରେ ସମସ୍ତଙ୍କ ପାଖରେ ପହଞ୍ଚୁଛି ।' ଭାରତର ସମୃଦ୍ଧ ଶୈକ୍ଷିକ ଐତିହ୍ୟ ବିଶ୍ୱଭାରତୀ, ବିଏଚ୍‌ୟୁ, ଏଏମ୍ୟୁ, ମହୀଶୂର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ଏବଂ ଗୁଜରାଟ ବିଦ୍ୟାପୀଠ ଆଦି ବିଶ୍ୱବିଦ୍ୟାଳୟରେ ପ୍ରତିଫଳିତ ହେଉଛି । ଦେଶ ଯେତେବେଳେ ବୌଦ୍ଧିକ ଅଭିବୃଦ୍ଧିର ନୂଆ ଯୁଗ ଆଡକୁ ଅଗ୍ରସର ହେଉଥିଲା ସେହି ସମୟରେ ଭାରତରେ ଏସବୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ସେହି ସମୟର ଆମ ପୂର୍ବସୂରୀମାନେ ଏସବୁ ଶିକ୍ଷାନୁଷ୍ଠାନକୁ ଦୃଢଭାବେ ପ୍ରତିଷ୍ଠା କରିଥିଲେ । ଭାରତ ଯେତେବେଳେ ନ୍ୟୁ ଇଣ୍ଡିଆ ଲକ୍ଷ୍ୟ ଆଡେ ଅଗ୍ରସର ହେଉଛି, ସେତେବେଳେ ଏସବୁ ଅନୁଷ୍ଠାନର ଗୁରୁତ୍ୱ ଅଧିକ ଅନୁଭୂତ ହୁଏ । ସେହି ସମୟରେ ଏସବୁ ଶିକ୍ଷାନୁଷ୍ଠାନ ଭାରତୀୟ ମୁକ୍ତି ସଂଗ୍ରାମକୁ ଅତ୍ୟାବଶ୍ୟକ ବୌଦ୍ଧିକ ପ୍ରୋତ୍ସାହନ ଯୋଗାଇଥିଲେ । ସେହିଭଳି ଏସବୁ ଶିକ୍ଷାନୁଷ୍ଠାନ ଏବେ ଆତ୍ମନିର୍ଭର ଭାରତ ସ୍ୱପ୍ନ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ।

# ଏକ ସୁନେଲି ଭବିଷ୍ୟତର ଅଗ୍ରଦୂତ



## ବିଗତ ୨୭ ବର୍ଷ ମଧ୍ୟରେ ଏହା ତୃତୀୟ ରାଜିନାମା; ଏଥିସହିତ ଆଉ କୌଣସି ଦାବି ବାକି ରହିଲା ନାହିଁ

୨୦୨୦ ଜାନୁଆରୀ ମାସରେ କେନ୍ଦ୍ର ସରକାର, ଆସାମ ସରକାର ଏବଂ ବୋଡୋ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ଐତିହାସିକ ରାଜିନାମା ସ୍ୱାକ୍ଷରିତ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, 'ଉତ୍ତର ପୂର୍ବାଞ୍ଚଳ, ଜମ୍ମୁ କଶ୍ମୀର ହେଉ କିମ୍ବା ନକ୍ସଲ ପ୍ରଭାବିତ ଅଞ୍ଚଳ; ଯେଉଁମାନେ ଅସ୍ତ୍ରଶସ୍ତ୍ର ଓ ହିଂସାରେ ବିଶ୍ୱାସ କରୁଛନ୍ତି ମୁଁ ସେମାନଙ୍କୁ ଅନୁରୋଧ କରୁଛି ସେମାନେ ବୋଡୋ ଯୁବକଙ୍କଠାରୁ ପ୍ରେରଣା ସଂଗ୍ରହ କରି ଜାତୀୟ ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ । ଜାତୀୟ ମୁଖ୍ୟଧାରାକୁ ଫେରି ଆସନ୍ତୁ ଏବଂ ଜୀବନକୁ ଉପଭୋଗ କରନ୍ତୁ ।' ଏହି ଶବ୍ଦଗୁଡିକର ପ୍ରଭାବ ବୋଡୋ ରାଜିନାମାର କାର୍ଯ୍ୟକାରିତାରେ ପ୍ରତିଫଳିତ ହୋଇଛି ଓ ଉତ୍ତର ପୂର୍ବାଞ୍ଚଳରେ ଯେଉଁ ଅସ୍ଥିରତା ଓ ସନ୍ତ୍ରାସବାଦୀ କାର୍ଯ୍ୟ ଚାଲିଥିଲା ତାହା ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି ।

ବିଗତ ୨୭ ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ବୋଡୋ ପ୍ରତିନିଧିମାନଙ୍କ ସହ ସରକାର ଏକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ୧୯୯୩ରୁ ଏଯାବତ୍ ଏହି ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିଥିଲା । ଏହା ପୂର୍ବରୁ ୧୯୯୩ ଓ ୨୦୦୩ରେ ଦୁଇଥର ରାଜିନାମା ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ପ୍ରତ୍ୟେକ ଥର କିଛି ନା କିଛି ଦାବି ପୂରଣ ନେଇ ବାଟ ବାହାରିପାରି ନ ଥିଲା । ଏବେ ଯେଉଁ ସଦ୍ୟତମ ରାଜିନାମା ସ୍ୱାକ୍ଷରିତ ହୋଇଛି ସେଥିରେ ବୋଡୋଲ୍ୟାଣ୍ଡ ଆନ୍ଦୋଳନକାରୀ ବିଭିନ୍ନ ସଂଗଠନର ସମସ୍ତ ଦାବିର ସମାଧାନ ସୂତ୍ର ରହିଛି । ଏହି ଚୁକ୍ତିନାମାରେ କେନ୍ଦ୍ର ସରକାର, ଆସାମ ସରକାର, ବୋଡୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ, ମିଳିତ ବୋଡୋ ପିପୁଲ୍ ସଂଗଠନ, ବୋଡୋ ଜାତୀୟ ଗଣତାନ୍ତ୍ରିକ ସାମୁଖ୍ୟ, ବୋଡୋ ଛାତ୍ର ସଂଗଠନର ପ୍ରତିନିଧିମାନେ ସ୍ୱାକ୍ଷର କରିଛନ୍ତି । ଏହି ରାଜିନାମାକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୫୦ ବର୍ଷର ଅପେକ୍ଷା ପରେ ଆମର ବୋଡୋ ବନ୍ଧୁମାନଙ୍କ ସହିତ ହୋଇଥିବା ଚୁକ୍ତିନାମା ଦ୍ୱାରା ଏକ ନୂଆ ଅଧ୍ୟାୟର ଅୟମାରମ୍ଭ ହେଲା। ଏହା ଆସାମର ଏକତାକୁ ଦୃଢୀଭୂତ କରିବ ଏବଂ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଉଜ୍ଜ୍ୱଳ ଭବିଷ୍ୟତ ଆଣିବ ।' ଅତୀତରେ ୧୯୯୩ ଓ ୨୦୦୩ ଯେଉଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ସେ ନେଇ କେତେକ ବୋଡୋ ସଂଗଠନ ସନ୍ତୁଷ୍ଟ ନ ହେବାରୁ ସେ ଅଞ୍ଚଳରେ ଅସ୍ଥିରତା ଲାଗି ରହିଥିଲା । ବୋଡୋ ପକ୍ଷ ନିରନ୍ତରଭାବେ ଅଧିକ କ୍ଷମତା ଚାହୁଁଥିଲେ । ଶେଷରେ ଏକ ଚୂଡାନ୍ତ ଏବଂ ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ପନ୍ଥା ବାହାର କରାଯାଇ ତଦନୁସାରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ରାଜିନାମା ଫଳରେ ପ୍ରାୟ ୧୬୧୫ ସଶସ୍ତ୍ର ବୋଡୋ ବିଦ୍ରୋହୀ ହିଂସା ଓ ଅସ୍ତ୍ର ପରିହାର କରି ମୁଖ୍ୟଧାରାରେ ସାମିଲ ହୋଇଛନ୍ତି । ବୋଡୋ ଅଞ୍ଚଳ ପାଇଁ ୧୫୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ ୩ ବର୍ଷ ପାଇଁ ଘୋଷଣା କରାଯାଇଛି । କେନ୍ଦ୍ର ସରକାର ଏହି ଅର୍ଥ ଯୋଗାଇଦେବେ। ବୋଡୋ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଏହି ଅର୍ଥ ଖର୍ଚ୍ଚ ହେବ ।

### ବୋଡୋ ଚୁକ୍ତି କ'ଣ

୧୯୭୨ରେ ଅଖିଳ ବୋଡୋ ଛାତ୍ର ସଂଗଠନ ବା ଏବିଏସୟୁ ବୋଡୋ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ବୋଡୋ ରାଜ୍ୟ ଦାବିରେ ଆନ୍ଦୋଳନ ଆରମ୍ଭ କରିଥିଲା। ସେହିଭଳି ୧୯୭୪ରେ ଆସାମର ସମତଳ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ଏକ ପରିଷଦ ଗଠନ କରି ବୋଡୋମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ଦାବି କରିଥିଲେ। ଏହି ଦୁଇ ସଂଗଠନ ଅତୀତରେ ବିଭିନ୍ନ ସମୟରେ ବନ୍ଦପାଳନ ଓ ପ୍ରତିବାଦ ଆଦି ଆୟୋଜନ କରିବା ସହ ନାନାପ୍ରକାର ହିଂସାକାଣ୍ଡ ମଧ୍ୟ ଭିଆଉଥିଲେ । ୧୯୯୧ ପରେ ହିଂସାକାଣ୍ଡ ଓ ସନ୍ତ୍ରାସବାଦ ବଢିଥିଲା ଏବଂ ଏଥିରେ ଅନେକ ଲୋକ ମୃତାହତ ହୋଇଥିଲେ । ପୁଲିସ ଓ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନରେ କିଛି ଆନ୍ଦୋଳନକାରୀ ଓ ବୋଡୋ ସଂଗଠନର ସଦସ୍ୟ ଏବଂ ସାଧାରଣ ଲୋକ ମଧ୍ୟ ନିହତ ହୋଇଥିଲେ । ଏହାପରେ ଆନ୍ଦୋଳନରତ ପକ୍ଷ ଆସାମ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

### ସମାଧାନ

**50**

ବର୍ଷର ପୁରୁଣା ବୋଡୋ ସଂକଟର ଅବସାନ ସହିତ ଏହି ସମସ୍ୟାର ସ୍ଥାୟୀ ସମାଧାନର ବାଟ ଫିଟିଛି ।

ବୋଡୋ ପ୍ରତିନିଧିମାନେ ଭାରତ ଓ ଆସାମ ସରକାରଙ୍କ ସହ ଏହି ଐତିହାସିକ ରାଜିନାମାରେ ୨୦୨୦ ଜାନୁୟାରୀରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ସ୍ୱାକ୍ଷର ପୂର୍ବରୁ ବୁଝାମଣାକ୍ରମେ ବୋଡୋଲ୍ୟାଣ୍ଡ ଟେରିଟୋରିଆଲ କାଉନସିଲର ନାମ ବଦଳାଯାଇ ବୋଡୋଲ୍ୟାଣ୍ଡ ଟେରିଟୋରିଆଲ ରିଜିଅନ ରଖାଯାଇଛି। ଏହା ଫଳରେ ବୋଡୋଲ୍ୟାଣ୍ଡ ଟେରିଟୋରିଆଲ ରିଜିଅନକୁ ଅଧିକ କ୍ଷମତା ମିଳିଛି । ରାଜିନାମା ଫଳରେ ବିଭିନ୍ନ ନୂଆ ଜିଲାରେ ବୋଡୋ ଭାଷାଭାଷୀଙ୍କ ପାଇଁ ଥିବା ଆସନ ସଂଖ୍ୟାକୁ ବଢାଯାଇଛି । ଏହା ଫଳରେ ଏହି ଆସନ ସଂଖ୍ୟା ୪୦ରୁ ୬୦ରେ ପହଞ୍ଚିଛି । ୨୦୨୦ ଜାନୁୟାରୀ ୩୦ରେ ୧୬୧୫ ସଶସ୍ତ୍ର ବୋଡୋ କଠୋରପନ୍ଥୀ ଆତ୍ମସମର୍ପଣ କରିଥିଲେ । ସେହିଭଳି ବୋଡୋ ଆନ୍ଦୋଳନ ଯୋଗୁଁ ସୃଷ୍ଟ ହିଂସାକାଣ୍ଡରେ ଯେଉଁମାନେ ପ୍ରାଣ ହରାଇଥିଲେ ସେମାନଙ୍କ ପରିବାର ପାଇଁ କ୍ଷତିପୂରଣ ଯୋଗାଇ ଦେବାକୁ ମଧ୍ୟ ଘୋଷଣା କରାଯାଇଛି ।

# ଉଦୀୟମାନ ଉଦ୍ୟୋଗୀଙ୍କ ପାଇଁ



ଷ୍ଟାର୍ଟଅପ୍ ଇଣ୍ଡିଆ ଭାରତ ସରକାରଙ୍କ ଏକ ସବୁଠୁ ସଫଳ ଯୋଜନା। ଏହାର କାର୍ଯ୍ୟ ବେଶ୍ ଉଲ୍ଲେଖଯୋଗ୍ୟ ହୋଇଛି । ଏଥିରେ ୫୦ ହଜାରରୁ ଅଧିକ ଷ୍ଟାର୍ଟଅପ୍ ସ୍ଥାପନ କରାଯାଇ ଲକ୍ଷ ଲକ୍ଷ ସୃଷ୍ଟି କରାଯାଇଛି । ଏହା ମଧ୍ୟ ଦେଶର ଅର୍ଥବ୍ୟବସ୍ଥାରେ ଉନ୍ନତି ଆଣିବା ସହ ଲୋକଙ୍କ ଜୀବନଧାରଣ ମାନବୃଦ୍ଧିରେ ସହାୟକ ହୋଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ଅଗଷ୍ଟ ୧୫ରେ ଲାଲକିଲ୍ଲାର ପ୍ରାଚୀର ଉପରୁ ଯେତେବେଳେ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଘୋଷଣା କଲେ ସେତେବେଳେ ସମଗ୍ର ଭାରତ ଏହାକୁ ସମର୍ଥନ ଜଣାଇଥିଲା । ୨୦୨୦ ଜାନୁୟାରୀ ୧୬ରେ ଏହି ଅଭିଯାନ ଆରମ୍ଭ ହେବାର ୪ ବର୍ଷ ପରେ ଭାରତରେ ଏବେ ୫୦ ହଜାରରୁ ଅଧିକ ଷ୍ଟାର୍ଟଅପ୍ ସ୍ଥାପନ ହୋଇଛି । ଏଥିସହିତ ଭାରତ ଷ୍ଟାର୍ଟଅପ୍ ସଂସ୍କୃତିରେ ବିଶ୍ୱର ଅଗ୍ରଣୀ ଦେଶଙ୍କ ସହ ସମକକ୍ଷ ହୋଇପାରିଛି । ଏହି ଯୋଜନା ଦ୍ୱାରା ଯୁବ ଉଦ୍ୟୋଗୀମାନେ ଭବିଷ୍ୟତର ବ୍ୟବସାୟ ପାଇଁ ପ୍ରସ୍ତୁତ ହେବା ସହିତ ବିପୁଳ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି ।

ଷ୍ଟାର୍ଟଅପ୍ ଯୋଜନା ଘୋଷଣା କରି ପ୍ରଧାନମନ୍ତ୍ରୀ କହିଥିଲେ, 'ଆମକୁ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତକୁ ୧ ନମ୍ବର କରିବାକୁ ପଡିବ । ନବୋଦ୍ୟୋଗୀଙ୍କୁ ସହଜରେ ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ । ଦେଶର ୧.୨୫ ଲକ୍ଷ ବ୍ୟାଙ୍କ ଶାଖା ଦଳିତମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବେ । ଯେଉଁ ଷ୍ଟାର୍ଟଅପ୍ ଯେତେ ଅଧିକ ନିଯୁକ୍ତି ସୃଷ୍ଟି କରିବ ତାହାକୁ ସେତେ ଅଧିକ ସହାୟତା ଯୋଗାଇ ଦିଆଯିବ ।' ଏହି ଫ୍ଲାଗସିପ୍ ଯୋଜନା ମାଧ୍ୟମରେ ସରକାର ଶିଳ୍ପାୟନ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକ ଦୃଢ ପରିବେଶ ସୃଷ୍ଟି କରିବାକୁ ଆଗ୍ରହୀ । ଏହାସହିତ ଏ କ୍ଷେତ୍ରରେ ନବସୃଜନକୁ ଉତ୍ସାହିତ କରିବାକୁ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି ।



"ଭାରତର ପରିବର୍ତ୍ତନରେ ମୁଁ ଷ୍ଟାର୍ଟଅପ୍, ଟେକ୍ନୋଲଜି ଓ ଇନୋଭେସନକୁ ସଫଳ ତଥା ଚିତ୍ତାକର୍ଷକ ଆୟୁଧଭାବେ ଦେଖୁଛି ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଇନ୍‌ଭେଷ୍ଟ ଇଣ୍ଡିଆର ଏକ ଟ୍ୱିଟ ଅନୁସାରେ ପ୍ରାୟ ୨୭ଟି ଷ୍ଟାର୍ଟଅପ୍‌କୁ ଡିପିଆଇଆଇଟି ଦୈନିକ ସ୍ୱୀକୃତି ପ୍ରଦାନ କରୁଛି ।

ଜାନୁଆରୀ ୨୦୧୬ରୁ ଫେବୃଆରୀ ୨୦୨୦ ମଧ୍ୟରେ **୨୮୯୭୦** ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି ।




**୩.୩ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି**
**(୨୭୯୫୨ ଷ୍ଟାର୍ଟଅପ୍ ଦ୍ୱାରା ପ୍ରଦତ୍ତ ତଥ୍ୟାନୁସାରେ)**

## କ'ଣ ଷ୍ଟାର୍ଟଅପ୍‌ର ଶ୍ରେଣୀଭୁକ୍ତ ?

- ଯାହା ଏକ ପ୍ରାଇଭେଟ ଲିମିଟେଡ କଂପାନୀ କିମ୍ବା ପଞ୍ଜିକୃତ ପାର୍ଟନରସିପ ଫାର୍ମ କିମ୍ବା ଲିମିଟେଲ ଲାଇବେଲିଟି ପାର୍ଟନରସିପ ଇନ୍ ଇଣ୍ଡିଆଭାବେ ପଞ୍ଜୀକୃତ ହୋଇଥିବ ।
- ପଞ୍ଜୀକରଣ ଦିନଠାରୁ ଏହା ୧୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବ ।
- ଯାହାର ବାର୍ଷିକ କାରବାର ପଞ୍ଜୀକରଣ ଦିନଠାରୁ ୧୦୦ କୋଟି ଟଙ୍କାରୁ ଅଧିକ ହୋଇ ନ ଥିବ ।
- ଯେଉଁସବୁ ସଂସ୍ଥା ଇନୋଭେସନ, ବିଭିନ୍ନ ସାମଗ୍ରୀର ବିକାଶ ଓ ଉନ୍ନୟନ ପ୍ରକ୍ରିୟା ତଥା ସେବା କ୍ଷେତ୍ରରେ କାମ କରୁଥିବେ କିମ୍ବା ସେହି ଉଦ୍ୟୋଗର ନିଯୁକ୍ତି ସୁଯୋଗ ଅଧିକ ହୋଇଥିବ।

## ମନେ ରଖିବାକୁ ପଡିବ

- କୌଣସି ପ୍ରତିଷ୍ଠିତ ସଂସ୍ଥା ବା ବ୍ୟବସାୟର ବିଭାଜନ କରି ନୂଆକରି ଏହି ଷ୍ଟାର୍ଟଅପ୍ ଗଠନ କରାଯାଇଥିଲେ ତାହାକୁ ସରକାର ମାନ୍ୟତା ଦେବେନାହିଁ ।
- କେବଳ ସରକାରଙ୍କ ଷ୍ଟାର୍ଟଅପ୍ ପୋର୍ଟାଲରେ ପଞ୍ଜିକୃତ ହୋଇଗଲେ ଆପଣାଛାଏଁ କୌଣସି ସୁବିଧା ସଂପୃକ୍ତ ସଂସ୍ଥାକୁ ମିଳିବ ନାହିଁ । ସ୍ୱତନ୍ତ୍ରଭାବେ ସୁବିଧା ସୁଯୋଗ ପାଇବା ପାଇଁ ସେହି ସଂସ୍ଥାକୁ ଡିପିଆଇଆଇଟି ପାଖରେ ଆବେଦନ କରିବାକୁ ପଡିବ । ଏଥିରେ ବୌଦ୍ଧିକ ସ୍ୱତ୍ୱାଧିକାର ସେବା, ସରକାରୀ ସଂଗ୍ରହ ନୀତିରେ ରିଆତି, ସହଜରେ କଂପାନୀ ବନ୍ଦ କରିବା ସୁବିଧା ଆଦି କେବଳ ବୈଧ ଷ୍ଟାର୍ଟଅପ୍‌କୁ ମିଳିବ।

## ସଫଳ କାହାଣୀ

### ଭାରତୀୟ ଶିଶୁଙ୍କ ପାଇଁ ଭାରତୀୟ ଆପ୍



**କୁଟୁକି:** ସ୍ନେହ ଓ ଭରତଙ୍କ ଦ୍ୱାରା ଆରମ୍ଭ ହୋଇଥିବା କୁଟୁକି ଆପ୍ ବାସ୍ତବରେ ମେଡ୍ ଇନ୍ ଇଣ୍ଡିଆର ଏକ ଉଦାହରଣ । ଏହି ଦମ୍ପତିଙ୍କ ଦ୍ୱାରା ନିର୍ମିତ କୁଟୁକି ଆପ୍ ପଢା ଆରମ୍ଭ କରୁଥିବା ଭାରତୀୟ ପିଲାଙ୍କ ପାଇଁ ବିଭିନ୍ନ ବିଷୟବସ୍ତୁ ରଖିଛି । କୁଟୁକିର ସବୁକଥା ଶତପ୍ରତିଶତ ଭାରତୀୟ ଏବଂ ଏହା କେବଳ ଭାରତୀୟ ଶିଶୁଙ୍କ ପାଇ ଉଦ୍ଦିଷ୍ଟ । ଏଥିରେ ରାଇମ୍‌ସ, କାହାଣୀ, ଆନିମେସନ ଓ ଇଲୁଷ୍ଟ୍ରେସନ ଆଦି ରହିଛି । ପିଲାଏ ସବୁବେଳେ ଏଥିରୁ ନୂଆ ନୂଆ କଥା ଶିଖିବାକୁ ପାଇବେ । ଇ-ଲର୍ଣ୍ଣିଂ ବର୍ଗରେ ଆତ୍ମନିର୍ଭର ଭାରତ ଇନୋଭେସନ ଚାଲେଞ୍ଜରେ କୁଟୁକି ଆପ୍ ବିଜେତା ଘୋଷିତ ହେବା ପରେ ଲୋକଲୋଚନକୁ ଆସିଥିଲା। ପ୍ରଧାନମନ୍ତ୍ରୀ ମଧ ଏହି ଆପ୍ ନେଇ ବିଶେଷ ସନ୍ତୋଷ ବ୍ୟକ୍ତ କରିବା ସହ ୨୦୨୦ ଅଗଷ୍ଟ ୩୦ରେ ତାଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମରେ ଏହାର ଉଲ୍ଲେଖ କରିଥିଲେ ।

ଏହିସବୁ ଷ୍ଟାର୍ଟଅପ୍ ନିରନ୍ତର ଆର୍ଥିକ ଅଭିବୃଦ୍ଧି ହାର ବଜାୟ ରଖିବା ସହ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରିବେ ବୋଲି ସରକାର ଆଶା ରଖିଛନ୍ତି । ଭାରତକୁ ଚାକିରି ପ୍ରତ୍ୟାଶୀ ଦେଶ ପରିବର୍ତ୍ତେ ନିଯୁକ୍ତି ସୃଷ୍ଟିକାରୀ ଦେଶରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଯେଉଁ ଲକ୍ଷ୍ୟ ରହିଛି ସେଥିରେ ଷ୍ଟାର୍ଟଅପ୍‌କୁ ଅଗ୍ରାଧିକାର ଦିଆଯାଇଛି । ଏଥିପାଇଁ ଏକ ଉତ୍ସର୍ଗୀକୃତ ଷ୍ଟାର୍ଟଅପ୍ ଇଣ୍ଡିଆ ଟିମ୍ ଗଠନ କରାଯାଇଛି ; ଯାହା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛି । ଡିପିଆଇଆଇଟି ଅଧୀନରେ ଏହି ଟିମ୍ ରହିଛି । ଦେଶରେ ଷ୍ଟାର୍ଟଅପ୍ ସଂସ୍କୃତିର ଅଭିବୃଦ୍ଧି, ଏହାକୁ ବ୍ୟବସାୟ ସହିତ ଯୋଡିବା, ଏଥିପାଇଁ ଉପଲବ୍ଧ ସରକାରୀ ସୁବିଧା ସୁଯୋଗ ଉଦ୍ୟୋଗୀଙ୍କୁ ଯୋଗାଇବା ଆଦି କାମ ଏହି ଟିମ୍ କରୁଛି । ଦେଶରେ ଏକ ସାମଗ୍ରିକ ଓ ଦୃଢ ଷ୍ଟାର୍ଟଅପ୍ ପରିବେଶ ନିର୍ମାଣ ପାଇଁ ଏହି ଟିମ୍ ନିରନ୍ତର କାର୍ଯ୍ୟ କରୁଛି।

ଏବେ ଦେଶର ବିଭିନ୍ନ କ୍ଷେତ୍ରରେ ଅନେକ ଷ୍ଟାର୍ଟଅପ୍ ଗଢି ଉଠିଛି । ଆଇଟି ସେବା, ସ୍ୱାସ୍ଥ୍ୟସେବା, ଜୀବବିଜ୍ଞାନ, ଶିକ୍ଷା, ପେସାଗତ ଓ ବ୍ୟବସାୟିକ ସେବା, ଖାଦ୍ୟ

## ଆୟୁର୍ବେଦ ମାଧ୍ୟମରେ ସଫଳତା

**ନାଡି ତରଙ୍ଗିଣୀ:** ଆୟୁର୍ବେଦକୁ ନେଇ ନାଡି ତରଙ୍ଗିଣୀ ନାମରେ ଏକ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ଷ୍ଟାର୍ଟଅପ୍ ଗଢି ଉଠିଛି । ଆଇଆଇଟିର ଜଣେ ପୂର୍ବତନ ଛାତ୍ର ଡ. ଅନିରୁଦ୍ଧ ଜୋଷୀ ଏହାର ପ୍ରତିଷ୍ଠାତା । ନାଡି ତରଙ୍ଗିଣୀ ଏକ ସାଧନ ବା ଟୁଲ୍ ଯାହା ଜଣେ ବ୍ୟକ୍ତିର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟର ସୂଚନାକୁ ଠାବ କରି ତାହାର ଅନୁଶୀଳନ କରିବାକୁ ସକ୍ଷମ। ଏଥିରେ ହାର୍ଡୱେୟାର ଓ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ଭିତ୍ତିକ ଇନ୍‌ଟୁୟଟିଭ ସଫ୍ଟୱେୟାର ବ୍ୟବହାର କରାଯାଇଛି । ନବଯୁଗ ନାଡି ପରୀକ୍ଷା ବ୍ୟବସ୍ଥାର ଏହା ପ୍ରଥମ ସଫଳ ପଦକ୍ଷେପ । ଜଣେ ବୈଦ୍ୟ ଯେପରି ରୋଗୀର ନାଡି ପରୀକ୍ଷା କରେ ଏହି ନାଡି ତରଙ୍ଗିଣୀ ସେହିଭଳି ମଧ୍ୟ କାମ କରେ । ପ୍ରାରମ୍ଭିକ ସମୟରେ ଡ. ଜୋଷୀ ବେଶ୍ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ତାଙ୍କ ଉତ୍ପାଦ ସରକାରଙ୍କ ସ୍ୱୀକୃତି ପାଇବା ପରେ ତାଙ୍କର ଯାତ୍ରାପଥ ସୁଗମ ହୋଇଥିଲା । ଏହି ଷ୍ଟାର୍ଟଅପ୍‌କୁ ଆୟୁଷ ମନ୍ତ୍ରଣାଳୟ ଶ୍ରେଷ୍ଠତା ପାଇଁ ରୌପ୍ୟ ପଦକରେ ସମ୍ମାନିତ କରିଛି ଏବଂ ଏହା ମଧ୍ୟ ୨୦୧୯ରେ ଲେକ୍‌ସସ୍ ଡିଜାଇନ ଆୱାର୍ଡ (ଜୁରି ପୁରସ୍କାର) ପାଇଛି ।



## ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍‌କୁ ଦିଆଯାଉଥିବା ସୁଯୋଗ ସୁବିଧା

**ଆତ୍ମ ପ୍ରମାଣନ ବା ସେଲ୍ଫ ସାର୍ଟିଫିକେସନ:** ୩ଟି ପରିବେଶ ଓ ୬ଟି ଶ୍ରମ ଆଇନ ପାଇଁ ସଂପୃକ୍ତ ଉଦ୍ୟୋଗୀଙ୍କୁ ଆତ୍ମ ପ୍ରମାଣନ ପତ୍ର ଦେବାର ସୁବିଧା ପ୍ରଦାନ କରାଯାଇଛି ।

**ଟିକସ ଛାଡ:** କ୍ରମାଗତଭାବେ ୩ ବର୍ଷ ପାଇଁ ଆୟକର ଟିକସ ଛାଡର ବ୍ୟବସ୍ଥା ରହିଛି । ଉଚିତ ବଜାର ମୂଲ୍ୟ ଉପରେ ହେଉଥିବା ପୁଞ୍ଜି ଓ ନିବେଶ କ୍ଷେତ୍ରରେ ମଧ୍ୟ ଏହି ଟିକସ ଛାଡ ସୁବିଧା ଉପଲବ୍ଧ ।

**ସହଜରେ କଂପାନୀ ବନ୍ଦ ସୁବିଧା:** ଜଣେ ଉଦ୍ୟୋଗୀ ଏକ କଂପାନୀ ବା ଉଦ୍ୟୋଗ ସ୍ଥାପନ କରିବାର ୯୦ ଦିନ ଭିତରେ ତାହାକୁ ସହଜରେ ବନ୍ଦ କରିପାରିବେ । ଏଥିପାଇଁ ଦେବାଳିଆ ଓ ଦେବାଳିଆପର ସଂହିତା 2016 ନିୟମ ରହିଛି ।

**ଷ୍ଟାର୍ଟଅପ୍ ପେଟେଣ୍ଟ ଆବେଦନ:** ଫାଷ୍ଟଟ୍ରାକ ପେଟେଣ୍ଟ ଆବେଦନ ଓ ଆଇପିଆର ପ୍ରୋଟେକ୍ସନ ସୁବିଧା ଉପଲବ୍ଧ। ପେଟେଣ୍ଟ ଫାଇଲରେ ୮୦ ଶତାଂଶ ରିହାତି ସୁବିଧା ।

**ସହଜ ସରକାରୀ କ୍ରୟ ନୀତି:** ଟେଣ୍ଡର ପାଇଁ ଅମାନତ ଅର୍ଥ ଜମାରୁ ଛାଡ । ନିଜ ଉଦ୍ୟୋଗର ସାମଗ୍ରୀ ସରକାରଙ୍କୁ ବିକିବା ପାଇଁ ସୁବିଧା । ଏଥିପାଇଁ ସରକାରୀ ଟେଣ୍ଡରରେ ଭାଗ ନେବାକୁ ପୂର୍ବ କାରବାର ଅଭିଜ୍ଞତା ଆଦିର ଆବଶ୍ୟକତା ନାହିଁ ।

**ଏସଆଇଡିବିଆଇ ପାଣ୍ଠି:** ଷ୍ଟାର୍ଟଅପ୍‌ରେ ପାଣ୍ଠି ବିନିଯୋଗ ପାଇଁ ଏସଆଇଡିବିଆଇ ପକ୍ଷରୁ ବିକଳ୍ପ ନିବେଶ ପାଣ୍ଠି ଗଠନ କରାଯାଇଛି ।

ଓ ପାନୀୟ, କୃଷି, ଫିନ୍‌ଟେକ୍, ଗ୍ରୀନ୍ ଟେକ୍‌ନୋଲଜି, ହାର୍ଡୱେୟାର ଓ ରିନ୍ୟୁଏବୁଲ ଏନର୍ଜି ଆଦି ୧୦ଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ସର୍ବାଗ୍ରେ ରହିଛନ୍ତି । ଷ୍ଟାର୍ଟଅପ୍ ଇଣ୍ଡିଆର ପୋର୍ଟାଲରୁ ମିଳିଥିବା ତଥ୍ୟାନୁସାରେ ଏ ଯାବତ୍ ୪୪୭୩୪୩ ଷ୍ଟାର୍ଟଅପ୍, ଷ୍ଟାର୍ଟଅପ୍ ଇଣ୍ଡିଆ ହବ୍‌ରେ ପଞ୍ଜିକୃତ ହୋଇଛନ୍ତି। ଏହି ହବ୍‌ଟି ସବୁ ସଂପୃକ୍ତ ପକ୍ଷଙ୍କ ପାଇଁ ୱାନଷ୍ଟପ୍ ପ୍ଲାଟଫର୍ମଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ନୂଆକଥା ଶିଖିବା, ପରସ୍ପରର ଅନୁଭୂତି ବାଣ୍ଟିବା ଆଦି ସୁବିଧା ଷ୍ଟାର୍ଟଅପ୍ ଉଦ୍ୟୋଗୀମାନେ ପାଉଛନ୍ତି। ସେହିଭଳି ୩୮୭୫୬ ଷ୍ଟାର୍ଟଅପ୍‌କୁ ଡିପିଆଇଆଇଟି ମାନ୍ୟତା ପ୍ରଦାନ କରିଛି । ଏହାଛଡା ୨୭୪ଟି ଷ୍ଟାର୍ଟଅପ୍‌କୁ ଏସଆଇଡିବିଆଇ ପାଣ୍ଠି ଯୋଗାଇ ଦେଇଥିବାବେଳେ ୨୨୧ ଷ୍ଟାର୍ଟଅପ୍ ଟିକସ ଛାଡର ସୁବିଧା ପାଇଛନ୍ତି । ଇନୋଭେସନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ଦେଶରେ ସରକାର ଅଟଳ ଇନୋଭେସନ ମିଶନ ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ଆତ୍ମନିଯୁକ୍ତି ଓ ପ୍ରତିଭା ବିନିଯୋଗର ସୁଯୋଗ ଶିକ୍ଷାର୍ଥୀଙ୍କୁ ମିଳୁଛି । ଭାରତକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଇନୋଭେସନ ହବ୍‌ରେ ପରିଣତ କରିବା ପାଇଁ ସରକାର ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏଯାବତ୍ ଦେଶର ୧୪୯୧୬ ସ୍କୁଲରେ ଅଟଳ ଟିଙ୍କରିଂ ଲାବୋରୋଟାରୀରୁ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି । ସେଥିମଧ୍ୟରୁ ୪୮୭୫ ସ୍କୁଲକୁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ପାଇଁ ପ୍ରତ୍ୟେକଙ୍କୁ ୧୨ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଯୋଗାଇ ଦିଆଯାଇଛି । ଏହାଛଡା ଏହି ଅଟଳ ମିଶନ ପକ୍ଷରୁ ଦେଶବ୍ୟାପୀ ୮୭ଟି ଇନକ୍ୟୁବେଟରକୁ ଚିହ୍ନଟ କରାଯାଇ ସେମାନଙ୍କୁ ୨୦୧ କୋଟି ଟଙ୍କାର ଅନୁଦାନ ବଣ୍ଟନ କରାଯାଇଛି । ଗତ ୩ ବର୍ଷ ମଧ୍ୟରେ ୧୨୫୦ ଷ୍ଟାର୍ଟଅପ୍ ଅଟଳ ଇନକ୍ୟୁବେସନ କେନ୍ଦ୍ରରେ ପରିକଳ୍ପିତ ହୋଇଛି। ସେଗୁଡ଼ିକ ମଧ୍ୟରେ ରହିଛି ୫୦୦ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍ ।

ଷ୍ଟାର୍ଟଅପ ଇଣ୍ଡିଆ ଯୋଜନା ଦ୍ୱାରା ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ସଫଳ ଷ୍ଟାର୍ଟଅପ୍ ପରିତନ୍ତ୍ରଭାବେ ମାନ୍ୟତା ପାଇଛି । ଏହାଛଡା ମଧ୍ୟ ଭାରତକୁ ତୃତୀୟ ସର୍ବବୃହତ୍ ୟୁନିକର୍ଣ୍ଣ କମ୍ୟୁନିଟିର ମର୍ଯ୍ୟାଦା ମିଳିଛି ।



# ନାରୀ ଶକ୍ତି

## ନୂତନ ଭାରତର ଆଧାର

*"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବସ୍ତତ୍ରଫଳାଃ କ୍ରିୟାଃ"*

ଏହାର ଅର୍ଥ ହେଲା ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ, ସେଠାରେ ଦେବତାମାନେ ବିଚରଣ କରିଥାନ୍ତି ଏବଂ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଏନାହିଁ, ସେଠାରେ ସକଳ କାର୍ଯ୍ୟ ଅସଫଳ ହୋଇଥାଏ। । ଭାରତୀୟ ସଂସ୍କୃତିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନର ମହାନ ପରମ୍ପରା ରହିଛି ଯାହାକି ଏହି ଶ୍ଳୋକରୁ ସୁସ୍ପଷ୍ଟ । ଏଭଳି ପୃଷ୍ଠଭୂମିରେ, ଦେଶର ଅର୍ଦ୍ଧେକ ଜନସଂଖ୍ୟାର ଉନ୍ନତି ବିନା ଏବଂ ଏବଂ ସେମାନଙ୍କର ସଶକ୍ତିକରଣ ବିନା, "ନୂତନ ଭାରତ"ର ସ୍ୱପ୍ନ ଅସଂପୂର୍ଣ୍ଣ ରହିବା ସୁନିଶ୍ଚିତ । ମହିଳାମାନଙ୍କୁ ସଶକ୍ତ କରିବାର ଆକାଂକ୍ଷା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ତଥା ପ୍ରବର୍ତ୍ତିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପୃଷ୍ଠଭୂମିରେ ବାହକ ଶକ୍ତି ଭାବେ ନିହିତ ରହିଛି । ତେଣୁ ଆଜି ଦେଶର ଶିକ୍ଷା, ବିଜ୍ଞାନ, ରାଜନୀତି, ବ୍ୟବସାୟ କ୍ରୀଡ଼ା ଆଦି ଅନେକ କ୍ଷେତ୍ରରେ ମହିଳାମାନଙ୍କ ପ୍ରଭାବ ଓ ପରିସର ବୃଦ୍ଧି ପାଇଚାଲିଛି ।



ଛଅ ବର୍ଷ ପୂର୍ବେ, ୨୦୧୫ ମସିହା ଜାନୁଆରୀ ୨୨ ତାରିଖ ଦିନ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଆହ୍ୱାନ ନାରୀକୈନ୍ଦ୍ରିକ ନୂତନ ଭାରତର ବିକାଶ ଦିଗରେ ଏକ ସଫଳ ପ୍ରୟାସ ଥିଲା । ଏହି ସଂକଳ୍ପରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନଥିଲା ଯାହାକି ପୂର୍ବରୁ ସମାଜର ମାନସିକତାକୁ ସଂକୀର୍ଣ୍ଣ କରି ରଖିଥିଲା । ନାରୀ ଶକ୍ତିର ଉତ୍ଥାନ ବିନା ନୂତନ ଭାରତର ପରିକଳ୍ପନା ହିଁ ଅସମ୍ପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ ଦିଗରେ ସରକାର କାର୍ଯ୍ୟ କରିଆସୁଛନ୍ତି ଏବଂ ସେଥିପାଇଁ ଦେଶର ମହିଳାମାନଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସକଳ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନିରବଚ୍ଛିନ୍ନ ପ୍ରୟାସର ଏହା ହେଉଛି ସୁଫଳ ଯେ ଆଜି ଦେଶର ମହିଳାମାନେ କେବଳ ପୁରୁଷମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଚାଲୁନାହାନ୍ତି, ଅପର ପକ୍ଷେ,ସେମାନଙ୍କ ଠାରୁ ଆଗକୁ ମଧ୍ୟ ଆଗେଇ ପାରିଛନ୍ତି । ଗଣତନ୍ତ୍ର ଦିବସ ପରେଡ଼ରେ ନେତୃତ୍ୱ ଗ୍ରହଣ କରି ହେଉ ଅବା ରାଫେଲ ଲଢ଼ୁଆ ବିମାନ ଚାଳନା କରି ହେଉ କିମ୍ବା ସୀମାନ୍ତରେ ଲଢ଼େଇରେ ସାମିଲ ହୋଇ ହେଉ ବା ଆତ୍ମନିଯୁକ୍ତି ସୁଯୋଗକୁ ଆପଣାଇ ଦେଶର ଜିଡିପି ବୃଦ୍ଧି କରିବା କ୍ଷେତ୍ରରେ ହେଉ, ସେମାନେ ଏବେ ରାଷ୍ଟ୍ରର ଗୌରବରେ ପରିଣତ ହୋଇପାରିଛନ୍ତି । ମହିଳାମାନେ ଏକଥା ପ୍ରମାଣସିଦ୍ଧ କରିଦେଇଛନ୍ତି ଯେ ଯଦି ସେମାନଙ୍କୁ ସମାନ ସୁଯୋଗ ପ୍ରଦାନ କରାଯାଏ ତେବେ ଏକ ସମୃଦ୍ଧ ଓ ଗୌରବମୟ ରାଷ୍ଟ୍ର ନିର୍ମାଣର ପ୍ରତ୍ୟେକ କ୍ଷେତ୍ରରେ ସେମାନେ ନିଜର ଯୋଗଦାନ ଓ ଅବଦାନକୁ ପ୍ରମାଣସିଦ୍ଧ କରି ଦେଖାଇବାକୁ ସକ୍ଷମ । ଏହି ପରିପ୍ରେକ୍ଷୀରେ, ୨୦୨୧ ମସିହା ଜାନୁଆରୀ ୨୨ ତାରିଖ ଦିନ ଦେଶ ଯେତେବେଳେ 'ବେଟୀ ପଢାଓ, ବେଟୀ ବଚାଓ' କାର୍ଯ୍ୟକ୍ରମର ଷଷ୍ଠ ବର୍ଷପୂର୍ତ୍ତି ଏବଂ ଜାନୁଆରୀ ୨୪ ତାରିଖ ଦିନ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରିବ, ସେତେବେଳେ ଯଥାର୍ଥରେ ଏହା କୁହାଯାଇପାରିବ ଯେ ଏଭଳି ମହିଳା ଶକ୍ତି ପଛରେ ସରକାରଙ୍କ ମହିଳା କୈନ୍ଦ୍ରିକ ସାମଗ୍ରିକ ଚିନ୍ତାଧାରା ରହିଛି ଯାହାକି ଅନେକ ଯୋଜନାର ଆଧାର ଭାବେ ଏବେ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଉଛି ।

### ପାରମ୍ପରିକ ବାଧାବନ୍ଧନର ସମାପ୍ତି

ମହିଳା ସଶକ୍ତିକରଣ ଯେକୌଣସି ରାଷ୍ଟ୍ରର ଉନ୍ନତି ଦିଗରେ ଚାବିକାଠି ଭାବେ କାର୍ଯ୍ୟ କରିଥାଏ ଏବଂ ଉତ୍ତମ ନୀତି ପ୍ରଣୟନ ପାଇଁ ସହାୟକ ହୋଇଥାଏ । ମହିଳାମାନେ ଏବେ ନୂଆ ନୂଆ ସଫଳତା ହାସଲ କରିବା ଏବଂ ନୂତନ ଶୀର୍ଷ ହାସଲ କରିବା ପଛରେ ଏହି କାରଣଟି ରହିଛି। ଏବେ ସଶସ୍ତ୍ର ସେନା ଠାରୁ ଆରମ୍ଭ କରି ପୁଲିସ, ଅର୍ଦ୍ଧସାମରିକ ବାହିନୀ ଓ ରାଜନୀତି କ୍ଷେତ୍ରରେ ମହିଳାମାନେ ସର୍ବାଧିକ ସଂଖ୍ୟାରେପ୍ରତିନିଧିତ୍ୱର ସୁଯୋଗ ଲାଭ କରିଛନ୍ତି ଯାହାକୁ ଦେଖି ନିର୍ବିବାଦରେ କୁହାଯାଇପାରେ ଯେ ଏକ ନୂତନ ତଥା ସମୃଦ୍ଧ ଭାରତ ନିର୍ମାଣ ପଥରେ ଏହା ଏକ ବଳିଷ୍ଠ ପଦକ୍ଷେପ । ୨୦୧୬ ମସିହା ଜାନୁଆରୀ ମାସରେ, ସିଆରପିଏଫ ଏବଂ ସିଆଇଏସଏଫରେ କନେଷ୍ଟବଳ ପଦବୀ ନିମନ୍ତେ ମହିଳାମାନଙ୍କ ପାଇଁ ସରକାର ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ଘୋଷଣା କରିଥିଲେ । ପୁଲିସ ବଳରେ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହା ଏକ ଅଭିନବ ପଦକ୍ଷେପ ଭାବେ ସୁପରିଚିତ ଏବଂ ଏହି ସୁରକ୍ଷାବଳକୁ ମହିଳା-ଅନୁକୂଳ କରିବା ନିମନ୍ତେ ଏକ ଉପଯୁକ୍ତ ଅବସର । ଏହାପରେ ୨୦୧୯ର ସାଧାରଣ ନିର୍ବାଚନରେ ସର୍ବାଧିକ ସଂଖ୍ୟକ ମହିଳା ଜନ ପ୍ରତିନିଧି (୭୮) ଲୋକସଭାକୁ ନିର୍ବାଚିତ ହେବା ଦେଶ ଦେଖିବାକୁ ପାଇଥିଲା । ସେହିଭଳି ପଞ୍ଚାୟତିରାଜ ଅନୁଷ୍ଠାନରେ ସର୍ବାଧିକ ୪୬% ମହିଳା ପ୍ରତିନିଧିତ୍ୱ ମଧ୍ୟ ଏକ ରେକର୍ଡ଼ ଯାହା ଦେଶବାସୀ ଦେଖିଛନ୍ତି ।

### ସୁସ୍ଥ ମହିଳା, ସମୃଦ୍ଧ ପରିବାର

ଯଦି କୌଣସି ପରିବାରର ଜଣେ ପୁରୁଷ ଅସୁସ୍ଥ ହୋଇପଡ଼େ, ମହିଳାଟି ଦ୍ୱୈତ ଦାୟିତ୍ୱ ଗ୍ରହଣ କରି ଘର ଚଳାଇବା ସହିତ ଜୀବନଜୀବିକା ଦାୟିତ୍ୱ ମଧ୍ୟ ଗ୍ରହଣ କରିଥାଏ । କିନ୍ତୁ ଯଦି ଜଣେ ମହିଳା ଅସୁସ୍ଥ ହୋଇପଡ଼ନ୍ତି ତେବେ ସମଗ୍ର ପରିବାରଟି ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ । ଏହାର କାରଣଟି ହେଲା ମହିଳାମାନେ ହେଲେ ନିଜ ପରିବାର ଏବଂ ସମାଜର ଆଧାର । ସେଥିପାଇଁ ୨୦୧୪ ମସିହା ଠାରୁ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରିଆସୁଛନ୍ତି। ମହିଳାମାନଙ୍କ ପ୍ରସବକାଳୀନ ଯତ୍ନର ଗୁରୁତ୍ୱକୁ ଉପଲବ୍ଧ କରି ସରକାର ନବଜାତ ତଥା ମାତୃ ସ୍ୱାସ୍ଥ୍ୟ ଓ ସେମାନଙ୍କର ନିରାମୟତା ଉପରେ ପ୍ରାଧାନ୍ୟ ଦେଇଆସୁଛନ୍ତି ।

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ୨୦୧୬ ମସିହାରେ ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଲା ଦେଶର ସମସ୍ତ ମହିଳା ଯେଉଁମାନେ କି ଗର୍ଭଧାରଣ କରିଥିବେ ସେମାନଙ୍କୁ ପ୍ରତି ମାସ ୯ ତାରିଖ ଦିନ ମାଗଣାରେ ସଂପୂର୍ଣ୍ଣ ରୂପେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯତ୍ନ ନେବା ସୁନିଶ୍ଚିତ କରିବା । ଏହି କାର୍ଯ୍ୟକ୍ରମ ଦ୍ୱାରା ଦେଶରେ ମାତୃମୃତ୍ୟୁ ହାର ହ୍ରାସ ପାଇଛି । ସରକାରୀ ପରିସଂଖ୍ୟାନ ତଥ୍ୟାବଳୀ

> “ଏ ଦେଶର ପ୍ରଧାନମନ୍ତ୍ରୀ ଏଠି ଛିଡ଼ା ହୋଇ ଝିଅମାନଙ୍କର ଜୀବନ ରକ୍ଷା କରିବା ଲାଗି ଆପଣମାନଙ୍କୁ ଭିକ୍ଷା ମାଗୁଛି। ଝିଅମାନଙ୍କ ପରିବାର ଓ ଦେଶର ଗର୍ବ ଭାବେ ବିବେଚନା କରନ୍ତୁ। ଆପଣମାନେ ଦେଖିପାରିବେ ଆମେ ଖୁବଶୀଘ୍ର ଏପରି ମାନସିକତାରୁ ବାହାରି ଆସିପାରିବା। ଉଭୟ ପୁଅ ଏବଂ ଝିଅମାନେ ଦୁଇଟି ଡେଣା ଭଳି ସେମାନେ ମିଶି ଆମକୁ ଜୀବନରେ ନୂତନ ଉଚ୍ଚତାକୁ ନେଇଯିବେ। ଏବଂ ଆମ ପାଇଁ ନୂତନ ଉଚ୍ଚତା ଛୁଇଁବାକୁ ହେଲେ, ଆମ ପିଲାମାନଙ୍କୁ ଡେଣା ଯୋଗାଇ ଦେବା ଅତି ଆବଶ୍ୟକ। ତା'ହେଲେ ଯାଇ ସ୍ୱପ୍ନ ସାକାର ହୋଇପାରିବ। ”

# ମହିଳାଙ୍କ ଉତ୍ଥାନ, ଭାରତର ଉତ୍ଥାନ

ମହିଳାମାନେ ପରିବାର ଉପରେ ଏକ ଆର୍ଥିକ ବୋଝ ଭଳି ଅସୁସ୍ଥ ଚିନ୍ତାଧାରା ଧୀରେ ଧୀରେ ଲୋକଙ୍କ ମନରୁ ହଟିବାରେ ଲାଗିଛି। ଏବେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ମହିଳାମାନେ ସେମାନଙ୍କ ପାଇଁ ନିଜସ୍ୱ ସ୍ଥାନ ସୃଷ୍ଟି କରିପାରିଛନ୍ତି । ଭାରତ ସରକାରଙ୍କ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଯାହାକି ୧୦ ଲକ୍ଷ ଠାରୁ ଆରମ୍ଭ କରି ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଏହିସବୁ ଷ୍ଟାର୍ଟ ଅପମାନଙ୍କୁ ଯୋଗାଇ ଦେଉଛି ତାହା ସେମାନଙ୍କୁ ବିଶେଷ ଭାବେ ସହାୟକ ହୋଇପାରିଛି। ୨୦୨୦ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଦେଶର ୭୬,୪୫୧ ଜଣ ମହିଳା ଉଦ୍ୟୋଗୀଙ୍କୁ ୧୭,୦୦୦ କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି । ଫଳରେ ମହିଳାମାନେ ପାରମ୍ପରିକ ପ୍ରତିବନ୍ଧକର ପ୍ରାଚୀରକୁ ଭାଙ୍ଗି ଏମଏସଏମଇ ସେକ୍ଟରରେ ଆଗକୁ ଆଗେଇ ଚାଲିଛନ୍ତି । ସରକାର ଏକଥା ସୁନିଶ୍ଚିତ କରିଛନ୍ତି ଯେ ମହିଳା ଏମଏସଏମଇ ଉଦ୍ୟୋଗୀମାନଙ୍କ ଉତ୍ପାଦିତ ସାମଗ୍ରୀର ଅନ୍ୟୁନ ୩ ପ୍ରତିଶତ କ୍ରୟ କରିବେ । ଦେଶର ୮୦୦୦ରୁ ଉର୍ଦ୍ଧ୍ୱ ପଞ୍ଜିକୃତ ମହିଳା ଉଦ୍ୟୋଗୀମାନଙ୍କ ଠାରୁ ସରକାର ଏଭଳି ଦ୍ରବ୍ୟ କ୍ରୟ କରୁଛନ୍ତି ଏବଂ ଏହି ଉଦ୍ୟୋଗୀମାନେ ଏବେ



ଜିଇଏମ ପ୍ଲାଟଫର୍ମକୁ ସଫଳତାର ସହ ଉପଯୋଗ କରି ନିଜର ଉତ୍ପାଦିତ ସାମଗ୍ରୀ କ୍ରୟ କରିପାରୁଛନ୍ତି । ଜିଇଏମରେ ବିଶେଷକରି ମହିଳାମାନଙ୍କ ପାଇଁ "ଉମାନିଆ" ଏବଂ "ସ୍ୱାୟତ୍ତ" ଭଳି ବୈଶିଷ୍ଟ୍ୟ ଯୋଗାଇ ଦିଆଯାଇଛି । ମୁଦ୍ରା ଯୋଜନା ଅଧୀନରେ ମଧ୍ୟ ପ୍ରାୟ ୭୦ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା । ଗ୍ରାମୀଣ ଭାରତରେ, ଜାତୀୟ ଗ୍ରାମୀଣ ଜୀବନଜୀବିକା ମିଶନ ମାଧ୍ୟମରେ ପ୍ରାୟ ୬୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି ଯେଉଁମାନେ କି ସେମାନଙ୍କର ସାମୂହିକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରୁ ଦାରିଦ୍ର୍ୟ ଦୂର କରିବା ସହିତ ନିଜକୁ ଏବଂ ନିଜ ପରିବାର ପାଇଁ ଜୀବନ ଧାରଣର ଉତ୍ତମ ସୁଯୋଗ ଓ ସୁବିଧା ସୃଷ୍ଟି କରିପାରିଛନ୍ତି। ଦେଶର ମୋଟ ୩୮.୭୩ କୋଟି ଜନ ଧନ ଜମାଖାତାଧାରୀଙ୍କ ମଧ୍ୟରୁ ୫୪ ପ୍ରତିଶତ ହେଉଛନ୍ତି ମହିଳା ହିତଧାରକ । ସେହିଭଳି ମହିଳା ଇ- ହାଟ ଭଳି ଇ- ମାର୍କେଟିଂ ପ୍ଲାଟଫର୍ମ ଦେଶର ୩୨,୦୦୦ ମହିଳା ଉଦ୍ୟୋଗୀ/ଏସଏଚଜି/ ଏନଜିଓମାନଙ୍କୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ୭,୦୦୦ରୁ ଅଧିକ କିସମର ଉତ୍ପାଦ ଓ ସେବାକୁ ବିପଣନ କରିବାର ବ୍ୟାପକ ସୁଯୋଗ ଓ ମାର୍ଗ ଯୋଗାଇଛନ୍ତି ।

## ସେମାନଙ୍କ ଠାରୁ ଶିଖ, ଜିଣିବାର କୌଶଳ. . .

ଗ୍ରୀନ୍ ବାୟୋଟେକ୍ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର ସହ ପ୍ରତିଷ୍ଠାତା ହେଲେ ମଣିପୁରର ଇମ୍ଫାଲ୍‌ସ୍ଥିତ ଗୀତାସୋରୀ ଯୁମନାମ୍ ଏବଂ ଡକ୍ଟର ସୁନ୍ଦରୀ ଦେବୀ । ସେମାନେ ୨୦୧୯ ମସିହା ପାଇଁ ଏ୨ ବର୍ଗରେ ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଏବଂ ଜଙ୍ଗଲ ବର୍ଗରେ ଜାତୀୟ ଉଦ୍ୟୋଗୀତା ପୁରସ୍କାର ଲାଭ କରିଛନ୍ତି । ରାଜ୍ୟରେ ଏକ ଜୈବଭିତ୍ତିକ କମ୍ପାନୀ ସ୍ଥାପନ ଲାଗି ନିଜର ସ୍ୱପ୍ନକୁ ସାକାର କରିବା ନିମନ୍ତେ ସେମାନଙ୍କର ସଂଘର୍ଷ ବାସ୍ତବିକ୍ ପ୍ରଶଂସନୀୟ । ସେମାନଙ୍କ କମ୍ପାନୀ ଏବେ ରାଜ୍ୟର କୃଷକମାନଙ୍କୁ ଜୈବ ସାର, ଜୈବ କୀଟନାଶକ, ବିଭିନ୍ନ ପ୍ରକାର ଆକ୍ୱାକଲଚର, ପ୍ରାଣୀ ପ୍ରଜନନ ଏବଂ ପରିବେଶ ପରିଚାଳନା ନିମନ୍ତେ ମାଗଣାରେ ପରାମର୍ଶ ଦେଉଛି । ଏହି କ୍ରମରେ ସେମାନେ ୨୫ ଜଣ ମହିଳାଙ୍କୁ କର୍ମସଂସ୍ଥାନ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି ।

ଅର୍ଲି ଫୁଡସ୍ ପ୍ରାଇଭେଟ୍ ଲିମିଟେଡ଼ର ସହ ପ୍ରତିଷ୍ଠାତା ହେଲେ ମହାରାଷ୍ଟ୍ରର ସନ୍ତୋଷ କୁମାର ଏବଂ ବିଜୟଲକ୍ଷ୍ମୀ ନାଗରାଜ। ଏମାନଙ୍କୁ ମିଳିତ ଭାବେ ୨୦୧୯ ମସିହା ପାଇଁ ଏ୧ ବର୍ଗରେ ଜାତୀୟ ଉଦ୍ୟୋଗୀତା ପୁରସ୍କାର ମିଳିଛି । ଶାଳିନୀ ନିଜ ମା'ଙ୍କ ସହ ମିଶି ପ୍ରଥମେ ଅର୍ଲି ଫୁଡ଼ସ୍‌କୁ ଗୋଟିଏ କୋଠରୀରେ ହିଁ ଆରମ୍ଭ କରିଥିଲେ । ଯେତେବେଳେ ସେ ନିଜର କାମ ଆରମ୍ଭ କଲେ, ସେତେବେଳେ ତାଙ୍କ କୋଳରେ ଗୋଟିଏ ସାତ ମାସର ସନ୍ତାନ ମଧ୍ୟ ଥିଲା । ଅର୍ଲି ଫୁଡ଼ସ୍ ଗୋଟିଏ ଜୈବ ଖାଦ୍ୟ କମ୍ପାନୀ ଯାହା ପର୍ଲ ମିଲେଟ ଆଧାରିତ ପୋରିଜ୍ ଏବଂ ଅନ୍ୟ ୨୫ ପ୍ରକାରର ସ୍ନାକ୍ସ ପ୍ରସ୍ତୁତ କରିଥାଏ। ଏହି କମ୍ପାନୀ ଏବେ ବୃଦ୍ଧି ପାଇ ମାସକୁ ପ୍ରାୟ ୧୫,୦୦୦ରୁ ଅଧିକ ଅର୍ଡ଼ର ପାଉଛି ।

ଅନୁସାରେ, ମାତୃମୃତ୍ୟୁହାର ( ପ୍ରତି ୧,୦୦,୦୦୦ ସନ୍ତାନ ଜନ୍ମରେ) ୨୦୧୧-୧୩ ମସିହାରେ ୧୬୭ ଥିବା ବେଳେ ୨୦୧୫-୧୭ ବେଳକୁ ତାହା ୧୨୨କୁ ହ୍ରାସ ପାଇଛି । ଅଧିକନ୍ତୁ, ନବଜାତ ଶିଶୁ ମୃତ୍ୟୁ ହାର (ପ୍ରତି ୧,୦୦,୦୦୦ ଜନଜାତକରେ) ୨୦୧୩ରେ ତାହା ୨୮.୩ ପ୍ରତିଶତ ଥିବାବେଳେ ୨୦୧୮ରେ ତାହା ୨୨.୭କୁ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଦ୍ୱାରା ଏବେସୁଦ୍ଧା ଦେଶର ୧.୮୨ କୋଟି ମହିଳା ଉପକୃତ ହୋଇପାରିଛନ୍ତି ।

ଦେଶର ସମସ୍ତ ଗର୍ଭବତୀ ମହିଳାଙ୍କୁ ଯେଭଳି କୁଶଳୀ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ମହତ୍ତ୍ୱକୁ ଉପଲବ୍ଧି କରି ଆହୁରି ଅନେକ ଯୋଜନା ଯଥା, ସୁରକ୍ଷିତ ମାତୃତ୍ୱ ଆଶ୍ୱାସନ ପ୍ରୟାସ, ମିଶନ ଇନ୍ଦ୍ରଧନୁଷ, ପୋଷଣ ଅଭିଯାନ ଏବଂ କିଲକାରୀ ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଏହା ଫଳରେ ମାତୃ ସ୍ୱାସ୍ଥ୍ୟ ଯତ୍ନ ନିମନ୍ତେ ମହିଳାମାନଙ୍କୁ ସକଳ ପ୍ରକାର ପରାମର୍ଶ ତଥା ଔଷଧ ଯୋଗାଇ ଦିଆଯାଉଛି ।

### ପିଏମ ଉଜ୍ଜ୍ୱଳା- ମହିଳାମାନଙ୍କ ପାଇଁ ଆଶୀର୍ବାଦ

ଜାଳେଣି କାଠରେ ଘରେ ରୋଷେଇ କରିବା କାମ ମହିଳାମାନଙ୍କ ସ୍ୱାସ୍ଥ୍ୟ ଉପରେ ସଦାବେଳେ କେବଳ ପ୍ରତିକୂଳ ପ୍ରଭାବ ପକାଇ ଆସୁନଥିଲା ଅପରନ୍ତୁ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିଲା । ଏହି କାମରେ ଏବେ ଉଜ୍ଜ୍ୱଳା ଯୋଜନା ମହିଳାମାନଙ୍କ ପାଇଁ ଆଶୀର୍ବାଦ ଭଳି କାର୍ଯ୍ୟ କରିଛି । ଆଜକୁ ପାଞ୍ଚ ବର୍ଷ ପୂର୍ବେ ଦେଶର ମାତ୍ର ୫୫ ପ୍ରତିଶତ ପରିବାରଙ୍କ ନିକଟରେ ଏଲପିଜି

# ଆର୍ଥିକ ଓ ସାମାଜିକ ସଶକ୍ତିକରଣ ଦିଗରେ ପ୍ରୟାସ



ମୁଦ୍ରା ଯୋଜନାରେ ଆତ୍ମନିଯୁକ୍ତି ନିମନ୍ତେ ମହିଳାମାନଙ୍କୁ ୫୦ ହଜାରରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଛି । ଏହି ଯୋଜନାର **୭୦%** ହିତାଧିକାରୀ ମହିଳା ।

- ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସକାଶେ ପ୍ରୋତ୍ସାହିତ କରିବା ଲାଗି ୬.୭୦ କୋଟି ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ସଂଯୋଗ କରାଯାଇଛି ।
- ପ୍ରଧାନମନ୍ତ୍ରୀ ଜନ - ଧନ ଯୋଜନା ଅଧୀନରେ ୨୨ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଜମାଖାତା ଖୋଲାଯାଇଛି। କରୋନା ମହାମାରୀ କାଳରେ ସେହିସବୁ ଜମାଖାତାକୁ ତିନି କିସ୍ତିରେ ୫୦୦ ଟଙ୍କା ଲେଖାଏଁ ପଠାଯାଇଛି ।
- ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଅଧୀନରେ, ପ୍ରତି ବ୍ୟାଙ୍କର ଜଣେ ଲେଖାଏଁ ଜଣେ ଲେଖାଏଁ ମହିଳା ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଠାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବା ସହ ସେମାନଙ୍କୁ ବ୍ୟବସାୟ ଆରମ୍ଭ କରିବାର ସୁଯୋଗ ଦିଆଯାଇଛି।
- ସରକାରଙ୍କ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଯୋଜନା ମାଧ୍ୟମରେ ଦେଶର ଭବିଷ୍ୟତର କନ୍ୟାମାନଙ୍କୁ ସୁରକ୍ଷିତ କରାଯାଇପାରିଛି। ଏହି ଯୋଜନା ମାଧ୍ୟମରେ ୦ରୁ ୧୦ ବର୍ଷ ବୟସର କନ୍ୟା ସନ୍ତାନମାନଙ୍କ ନାମରେ ପୋଷ୍ଟ ଅଫିସରେ ଜମାଖାତା ଖୋଲାଯାଇଛି । ଏହି ଜମାଖାତାରେ ହେଉଥିବା ଜମାଟଙ୍କା ଉପରେ ବର୍ଷକୁ ୮.୧ ହାରରେ ସୁଧ ପ୍ରଦାନ କରାଯାଉଛି ।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ **26.75** ଲକ୍ଷ ମହିଳାଙ୍କୁ ପ୍ରଶିକ୍ଷଣ। ଆଇଟିଆଇଗୁଡ଼ିକରେ ମହିଳାମାନଙ୍କର ନାମଲେଖାରେ ୨୭ ପ୍ରତିଶତ ବୃଦ୍ଧି।

**ଦେଶର ସଶସ୍ତ୍ର ସେନାର ତିନି ବାହିନୀରେ ପ୍ରଥମ ଥର ପାଇଁ ମହିଳାମାନଙ୍କୁ ଯୁଦ୍ଧ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ସିଆରପିଏଫ ଏବଂ ସିଆଇଏସ୍‌ଏଫରେ କନେଷ୍ଟବଲ ପାହ୍ୟାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଚାକିରି ସଂରକ୍ଷଣ କରାଯାଇଛି ।**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାମାନଙ୍କୁ ଅଗ୍ରାଧିକାର ପ୍ରଦାନର ପ୍ରାବଧାନ କରାଯାଇଛି। ସେହିଭଳି ସିଙ୍ଗଲ ମଦରମାନଙ୍କୁ ପାସପୋର୍ଟ ମଂଜୁର କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରାଯାଉଛି ।**

ସିଲିଣ୍ଡର ସୁବିଧା ଉପଲବ୍ଧ ଥିଲା । କିନ୍ତୁ ଏବେ ଏହି ସଂଖ୍ୟା ୯୮ ପ୍ରତିଶତରେ ପହଞ୍ଚିଛି। ଦେଶର ପ୍ରାୟ ୮ କୋଟି ଗରିବ ପରିବାରଙ୍କୁ ମାଗଣାରେ ଏଲପିଜି ସଂଯୋଗ ଯୋଗାଇ ଦିଆଯାଇଛି । ସରକାର ଏବେ ଏହି ସଂଖ୍ୟାକୁ ୧୦ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ମତ ଅନୁସାରେ, କୋଇଲା କିମ୍ବା କାଠ ଜାଳେଣିରେ ରୋଷେଇବାସ କରିବା ଦ୍ୱାର ଭାରତରେ ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଥିଲା ।

**କ୍ରୀଡ଼ାଠାରୁ ବିଜ୍ଞାନ ପର୍ଯ୍ୟନ୍ତ, ଭାରତ ପାଇଁ ଗୌରବ ଅର୍ଜନ**

କ୍ରୀଡ଼ା ହେଉ ଅବା ବିଜ୍ଞାନ, ମହିଳା ମାନେ ସଂସାରରେ ଏବେ ସବୁ କ୍ଷେତ୍ରରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିଚାଲିଛନ୍ତି । ଦେଶରେ ଏବେ ପ୍ରତ୍ୟେକ କ୍ଷେତ୍ରରେ ଲିଙ୍ଗଗତ ସମାନତା ପରିଲକ୍ଷିତ ହେବାରେ ଲାଗିଛି । କ୍ରୀଡ଼ା କ୍ଷେତ୍ରରେ ସରକାର ସକଳ ପ୍ରକାର ମୌଳିକ ଭିତ୍ତିଭୂମି ଯୋଗାଇ ଦେଇଛନ୍ତି ଯାହା ନବ ପ୍ରତିଭାମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରୁଛି । ଅଭିନବତ୍ୱ ଏବଂ ବିଜ୍ଞାନଭିତ୍ତିକ ଶିକ୍ଷାଲାଭ ନିମନ୍ତେ ସରକାର ଷୋହଳଟି ମହିଳା ପ୍ରଯୁକ୍ତି ପାର୍କ ସ୍ଥାପନ କରିଛନ୍ତି ଏବଂ ମହିଳାମାନଙ୍କ ନିମନ୍ତେ ଆରମ୍ଭ କରାଯାଇଥିବା "କିରଣ"ଫେଲୋସିପ୍ ମହିଳା ବୈଜ୍ଞାନିକମାନଙ୍କୁ ସମସ୍ତ ପ୍ରକାର ପ୍ରତିବନ୍ଧକ ଅତିକ୍ରମ କରିବାର ସୁଯୋଗ ପ୍ରଦାନ କରିଛି ।



# କନ୍ୟାସନ୍ତାନମାନଙ୍କ ପ୍ରତି ସ୍ନେହ

ବ୍ରହ୍ମା ଯେତେବେଳେ ସଂସାରରେ ଜୀବନ ସୃଷ୍ଟି କଲେ, ମନୁ ଏବଂ ଶତରୂପା ତାଙ୍କ ଶରୀରରୁ ଜନ୍ମଲାଭ କଲେ । ପରେ, ସେମାନଙ୍କର ମିଳନରେ ପାଞ୍ଚଟି ସନ୍ତାନ ଜନ୍ମ ନେଲେ । ସେମାନଙ୍କ ମଧ୍ୟରୁ ତିନିଜଣ କନ୍ୟା ଏବଂ ଅନ୍ୟ ଦୁଇଜଣ ପୁତ୍ର । କନ୍ୟାମାନଙ୍କୁ ସେମାନେ ନାମ ଦେଇଥିଲେ ଆକୁତୀ, ଦେବହୂତୀ ଏବଂ ପ୍ରସୂତୀ । ପୁତ୍ର ଦ୍ୱୟଙ୍କ ନାମ ଥିଲା ଉତ୍ତାନପାଦ ଏବଂ ପ୍ରିୟବ୍ରତ । ଏହି ପାଞ୍ଚଜଣ ଥିଲେ ପୃଥିବୀର ପ୍ରଥମ ସନ୍ତାନ । ଏକଥା ସ୍ମରଣୀୟ ଯେ ଏହି ପ୍ରଥମ ପାଞ୍ଚ ସନ୍ତାନଙ୍କ ମଧ୍ୟରୁ ତିନିଜଣ ଥିଲେ କନ୍ୟା । ଏହାର ଅର୍ଥ ହେଲା ଏଇଆ ଯେ ପ୍ରକୃତି ତଥା ଈଶ୍ୱର କନ୍ୟାମାନଙ୍କୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି । ପୁତ୍ର ଓ କନ୍ୟାଙ୍କ ମଧ୍ୟରେ ଈଶ୍ୱର କୌଣସି ଭେଦଭାବ ସୃଷ୍ଟି କରିନାହାନ୍ତି, କେବଳ ମଣିଷ ହିଁ ଏପରି ବୈଷମ୍ୟ ସୃଷ୍ଟି କରିଛି । ସେଇଥିପାଇଁ ଏବେ ଏକ ସଭ୍ୟ ଓ ଶିକ୍ଷିତ ସମାଜରେ, ଏହି ବୈଷମ୍ୟର ପ୍ରାଚୀର ମଧ ଭାଙ୍ଗିବାରେ ଲାଗିଛି । କନ୍ୟାଭ୍ରୁଣ ହତ୍ୟା ଓ ନବଜାତ କନ୍ୟା ସନ୍ତାନକୁ ହତ୍ୟା କରିବା କିମ୍ବା ପରିତ୍ୟକ୍ତ ଅବସ୍ଥାରେ ଫିଙ୍ଗିଦେବା ଭଳି ନାନା ପ୍ରକାର ସାମାଜିକ କୁପ୍ରଥାକୁ ଲକ୍ଷ୍ୟ କରି ସମାଜର କିଛି ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି । ତେଣୁ ଅନେକ ଦମ୍ପତି ଏବେ କନ୍ୟା ସନ୍ତାନମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ଏକ ନୂତନ ପରମ୍ପରା ସୃଷ୍ଟି କରୁଛନ୍ତି । ଭଦୋଦରାର ଜଣେ ହୋଟେଲ ମ୍ୟାନେଜର ବିବେକ( ନାମ ପରିବର୍ତ୍ତନ କରାଯାଇଛି) ଏହାକୁ ଉଚିତ ବୋଲି ମନେକରନ୍ତି । ସେ ମଧ ଜଣେ ପୋଷ୍ୟକନ୍ୟା ଗ୍ରହଣ କରିବାବେଳେ ଏହି କଥାକୁ ହିଁ ଗୁରୁତ୍ୱ ଦେଇଥିଲେ । ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପଦ ପ୍ରାଧିକରଣ (ସିଏଆରଏ)ର ତଥ୍ୟ ସୂଚାଏ ଯେ ଲୋକମାନଙ୍କ ଚିନ୍ତାଧାରା କିଭଳି ଭାବେ ବୈପ୍ଳବିକ ପରିବର୍ତ୍ତନ ଘଟାଇ ପାରିଛି । ସିଏଆରଏ ଅନୁସାରେ, ୨୦୧୫-୧୬ ରେ ଭାରତୀୟ ଦମ୍ପତି ସାରା ଦେଶରେ ୩,୦୧୧ ଜଣଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ପୁତ୍ର ସନ୍ତାନଙ୍କ ସଂଖ୍ୟା ୧,୧୫୬ ଏବଂ କନ୍ୟା ସନ୍ତାନଙ୍କ ସଂଖ୍ୟା ୧,୮୫୫ । ୨୦୧୮-୧୯ ଠାରୁ ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି ।

## ଭାରତୀୟ ସମ୍ପତି

| ବର୍ଷ | ପୋଷ୍ୟ ଗ୍ରହଣ ସଂଖ୍ୟା | ପୁଅ | ଝିଅ |
|---|---|---|---|
| 2015-16 | 3,011 | 1,156 | 1,855 |
| 2016-17 | 3,788 | 1,443 | 2,345 |
| 2017-18 | 3,823 | 1,483 | 2,340 |
| 2018-19 | 4,027 | 1,629 | 2,398 |
| 2019-20 | 3,745 | 1,558 | 2,187 |
| 2020-21 | 2,285 | 954 | 1,331 |

25 ଡିସେମ୍ବର, 2020 ପର୍ଯ୍ୟନ୍ତ

### ନିରାପଦ ଓ ସୁନିଶ୍ଚିତ ମହିଳା, ସଶକ୍ତ ରାଷ୍ଟ୍ର

ମହିଳାମାନଙ୍କ ସମୃଦ୍ଧି ନିମନ୍ତେ ସେମାନଙ୍କ ପାଇଁ ନିରାପତ୍ତା ବ୍ୟବସ୍ଥା କରିବା ଏକାନ୍ତ ଜରୁରି । ଏହି ଉଦ୍ଦେଶ୍ୟରେ, ସରକାର କୌଣସି ପ୍ରକାର ସୁଯୋଗକୁ ହାତଛଡ଼ା କରିନାହାନ୍ତି । ଦୀର୍ଘ ଦିନରୁ ସମାଜର ପ୍ରତ୍ୟେକ ସ୍ତରରୁ ଏଥିପାଇଁ ଦାବି ହୋଇ ଆସୁଥିଲା । ମହିଳା ବିରୋଧୀ ଅପରାଧିକ ମାମଲାରେ ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ନିମନ୍ତେ ସଭିଏଁ ଦାବି କରି ଆସୁଥିଲେ । ସେଥିପାଇଁ, ସଂସଦରେ ଭାରତୀୟ ଦଣ୍ଡବିଧି ସଂହିତାରେ ଏକ ସଂଶୋଧନ କରାଯାଇଛି ଯେଉଁଥିରେ ୧୨ ବର୍ଷରୁ କମ୍ ବୟସର କନ୍ୟାସନ୍ତାନଙ୍କ ପ୍ରତି ପାଶବିକ ଅତ୍ୟାଚାର ନିମନ୍ତେ ଅପରାଧୀକୁ ମୃତ୍ୟୁଦଣ୍ଡ ଦେବାର ପ୍ରାବଧାନ କରାଯାଇଛି । ୧୬ ବର୍ଷରୁ କମ୍ ଆୟୁର କନ୍ୟା ସନ୍ତାନଙ୍କ ପ୍ରତି ପାଶବିକ ଅତ୍ୟାଚାର ପାଇ ୧୦ ବର୍ଷରୁ ୨୦ ବର୍ଷ ପର୍ଯ୍ୟନ୍ତ କଠୋର ଜେଲଦଣ୍ଡର ବ୍ୟବସ୍ଥା ହୋଇଛି । ଏଭଳି ଜଘନ୍ୟ କାଣ୍ଡରେ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ଏହି ଆଇନରେ ଉଭୟ ତଦନ୍ତ ଏବଂ ବିଚାର କାର୍ଯ୍ୟକୁ ଦୁଇମାସ ମଧ୍ୟରେ ସଂପୂର୍ଣ୍ଣ କରିବା ଲାଗି ପ୍ରାବଧାନ କରାଯାଇଛି। ତ୍ୱରିତ ବିଚାର ମଧ ପୀଡ଼ିତା ତଥା ତା'ର ପରିବାରର ସଦସ୍ୟ ଓ ସାକ୍ଷୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିଛି। ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ସହାୟତା ପ୍ରଦାନ ଲାଗି ଉଦ୍ଦିଷ୍ଟ ସାର୍ବଜନୀନ ମହିଳା ହେଲ୍ପଲାଇନ ନମ୍ବର ୧୮୧ ଏବଂ ସି-ବକ୍ସ ସୁବିଧା ଉଭୟ ସରକାରୀ ଏବଂ ଘରୋଇ କର୍ମସ୍ଥଳୀରେ ସ୍ଥାପନର ବ୍ୟବସ୍ଥା କରାଯାଇଛି ।

ଘରୋଇ ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ନିମନ୍ତେ 'ୱାନ ଷ୍ଟପ୍ ସେଣ୍ଟର' (ଓଏସସି) ଯାହା ଅଭିଯୋଗ ସମାଧାନ ନିମନ୍ତେ ଉଦ୍ଦିଷ୍ଟ ତାହା ଦେଶବ୍ୟାପୀ ସ୍ଥାପନ କରାଯାଇଛି ।

# ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନା



ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନା ଯୋଗୁ ଦେଶରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଅନୁପାତରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି। ୨୦୧୪-୧୫ ରେ ଦେଶରେ ପ୍ରତି ୧୦୦୦ ବାଳକଙ୍କ ତୁଳନାରେ ବାଳିକାଙ୍କ ସଂଖ୍ୟା ୯୧୮ ଥିବା ବେଳେ ୨୦୧୯-୨୦ରେ ତାହା ବୃଦ୍ଧି ପାଇ ୯୩୪ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କର#SelfieWithDaughter and #BharatKiLaxmi ଅଭିଯାନରେ ସମାଜରେ ଦଶନ୍ଧି ଦଶନ୍ଧି ଧରି ଜାରି ରହିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେବାରେ ସକ୍ଷମ ହୋଇପାରିଛନ୍ତି ।

**95.06**

ପ୍ରତିଶତ କାର୍ଯ୍ୟକ୍ଷମ ଶୌଚାଳୟ ସାରା ଦେଶରେ ୨୦୧୮-୧୯ ନିର୍ମିତ ହୋଇଛି ଯାହାକି ୨୦୧୪-୧୫ ରେ ୯୨.୧୦ ପ୍ରତିଶତ ଥିଲା । ଏହା ଦ୍ୱାରା ବିଦ୍ୟାଳୟରେ ବାଳିକାମାନଙ୍କର ଅଧାରୁ ପାଠପଢ଼ା ଛାଡିବା ମାତ୍ରା ହ୍ରାସ ପାଇଛି ।

**ଉତ୍ସ: ଶିକ୍ଷା ମନ୍ତ୍ରଣାଳୟ**

- ବେଟୀ ପଢ଼ାଓ ଅଭିଯାନ ମାଧ୍ୟମରେ ୧୯.୭୨ ଲକ୍ଷ ସନ୍ତାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି ।
- ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନା ଆରମ୍ଭ ହେବା ପରେ, ଶିକ୍ଷାର ପ୍ରତ୍ୟେକ ସ୍ତରରେ ବାଳିକାମାନଙ୍କ ବିଦ୍ୟାଳୟ ଉପସ୍ଥାନରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ।
- ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଉଛି

**୨୦୧୪-୧୫ ରୁ ୨୦୧୯-୨୦ ମଧ୍ୟରେ ୪୦୫ଟି ମଲ୍ଟି ସେକ୍ଟରାଲ ଜିଲ୍ଲା ମଧ୍ୟରୁ ୨୮୨ଟି ଜିଲ୍ଲାରେ ଏସଆରବି ଉନ୍ନତି ପରିଲକ୍ଷିତ ହୋଇଛି ।**

**ସରକାରଙ୍କ ଦ୍ୱାରା ନିର୍ଭୟା ପାଣ୍ଠି ଅଧୀନରେ ୫,୭୦୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି। ସେଥି ମଧ୍ୟରୁ ପୁଲିସ ଥାନାମାନଙ୍କରେ ମହିଳା ହେଲ୍ପ ଡେସ୍କ ସ୍ଥାପନ ସକାଶେ ୧୦୦ କୋଟି ଟଙ୍କା ମଂଜୁର କରାଯାଇଛି ।**

**କନ୍ୟା ସନ୍ତାନମାନଙ୍କ ପାଇଁ ଆର୍ଥିକ ସମାଯୋଜନ ନିମନ୍ତେ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଯୋଜନା ଆରମ୍ଭ କରାଯାଇଛି । ଏପର୍ଯ୍ୟନ୍ତ ଏହି ଭଳି ୧.୫୬ କୋଟି ଜମାଖାତାରେ ୪୭,୭୯୪ କୋଟି ଟଙ୍କା ଜମା କରାଯାଇଛି ।**

୨୦୨୦ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶର ୭୩୦ଟି ଜିଲ୍ଲାରେ ଏଭଳି ୭୩୩ଟି କେନ୍ଦ୍ରକୁ ମଞ୍ଜୁରି ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ ଏବେ ସୁଦ୍ଧା ୭୦୦ଟି କେନ୍ଦ୍ର ମାଧ୍ୟମରେ ପ୍ରାୟ ୩ .୦୦ରୁ ଅଧିକ ମହିଳାଙ୍କୁ ସହାୟତା ଯୋଗାଇ ଦିଆଯାଇଛି ।
'ନିର୍ଭୟା ପାଣ୍ଠି'କୁ ଉପଯୋଗ କରି ଦେଶରେ ୧,୦୨୩ଟି ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପିତ ହୋଇଛି ଏବଂ ପୁଲିସ ଥାନାମାନଙ୍କରେ ମହିଳା ହେଲ୍ପ ଡେସ୍କ ସ୍ଥାପନ ଏବଂ ସେସବୁର ସୁଦୃଢ଼ୀକରଣ ସକାଶେ ୧୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ସେହିଭଳି ୧୭.୨୩ କୋଟି ଟଙ୍କା ବ୍ୟୟରେ 'ହିମ୍ମତ' ମୋବାଇଲ୍ ଆପ୍ ସ୍ଥାପନ କରାଯାଇଛି ଯାହାକି ମହିଳା ଏବଂ ପୁଲିସ ମଧ୍ୟରେ ସଂଯୋଗ ସ୍ଥାପନ କରିବା ଦିଗରେ ସହାୟକ ହେବ ।
ମହିଳା ଓ ଶିଶୁ ଚାଲଣ ଭଳି ଗୁରୁତର ସମସ୍ୟାର ମୁକାବିଲା ସକାଶେ ସଂସଦରେ ଚାଲାଣ ନିରୋଧୀ ଆଇନ ପାରିତ ହୋଇଛି। ଏଥିରେ ସୁନିଶ୍ଚିତ କରାଯାଇଛି ଯେ ବିଭିନ୍ନ ପ୍ରକାର ମହିଳା ଓ ଶିଶୁ ଚାଲାଣକୁ ଟ୍ରାକିଂ କରାଯିବ ଏବଂ ସେହସବୁ ମାମଲାର ଦ୍ୱରିତ ସମାଧାନ କରାଯାଇ ଦୋଷୀଙ୍କ ପ୍ରତି ଶାସ୍ତିବିଧାନ କରାଯିବ । ଏଥିରେ ବଳପୂର୍ବକ ଖଟାଇବା, ବେଶ୍ୟାବୃତ୍ତି, ଯୌନ ଶୋଷଣ, ବଳପୂର୍ବକ ବିବାହ କରିବା ଇତ୍ୟାଦି ଚାଲାଣ କାର୍ଯ୍ୟର ବିସ୍ତୃତ ତାଲିକା ପ୍ରସ୍ତୁତ କରାଯାଇଛି ଏବଂ ସେଥିପାଇଁ ଦଣ୍ଡବିଧାନର ମଧ୍ୟ ତାଲିକା ହୋଇଛି

## ଶିକ୍ଷିତ ନାରୀ: ସମୃଦ୍ଧ ସମାଜର ମୂଳଦୁଆ

ଯେତେବେଳେ ମହିଳାମାନଙ୍କୁ ଶିକ୍ଷିତ କରାଯାଏ, ସେତେବେଳେ ଗୋଟିଏ ପରିବାର ଆପେ ଆପେ ଶିକ୍ଷିତ ହୋଇଥାଏ । ଏହି ଆପ୍ତବାକ୍ୟକୁ ଆଧାର କରି ସରକାର ଏହି ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ବିଦ୍ୟାଳୟରେ ବାଳିକାମାନଙ୍କ ଉପସ୍ଥାନ କମିବାର କାରଣ ଜାଣିବା ଦିଗରେ ଗଭୀର ଅନୁଧ୍ୟାନ କରିଛନ୍ତି। ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ବିଦ୍ୟାଳୟରେ ଉପଯୁକ୍ତ ଶୌଚାଳୟର ଅଭାବ ଏବଂ ବାଳିକାମାନେ ପରିବାର ଓ ସମାଜ ଉପରେ ଆର୍ଥିକ ବୋଝ ଭଳି ଅସୁସ୍ଥ ଚିନ୍ତାଧାରା ରହିଛି । ଏହା କନ୍ୟା ସନ୍ତାନମାନଙ୍କ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବାଧା ସୃଷ୍ଟି କରୁଛି । ତେଣୁ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଲାଲକିଲା ଠାରୁ ସ୍ୱାଧୀନତା ଦିବସର ଅଭିଭାଷଣରେ ସ୍ୱଚ୍ଛ ଭାରତ ଅଭିଯାନର ଘୋଷଣା କରିଥିଲେ । ଏହାର ପରିଣାମ ସ୍ୱରୂପ ସାରା ଦେଶରେ ବିଦ୍ୟାଳୟଗୁଡ଼ିକରେ କେବଳ ଛାତ୍ରୀମାନଙ୍କ ନିମନ୍ତେ ୪.୧୭ ଲକ୍ଷ ଶୌଚାଳୟ ନିର୍ମିତ ହୋଇପାରିଛି ଏବଂ ଦେଶର ଗ୍ରାମାଞ୍ଚଳରେ ୧୦.୨୯ କୋଟି ଶୌଚାଗାର ନିର୍ମାଣ ସମ୍ଭବପର ହୋଇପାରିଛି । ଏହା ବିଦ୍ୟାଳୟରୁ ବାଳିକାମାନଙ୍କ ପାଠଛାଡ଼ିବା ମାତ୍ରାକୁ ଯଥେଷ୍ଟ ସଂଖ୍ୟାରେ ହ୍ରାସ କରିପାରିଛି । ବିଦ୍ୟାଳୟରେ ବାଳିକାମାନଙ୍କ ନାମଲେଖା ମାତ୍ରା ୯୪.୨୩ ପ୍ରତିଶତ ହୋଇଥିବା ବେଳେ ବାଳକମାନଙ୍କ ନାମଲେଖା ମାତ୍ରା ୮୯.୨୮ ରହିଛି । ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ଅନ୍ୟାନ୍ୟ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କନ୍ୟାସନ୍ତାନମାନଙ୍କୁ ପଢ଼ିବାକୁ ବିଦ୍ୟାଳୟକୁ ନପଠାଇବା ଭଳି ମାନସିକତାରେ ପରିବର୍ତ୍ତନ ଆଣିଛି। ଲୋକମାନେ ଆଉ କନ୍ୟା ସନ୍ତାନମାନଙ୍କୁ ଆର୍ଥିକ ଦୃଷ୍ଟିରୁ ବୋଝ ବୋଲି ଭାବୁନାହାନ୍ତି। ବୈଷୟିକ ଶିକ୍ଷା କ୍ଷେତ୍ରରେ ବାଳିକାମାନେ ମଧ୍ୟ ବେଶ୍ ଆଗକୁ ଆଗେଇ ପାରିଛନ୍ତି । ଦେଖାଯାଇଛି ଯେ ୨୦୧୪ ତୁଳନାରେ ଏବେ ଆଇଟିଆଇମାନଙ୍କରେ ଛାତ୍ରୀମାନଙ୍କ ନାମଲେଖା ଦ୍ୱିଗୁଣିତ ହୋଇଛି । ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରଦର୍ଶିତ ଡାଟା ସୂଚୀତ କରେ ଯେ ୨୦୧୧ ମସିହାରେ, ପ୍ରାୟ ୫୯ ପ୍ରତିଶତ (୧୫ ବର୍ଷରୁ ଅଧିକ ବୟସର) ବାଳିକାମାନେ ପୂର୍ବାପେକ୍ଷା ଅଧିକ ଶିକ୍ଷିତ ହୋଇଛନ୍ତି । ଅର୍ଥାତ୍, ୨୦୧୮ରେ ଏହି ମାତ୍ରା ୬୬ ପ୍ରତିଶତରେ ପହଞ୍ଚିଛି ।

## ମହିଳାମାନଙ୍କ ଗରିମା ନିମନ୍ତେ ଅଭିଯାନ

ଦେଶର ପ୍ରତ୍ୟେକ ପରିବାରରେ ଏକ ଶୌଚାଳୟ ନିର୍ମାଣ କେବଳ ସ୍ୱଚ୍ଛତା ରକ୍ଷା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ମହିଳାମାନଙ୍କ ଗରିମାର ସୁରକ୍ଷା ନିମନ୍ତେ ଏହା ଏକ ବିରାଟ ଅଭିଯାନ ବୋଲି କୁହାଯାଇପାରେ। ଆଜି ଏହି କାର୍ଯ୍ୟକ୍ରମ ଯୋଗୁ ଦେଶର ୬ ଲକ୍ଷରୁ ଅଧିକ ଗ୍ରାମ ଖୋଲାରେ ଶୌଚ କରିବା ଅଭ୍ୟାସରୁ ମୁକ୍ତ ହୋଇପାରିଛି । କେବଳ ଯେ ଶୌଚାଳୟ ନିର୍ମାଣ ମାଧ୍ୟମରେ ମହିଳାମାନଙ୍କ ଗରିମା ରକ୍ଷା ହୋଇପାରିଛି ତାହାନୁହେଁ, ଅପର ପକ୍ଷରେ ପରିବାରର ମାଲିକାନା ମଧ୍ୟ ମହିଳାମାନଙ୍କ ଗରିମାକୁ ସମାଜରେ ଉପଯୁକ୍ତ ଭାବେ ପ୍ରତିପାଦିତ କରିଥାଏ । ପିଏମ୍ ଆବାସ ଯୋଜନା ଅଧୀନରେ ମହିଳାମାନଙ୍କ ମାଲିକାନାକୁ ଏଥିପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ଏହି ଧାରାରେ ୩୮ ଲକ୍ଷରୁ ଅଧିକ ବାସଗୃହର ମାଲିକାନା ମହିଳା ମାନଙ୍କୁ ହିଁ ମଂଜୁର କରାଯାଇଛି ଏବଂ ଅନ୍ୟ ୫୫.୭ ଲକ୍ଷ ବାସଗୃହର ମାଲିକାନା ଉଭୟ ପତ୍ନୀ ଓ ପତିଙ୍କ ନାମରେ ମିଳିତ ଭାବେ ପ୍ରଦାନ କରାଯାଇଛି। ମଧ୍ୟଯୁଗୀୟ ମାନସିକତାର ପ୍ରତୀକ ସ୍ୱରୂପ ବହୁଦିନରୁ ପ୍ରଚଳିତ ଥିବା ତତ୍କାଳ ତିନି ତଲାକ ବ୍ୟବସ୍ଥାକୁ ସରକାର ଉଚ୍ଛେଦ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସରକାର ଆଇନ ପ୍ରଣୟନ କରିଛନ୍ତି ଯାହା ମୁସଲମାନ ସମ୍ପ୍ରଦାୟର ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷାରେ ସହାୟକ ହୋଇଛି । ସେହିଭଳି ପୂର୍ବତନ ଜମ୍ମୁ ଓ କଶ୍ମୀର ରାଜ୍ୟରେ ଆଗରୁ ପ୍ରଚଳିତ ଥିବା ଅନ୍ଧାରୀ ତଥା ବୈଷମ୍ୟମୂଳକ ବ୍ୟବସ୍ଥାର ମଧ୍ୟ ଅବସାନ ଘଟାଯାଇଛି । ଫଳରେ ପୂର୍ବରୁ ଯଦି ଜଣେ ମହିଳା ଜଣେ ଅଣ-କାଶ୍ମୀରୀଙ୍କୁ ବିବାହ କରୁଥିଲେ ତେବେ ତାଙ୍କର ସମ୍ପତ୍ତିକୁ ନିଜର ସନ୍ତାନମାନଙ୍କୁ ପ୍ରଦାନ କରିବାରେ ସମସ୍ୟା ଥିଲା। କିନ୍ତୁ ଆଇନରେ ସଂଶୋଧନ କରାଯାଇ ଏବେ ତାହା ସୁନିଶ୍ଚିତ କରାଯାଇଛି । ସେହିଭଳି ଶିଶୁ ବିବାହ ନିରୋଧ ଆଇନର ଅଭାବକୁ ମଧ୍ୟ ପୂରଣ କରାଯାଇପାରିଛି । ସମ୍ବିଧାନର ଧାରା ୩୭୦ ଏବଂ ଧାରା ୩୫(ଏ)କୁ ଏବେ ଉଚ୍ଛେଦ କରାଯାଇଛି । ଅଧିକନ୍ତୁ,

## ନୂତନ ଆଇନ ଦ୍ୱାରା ନିରାପତ୍ତା ସୁନିଶ୍ଚିତ



- ୧୨ ବର୍ଷରୁ କମ୍ ବୟସର ନାବାଳିକାକୁ ଦୁଷ୍କର୍ମ ଅପରାଧରେ ଏବେ ମୃତ୍ୟୁଦଣ୍ଡର ବ୍ୟବସ୍ଥା କରାଯାଇଛି । ଏହି ଆଇନରେ ସେଭଳି ଦୁଷ୍କର୍ମ ମାମଲାର ଫଇସଲା ଦୁଇମାସ ମଧ୍ୟରେ ସଂପୂର୍ଣ୍ଣ କରିବାର ସକଳ ପ୍ରକାର ପ୍ରାବଧାନ ରହିଛି ।
- ଆଇନଗତ ବ୍ୟବସ୍ଥା ଦ୍ୱାରା ତତ୍କାଳ ତିନି ତଲାକ ବ୍ୟବସ୍ଥାର ଉଚ୍ଛେଦକରଣ କରାଯାଇଛି । ହଜ୍‌ରେ ଯାଉଥିବା ମୁସଲମାନ ମହିଳାମାନଙ୍କ ସକାଶେ ବାଧ୍ୟତାମୂଳକ ମେହରାମ (ପୁରୁଷ ଅଭିଭାବକତ୍ୱ) କୁ ଉଚ୍ଛେଦ କରାଯାଇଛି ।
- ମହିଳାମାନଙ୍କ ପ୍ରତି ହେଉଥିବା ଅପରାଧରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ସକାଶେ ଜାତୀୟ ଡାଟା ବେସ୍ ପ୍ରସ୍ତୁତ କରାଯାଇଛି। ଏଭଳି ମାମଲାର ବିଚାର ନିମନ୍ତେ ସାରା ଦେଶରେ ୧,୦୨୩ଟି ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ କରାଯାଉଛି ।
- ଦେଶର ପ୍ରତ୍ୟେକ ଥାନାରେ ଗୋଟିଏ ଲେଖାଏଁ ମହିଳା ହେଲ୍ପ ଡେସ୍କ ସ୍ଥାପନ ନିମନ୍ତେ ବ୍ୟବସ୍ଥା ଆରମ୍ଭ କରାଯାଇଛି । ସେହିଭଳି ସମଗ୍ର ଦେଶରେ ୭୦୦ରୁ ଅଧିକ ୱାନ୍ ଷ୍ଟପ୍ ସେଣ୍ଟର ଖୋଲାଯାଇଛି। କର୍ମଜୀବୀ ମହିଳାମାନଙ୍କ ସକାଶେ ଆଇନରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇଛି ।

**ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଦ୍ୱାରା ମହିଳାମାନଙ୍କ ସକାଶେ "ନାରୀ" ପୋର୍ଟାଲ"ର ଶୁଭାରମ୍ଭ ହୋଇଛି । ଏହା ଦ୍ୱାରା ଗୋଟିଏ ସ୍ଥାନରୁ ହିଁ ୩୫୦ରୁ ଅଧିକ ଯୋଜନାକୁ ସହଜରେ ପହଞ୍ଚି ହେଉଛି।**



# ସ୍ୱାସ୍ଥ୍ୟ ଓ ପୌଷ୍ଟିକତା ପ୍ରତି ସ୍ୱତନ୍ତ୍ର ଧ୍ୟାନ

- ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ, ସରକାର ୧ ଟଙ୍କା ମୂଲ୍ୟରେ ସାନିଟାରୀ ପ୍ୟାଡ଼ ବିକ୍ରୟର ବ୍ୟବସ୍ଥା କରିଛନ୍ତି । ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରମାନଙ୍କରେ ଏପର୍ଯ୍ୟନ୍ତ ୭ କୋଟିରୁ ଅଧିକ ସାନିଟାରୀ ପ୍ୟାଡ଼ ବିକ୍ରୟ ହୋଇସାରିଛି ଏବଂ ଏହାକୁ ଜିଏସଟି ମୁକ୍ତ ରଖାଯାଇଛି ।
- ମିଶନ ଇନ୍ଦ୍ରଧନୁଶ ଅଧୀନରେ ୯୦ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟୀକାକରଣ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ପ୍ରତ୍ୟେକ ପରିବାରକୁ ଶୌଚାଳୟ ଯୋଗାଇ ଦିଆଯାଇଛି ଯାହା ଫଳରେ ମହିଳାମାନଙ୍କ ଗରିମା ବୃଦ୍ଧି ପାଇଛି ।
- ପ୍ରସବକାଳୀନ ସବୈତନିକ ଛୁଟି ଅବଧିକୁ ଏବେ ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଛି । ପ୍ରଥମ ଥର ପାଇଁ ପ୍ରତ୍ୟେକ କାର୍ଯ୍ୟାଳୟରେ କର୍ମରତ ମହିଳା କର୍ମଚାରୀମାନଙ୍କ ନିମନ୍ତେ କ୍ରେଚ୍ ବ୍ୟବସ୍ଥା କରାଯାଇଛି ।
- ୨୦୧୭ ମସିହା ଠାରୁ ପୋଷଣ ଯୋଜନା ଅଧୀନରେ ୭,୪୧୧ କୋଟି ଟଙ୍କା ବଣ୍ଟନ କରାଯାଇଛି ।
- ୨୦୧୬-୧୮ରେ ଦେଶରେ ମାତୃ ମୃତ୍ୟୁ ହାର ୧୧୩କୁ ହ୍ରାସ ପାଇଛି ଯାହାକି ୨୦୧୫-୧୭ରେ ପ୍ରତି ଏକ ଲକ୍ଷଙ୍କର ୧୨୨ ଥିଲା ଏବଂ ୨୦୧୪-୧୬ରେ ଏହା ୧୩୦ରେ ରହିଥିଲା ।
- ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଦ୍ୱାରା ୧.୮୨ କୋଟି ମହିଳା ଉପକୃତ ହୋଇପାରିଛନ୍ତି ଓ ସେମାନଙ୍କ ଜମାଖାତାକୁ ୭,୮୪୯ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି ।

**ସରକାରଙ୍କ ଇ- ମାର୍କେଟ୍ ପୋର୍ଟାଲ (ଜିଇଏମ)ରେ ୩୨,୦୦୦ରୁ ଅଧିକ ମହିଳା ଉଦ୍ୟୋଗୀ ନାମ ପଂଜୀକରଣ କରିଛନ୍ତି ଯାହାକି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିଛି ।**

ଯେଉଁ ପ୍ରବାସୀ ଭାରତୀୟମାନେ ଏବେ ସେମାନଙ୍କ ପତ୍ନୀଙ୍କୁ ବିବାହ ପରେ ପରିତ୍ୟାଗ କରନ୍ତି ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ପ୍ରାବଧାନ କରିଛନ୍ତି ।

### ସାମାଜିକ ସଶକ୍ତିକରଣ

ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମହିଳାକୈନ୍ଦ୍ରିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସାମାଜିକ ଦୃଷ୍ଟିଭଙ୍ଗୀର ଏକ ସଂଜ୍ଞା ସୃଷ୍ଟି ହୋଇଛି । ସାରଦା ଆଇନ(ସଂଶୋଧିତ) ୧୯୭୮ରେ ପରିବର୍ତ୍ତନ ସକାଶେ ସରକାର ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି ଯଦ୍ୱାରା ମହିଳାମାନଙ୍କୁ ସମାନ ଅଧିକାର ଓ ସୁଯୋଗ ପ୍ରଦାନ କରାଯାଇପାରିବ । ବାଳିକାମାନଙ୍କ ପାଇଁ ବିବାହର ଉପଯୁକ୍ତ ବୟସ ନିର୍ଦ୍ଧାରଣ ନିମନ୍ତେ ଏହି ଟାସ୍କ ଫୋର୍ସକୁ ଦାୟିତ୍ୱ ଦିଆଯାଇଛି । ଅଧୁନା ୧୮ ବାଳିକାମାନଙ୍କ କ୍ଷେତ୍ରରେ ବିବାହର ସର୍ବନିମ୍ନ ବୟସ ୧୮ ବୋଲି ଧାର୍ଯ୍ୟ କରାଯାଇଛି । ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସେଥିରୁ ଆଶ୍ୱସ୍ତି ପାଇବା ସକାଶେ ସରକାର ନିକଟରେ "ମେଡ଼ିକାଲ ଟର୍ମିନେସନ ଅଫ୍ ପ୍ରେଗନାନ୍ସି ଆଇନ"କୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏଥିରେ ଗର୍ଭନଷ୍ଟ କରିବାର ସମୟ ସୀମାକୁ ୨୦ ସପ୍ତାହରୁ ୨୪ ସପ୍ତାହକୁ ବଢ଼ାଇ ଦିଆଯାଇଛି। ସେହିଭଳି ପ୍ରସବକାଳୀନ ସବୈତନିକ ଛୁଟି ଅବଧିକୁ ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଛି। ପ୍ରଥମ ଥର ପାଇଁ, ସାମାଜିକ ବଦ୍ଧମୂଳ ଧାରଣାକୁ ଭାଙ୍ଗିବା ଉଦ୍ଦେଶ୍ୟରେ ଐତିହାସିକ ଲାଲ କିଲ୍ଲା ମଞ୍ଚ ଉପରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାନିଟାରୀ ପ୍ୟାଡ଼ ବିଷୟ ଉଲ୍ଲେଖ କରିଥିଲେ । ରାଷ୍ଟ୍ରକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ, 'ଦେଶର ଗରିବ ଭଉଣୀ ଓ କନ୍ୟାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ସରକାର ନିରବଚ୍ଛିନ୍ନ ଭାବେ ଚିନ୍ତିତ ଅଛନ୍ତି ଓ କାର୍ଯ୍ୟ କରୁଛନ୍ତି। ଜନଔଷଧି କେନ୍ଦ୍ରମାନଙ୍କରେ ମାତ୍ର ୧ ଟଙ୍କାରେ ସାନିଟାରୀ ପ୍ୟାଡ଼ ଯୋଗାଣର ବ୍ୟବସ୍ଥା କରି ସରକାର ଏକ ମହାନ କାର୍ଯ୍ୟ କରିଛନ୍ତି । ଏହା ଫଳରେ ମାତ୍ର ଅଳ୍ପ ଦିନ ଭିତରେ, ଦେଶର ୬୦୦୦ ଜନଔଷଧି କେନ୍ଦ୍ରମାନଙ୍କୁ ସେହିସବୁ ମହିଳାମାନେ ୫ କୋଟିରୁ ଅଧିକ ସାନିଟାରୀ ପ୍ୟାଡ଼ କ୍ରୟ କରିଛନ୍ତି।' ଆଜି ଦେଶର ମହିଳାମାନେ ଯେତିକି ମୁକ୍ତ ହୋଇପାରିଛନ୍ତି ଆର୍ଥିକ ଦୃଷ୍ଟିରୁ ସେତିକି ସଶକ୍ତ ହୋଇଛନ୍ତି । ସେହିଭଳି ନିଜର ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସଜ୍ଜିତ ହେବା ଦ୍ୱାରା ସେମାନଙ୍କ ମନର ନିରାପତ୍ତାର ଭାବନା ମଧ୍ୟ ସୁନିଶ୍ଚିତ ହୋଇଛି । ଏବେ ସେମାନେ କେବଳ ଏଭଳି ନିରାପତ୍ତା କଥା ସ୍ୱପ୍ନ ଦେଖୁନାହାନ୍ତି ଅପରନ୍ତୁ ଏହାକୁ ଅନୁଭବ କରିପାରୁଛନ୍ତି। ଏହା ପଛରେ ଥିବା କାରଣଟି ହେଲା ଲୋକମାନଙ୍କ ମାନସିକତାରେ ଆସିଥିବା ପରିବର୍ତ୍ତନ ଏବଂ ମହିଳାମାନଙ୍କୁ ଆଉ ଗୌଣ କିମ୍ବା ଦୁର୍ବଳ ବୋଲି କେହି ଭାବୁନାହାନ୍ତି । ଏବେ ସମୟ ବଦଳି ସାରିଛି । ଏବେ ଆଉ କେହି "ଯଦି ଝିଅଟିଏ ଜନ୍ମ ହେଲା" ବୋଲି କହୁନାହାନ୍ତି । ବରଂ ଏହା ବଦଳରେ ସେମାନଙ୍କ ତୁଣ୍ଡରୁ ବାହାରୁଛି, "ବାଃ! ଝିଅଟିଏ ନା କ'ଣ" ! ନିଜେ ପ୍ରୟାସ କରନ୍ତୁ ଏବଂ ଅନୁଭବ କରନ୍ତୁ ଯେ ମାନସିକତାରେ ଆସିଥିବା ନୂତନ ପରିବର୍ତ୍ତନ ମହିଳାମାନଙ୍କୁ କେତେ ମାତ୍ରାରେ ସଶକ୍ତ କରିପାରିଛି । ଚିନ୍ତା କରି ଦେଖନ୍ତୁ ଯେ ଆପଣ ଦେଶର ୧.୩ କୋଟି ନାଗରିକଙ୍କ ନିର୍ବାଚିତ ପ୍ରତିନିଧି, ଜଣେ ବୈଶ୍ୱିକ ଜନନେତା। ଏହି ସମସ୍ତ କଳ୍ପନାକୁ ମହିଳା ସେମାନଙ୍କର ପ୍ରତିବଦ୍ଧତା, ରୁଚି ଏବଂ ସେବା ମନୋଭାବ ଦ୍ୱାରା ସାକାର କରିପାରିଛନ୍ତି । ସେତେବେଳେ ଆପଣଙ୍କୁ କେମିତି ଲାଗିବ ତାହା ଅନୁଭବ କରନ୍ତୁ । ପୂର୍ବରୁ ଏଭଳି କଳ୍ପନା କରିବା ସୁଦ୍ଧା ଦୁରୂହ ବ୍ୟାପାର ଥିଲା । କିନ୍ତୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏମିତି ଭାବେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରିବାକୁ ପସନ୍ଦ କରିଛନ୍ତି। ଏହି କାର୍ଯ୍ୟ ହିଁ ନୂତନ ଭାରତର ମହିଳାମାନଙ୍କୁ ସାଂକେତିକ ଭାବେ ସେମାନଙ୍କର ଦାୟିତ୍ୱ ଏବଂ ସଫଳତାକୁ ସୂଚାଉଛି। ଦେଶର ମହିଳାମାନେ ନୂତନ ଶୀର୍ଷ ହାସଲ କରିପାରୁଛନ୍ତି ଏବଂ ସେମାନଙ୍କ ପ୍ରତିଟି ଶବ୍ଦ ଓ ପଦକ୍ଷେପରେ ସରକାର ସେମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି । ■

# ସ୍ଥାନୀୟ କଣ୍ଢେଇ ପାଇଁ 'ଭୋକାଲ୍ ଫର୍ ଲୋକାଲ'ର ଅବସର

ଶିଶୁମାନଙ୍କ ମାନସିକ, ସାମାଜିକ, ଶାରୀରିକ ଏବଂ ଆବେଗିକ ବିକାଶ ନିମନ୍ତେ କଣ୍ଢେଇର ନିଜସ୍ୱ ଗୁରୁତ୍ୱ ରହିଛି । କିନ୍ତୁ ଆମ ଦେଶରେ ଉପଲବ୍ଧ ସମସ୍ତ କଣ୍ଢେଇ ଭିତରୁ ମାତ୍ର ୧୫ ପ୍ରତିଶତ ହିଁ ସ୍ୱଦେଶୀ । କେବଳ ଏତିକି ନୁହେଁ, ବିଶ୍ୱବ୍ୟାପୀ ଏହି ୭ ଲକ୍ଷକୋଟି ଟଙ୍କାର କଣ୍ଢେଇ ବ୍ୟବସାୟ କ୍ଷେତ୍ରରେ ଭାରତର ଅଂଶମାତ୍ର ୦.୫ ପ୍ରତିଶତ। ତେଣୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କଣ୍ଢେଇ ଶିଳ୍ପକୁ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି ।

ହରପ୍ପା ସଭ୍ୟତା ଖନନ ବେଳେ ମାଟିତଳୁ ଅନେକ ମୃତ୍ତିକା ନିର୍ମିତ ସୁନ୍ଦର ସୁନ୍ଦର କଣ୍ଢେଇ ମିଳିଥିଲା । ତେଣୁ କଣ୍ଢେଇର ଇତିହାସ ବେଶ୍ ପୁରୁଣା ଏବଂ ପ୍ରାକ ଐତିହାସିକ ଯୁଗରେ କଣ୍ଢେଇ ଶିଶୁମାନଙ୍କ ମାନସିକ ବିକାଶରେ ସେତେବେଳେ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା ତାହା ସହଜରେ ଅନୁମାନ କରାଯାଇପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ନିକଟରେ କଣ୍ଢେଇ ପ୍ରସ୍ତୁତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ଯେ ଏହା ଆମର ସଂସ୍କୃତି ସହିତ ନିବିଡ଼ ଭାବେ ଜଡ଼ିତ । ତେଣୁ ଏହାକୁ ଦେଶରେ ସର୍ବତ୍ର ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟମାନଙ୍କରେ ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରାରମ୍ଭିକ ଶିକ୍ଷାଦାନରେ ବ୍ୟବହାର କରାଯିବା ଉଚିତ । ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରୟାସ ନିମନ୍ତେ ଭାରତୀୟ କଣ୍ଢେଇ ନିର୍ମାଣ ଶିଳ୍ପକୁ ପ୍ରୋତ୍ସାହିତ କରିବାର ପ୍ରକୃଷ୍ଟ ସମୟ ।ଭାରତୀୟ କଣ୍ଢେଇ ପାଇଁ 'ଭୋକାଲ ଫର ଲୋକାଲ' ସ୍ୱର ଉତ୍ତୋଳନ କରିବାରଏହା ସୁବର୍ଣ୍ଣ ଅବସର ବୋଲି ସେ ମତ ପୋଷଣ କରିଥିଲେ ।



## ଶିଶୁମାନଙ୍କୁ ଏଭଳି ହାନିକାରକ କଣ୍ଢେଇଠାରୁ ଦୂରେଇ ରଖାଯିବା ଉଚିତ



### ହାନିକାରକ କଣ୍ଢେଇ

ବିଦେଶରୁ ଆମଦାନୀ କରାଯାଉଥିବା କଣ୍ଢେଇମାନଙ୍କ ଭିତରୁ ୬୬.୯ ପ୍ରତିଶତ ଶରୀର ପାଇଁ ହାନିକାରକ । ଏହି ପ୍ରସଙ୍ଗ ଉପରେ ଗଭୀର ଭାବେ ସର୍ଭେ କରିବା ପରେ କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ (କ୍ୟୁସିଆଇ)ଙ୍କ ପକ୍ଷରୁଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି ।

ଭାରତରେ ବ୍ୟବହୃତ ସମସ୍ତ କଣ୍ଢେଇ ଭିତରୁ ପ୍ରାୟ ୯୩ ପ୍ରତିଶତ ବିଦେଶରୁ ଆମଦାନୀ କରାଯାଇଥାଏ ଏବଂ ସେଥି ମଧ୍ୟରୁ ଅଧିକାଂଶ କଣ୍ଢେଇ ଚୀନରେ ଥିବା ଶିଳ୍ପସଂସ୍ଥାମାନଙ୍କରେ ହିଁ ପ୍ରସ୍ତୁତ ହୋଇଥାଏ । କ୍ୟୁସିଆଇର ରିପୋର୍ଟ ଅନୁସାରେ, ନରମ କଣ୍ଢେଇମାନ କେବଳ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସେଥିରେ ଥାଲେଟ ଏକ ରାସାୟନିକ ପଦାର୍ଥ ଥାଏ ଯାହାକି କ୍ୟାନସର ସୃଷ୍ଟିକାରୀ ।

ସେହିସବୁ କଣ୍ଢେଇରୁ ଯେଉଁ ସୂକ୍ଷ୍ମ ତନ୍ତୁମାନ ଝଡ଼ିଥାଏ ତାହା ମୁହଁ, ନାକ, ଗଳା ଓ ଶ୍ୱାସଯନ୍ତ୍ର ନିମନ୍ତେ କ୍ଷତିକାରକ । କାରଣ ସେଥିରେ ପାରଦ , ଶିଶା ଓ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ଭଳି ଭାରୀ ଧାତୁ ଥାଏ । ସର୍ଭେବେଳେ ଏହିସବୁ ବିଷାକ୍ତ ରାସାୟନିକ ପଦାର୍ଥ ସେହିସବୁ କଣ୍ଢେଇରେ ଥିବା ଜଣାପଡ଼ିଛି ।







# ଆମେ କାହିଁକି ଭାରତୀୟ କଣ୍ଢେଇ ବ୍ୟବହାର କରିବା?

କଣ୍ଢେଇ ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ଏଭଳି ପଦକ୍ଷେପ ସଂପର୍କରେ ଜାଣିବା ପୂର୍ବରୁ ଆମକୁ ପ୍ରଥମେ ବୈଶ୍ୱିକ ତଥା ଭାରତୀୟ କଣ୍ଢେଇ ବଜାର ଚାହିଦା ସଂପର୍କରେ ଜ୍ଞାନ ଅର୍ଜନ କରିବାକୁ ପଡ଼ିବ ।

- ମାର୍କେଟ ରିସର୍ଚ୍ଚ ଫାର୍ମ ଆଇଏମଆରସି ପକ୍ଷରୁ ଯେଉଁ ତଥ୍ୟାବଳୀ ପ୍ରଦାନ କରାଯାଇଛି ତାହା ଦର୍ଶାଏ ଯେ ସାରା ବିଶ୍ୱରେ ୧୦୫ ବିଲିଅନ ଡଲାର ମୂଲ୍ୟର ଏକ ବିଶାଳ କଣ୍ଢେଇ ବଜାର ରହିଛି । ସେଥିରୁ ୮୫ ପ୍ରତିଶତ ଚୀନ ଦ୍ୱାରା ନିୟନ୍ତ୍ରିତ ଏବଂ ଏହା ପଛକୁ ୟୁରୋପ, ଶ୍ରୀଲଙ୍କା, ମାଲେସିଆ ଓ ଭାରତ ରହିଛନ୍ତି ।

- ବିଶ୍ୱରେ ଥିବା ୭ ଲକ୍ଷ କୋଟି ଟଙ୍କାର କଣ୍ଢେଇ ବଜାରରୁ ଭାରତ କେବଳ ୦.୫ ପ୍ରତିଶତ ହିଁ ଆୟତ୍ତ କରିପାରିଛି । ବିଶ୍ୱ ଖେଳନା ବଜାର ୧୩୫ ବିଲିଅନ୍ ଡଲାର ଛୁଇଁବାର ଆକଳନ କରାଯାଏ ।
- ୨୦୧୧-୧୮ ମଧ୍ୟରେ ଭାରତୀୟ ଖେଳନା ଶିଳ୍ପରେ ମାତ୍ର ୧୫.୯ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ଏହାର ଆକାର ମାତ୍ର ୧.୫ ବିଲିଅନ ଡଲାର ।
- ଭାରତର ସଂଗଠିତ ଖେଳନା ବଜାରର ମୂଲ୍ୟ ପ୍ରାୟ ୩,୫୦୦- ୪,୫ ଶହ କୋଟି ଟଙ୍କା ହେବାର ଆକଳନ କରାଯାଏ । ସେଥିରୁ ସ୍ଥାନୀୟ ଭାବେ ୧୫ ପ୍ରତିଶତ ଖେଳନା ପ୍ରସ୍ତୁତ ହେଉଥିବା ବେଳେ ୮୫ ପ୍ରତିଶତ ବଜାର ଚାହିଦା ବିଦେଶରୁ ଆମଦାନୀ ହେଉଥିବା କଣ୍ଢେଇ ହିଁ ପୂରଣ କରିଥାଏ ।

## କେନ୍ଦ୍ର ସରକାରଙ୍କ ଦ୍ୱାରା କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି . . .

**4,000** ଉତ୍ପାଦନକ୍ଷମ ୟୁନିଟ୍

ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ (ଡିପିଆଇଆଇଟି ) ଏବଂ ବାଣିଜ୍ୟ ମନ୍ତ୍ରଣାଳୟଙ୍କ ପକ୍ଷରୁ କୁହାଯାଇଛି ଯେ ଏମଏସଏମଇ କ୍ଷେତ୍ରରେ ପ୍ରାୟ ୪୦୦୦ଟି ଏଭଳି ଉତ୍ପାଦନକାରୀ ସଂସ୍ଥା ରହିଛି ଯାହାର ୭୫ ପ୍ରତିଶତ ହେଲା ଅଣୁ, ୨୨ ପ୍ରତିଶତ କ୍ଷୁଦ୍ର ଓ ମଧ୍ୟମ ଏବଂ ୩ ପ୍ରତିଶତ ହେଉଛି ବୃହତ୍ ଶିଳ୍ପସଂସ୍ଥା ।

ସରକାର ଏଥିପାଇଁ ଦ୍ୱିବିଧ ରଣନୀତିକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଥମତଃ ସ୍ଥାନୀୟ କଣ୍ଢେଇ ଉତ୍ପାଦନକାରୀ ଶିଳ୍ପର ଉନ୍ନତିକରଣ କରାଯିବ । ଦ୍ୱିତୀୟ ପଦକ୍ଷେପଟି ହେଲା ଭାରତୀୟ କଣ୍ଢେଇକୁ ପ୍ରତିଯୋଗିତାମୂଳକ ବାତାବରଣ ଯୋଗାଇ ଦିଆଯିବ ଯଦ୍ୱାରା ସେମାନେ ଭାରତୀୟ ବଜାରରେ ବିଦେଶୀ କଣ୍ଢେଇ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ଦୃଷ୍ଟିରୁ ଭାରତୀୟ କଣ୍ଢେଇଗୁଡ଼ିକୁ ଅଧିକ ସ୍ୱାସ୍ଥ୍ୟକର କରାଯାଉଛି ।

- 'ଡିପିଆଇଆଇଟି' ପକ୍ଷରୁ ଭାରତୀୟ ଖେଳନା ଶିଳ୍ପକୁ ପୁନଃସକ୍ରିୟ କରିବା ଏବଂ ଭାରତରେ କିଭଳି ଭାବେ ଗୁଣାତ୍ମକ ମାନଯୁକ୍ତ ଖେଳନା କଣ୍ଢେଇ ଉପଲବ୍ଧ ହୋଇପାରିବ ସେଥି ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ।
- ଭାରତରେ ଉତ୍ପାଦିତ କିମ୍ବା ଦେଶକୁ ଆମଦାନୀ କରାଯାଇ ବିକ୍ରି ହେଉଥିବା ଖେଳନା କଣ୍ଢେଇର ମାନ ବିଆଇଏସ ଦ୍ୱାରା ଜାରି ମାନଯୁକ୍ତ, ଓ ତାହାର ସାର୍ଟିଫିକେସନକୁ ବାଧ୍ୟତାମୂଳକ କରାଯାଇଛି । ନୂତନ ଆଦେଶ ଅନୁସାରେ, ହସ୍ତଶିଳ୍ପ ଏବଂ ଜିଆଇ ଖେଳନାକୁ ଏଭଳି ବ୍ୟବସ୍ଥାରୁ ମୁକ୍ତ ରଖାଯିବ ।



- ଘରୋଇ ବଜାରରେ ଭାରତୀୟ ଖେଳନା ଉଦ୍ୟୋଗକୁ ପ୍ରୋତ୍ସାହନ ଲାଗି ବିଦେଶୀ ଖେଳନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରାଯାଇଛି ।
- କର୍ଣ୍ଣାଟକର ରାମନଗରମ୍ ଅନ୍ତର୍ଗତ ଚନ୍ନାପାଟନା, ଆନ୍ଧ୍ର ପ୍ରଦେଶର କ୍ରିଷ୍ଣା ଜିଲ୍ଲାର କୋଣ୍ଡାପାଲ୍ଲୀ, ତାମିଲନାଡୁର ଥାଞ୍ଜାଭୁର ଜିଲ୍ଲା, ଆସାମର ଧୁବ୍ରିଜିଲ୍ଲାଏବଂ ଉତ୍ତର ପ୍ରଦେଶର ବାରାଣସୀ ଓ ଗୌତମବୁଦ୍ଧ ନଗରକୁ ଖେଳନା କଣ୍ଢେଇ ନିର୍ମାଣର କ୍ଲଷ୍ଟର ଭାବେ ବିକଶିତ କରିବା ନିମନ୍ତେ ବିଶେଷ ଧ୍ୟାନ ଦିଆଯାଉଛି ।ଏହିଭଳି ଆହୁରି ଅନେକ ସ୍ଥାନ ରହିଛି ଯାହାର ତାଲିକା ଏଥିରେ ଦିଆଯାଇ ପାରିବ ।
- ଭାରତୀୟ ଖେଳନାକୁ ପ୍ରୋତ୍ସାହନ ଯୋଗାଣ ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ୧୪ ସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଏନସିଇଆରଟି, ସିବିଏସଇ, କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟମାନେ ଆଗାମୀ ଦୁଇ- ତିନି ବର୍ଷ ପର୍ଯ୍ୟନ୍ତ କଣ୍ଢେଇ ଉପରେ ବିଜ୍ଞାନ ପ୍ରଦର୍ଶନୀମାନ ଆୟୋଜନ କରିବେ ।
- ଏନସିଇଆରଟି ଏବଂ ଅନ୍ୟାନ୍ୟ ନୋଡ଼ାଲ କର୍ତ୍ତୃପକ୍ଷମାନଙ୍କୁ ଏଭଳି ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ନିମନ୍ତେ ଦାୟିତ୍ୱ ଅର୍ପଣ କରାଯାଇଛି ଯେଉଁଥିରେ ଏଭଳି ଭାରତୀୟ ଖେଳନାକୁ ସାମିଲ କରାଯାଇ ପାରିବ ଯାହା ଇତିହାସ, ବିଜ୍ଞାନ ଓ ଗଣିତ ଭଳି ବିଷୟକୁ ବୁଝିବାରେ ସହାୟକ ହେବ ଏବଂ ଏଥି ପାଇଁ ଏକ କଣ୍ଢେଇ ଲାଇବ୍ରେରୀ ରହିବ । ଜାତୀୟ ଶିକ୍ଷା ନୀତି ସହ ଏହାକୁ ସଂଯୋଗ କରାଯାଇଛି ।



## How will these initiatives benefit...

**1.** ଆଶା କରାଯାଉଛି ଯେ ସରକାରଙ୍କ କଣ୍ଢେଇ ନୀତି ଅଣ କୁଶଳୀ, ଅର୍ଦ୍ଧ କୁଶଳୀ ଏବଂ କୁଶଳୀ ତଥା ବିଶେଷକରି ମହିଳାମାନଙ୍କ ନିମନ୍ତେ କର୍ମନିଯୁକ୍ତି ସୃଷ୍ଟିରେ ସହାୟକ ହେବ ।

**2.** ସ୍ଥାନୀୟ ଖେଳନା ପ୍ରସ୍ତୁତି ଦ୍ୱାରା ଦେଶର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରାଯାଇ ପାରିବ । ଶିଶୁମାନଙ୍କ ମାନସିକ ବିକାଶର ଆବଶ୍ୟକତାକୁ ଚାହିଁ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟମାନଙ୍କୁ ଏଥି ସହ ସଂଯୋଗ କରାଯିବ ।

**3.** ଶିଶୁମାନଙ୍କୁ ଉତ୍ତମ ମାନଯୁକ୍ତ ଖେଳନା କଣ୍ଢେଇ ମିଳିପାରିବ ଏବଂଏହାକୁ ବ୍ୟବହାର କଲେ ସେମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ । ■



# ଏକ ଦୃଢ଼ ପ୍ରତିଶ୍ରୁତି

**ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସୁଶାସନ ଦିବସ ଅବସରରେ ସ୍ମରଣ ପୂର୍ବକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତିଯେ ସେ ହେଉଛନ୍ତି ଦେଶରେ କୃଷି ସଂସ୍କାରର ଜନକ । ବର୍ତ୍ତମାନର ସରକାର ଦେଶର କୃଷକମାନଙ୍କ ଉପାର୍ଜନକୁ ୨୦୨୨ ମସିହା ସୁଦ୍ଧା ଦ୍ୱିଗୁଣିତ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ।**

୨୦୨୨ ମସିହାସୁଦ୍ଧା ଦେଶର କୃଷକମାନଙ୍କ ଉପାର୍ଜନ କେବଳ ଦ୍ୱିଗୁଣିତ ହେବନାହିଁ ଅପରନ୍ତୁ ସେମାନଙ୍କର ଫସଲ ହାନି କଷ୍ଟକୁ ମଧ୍ୟ ସଂପୂର୍ଣ୍ଣରୂପେ ଦୂର କରାଯିବା ନିମନ୍ତେ ସରକାର ଫସଲ ବୀମା ଯୋଜନା (ପିଏମଏଫବିୱାଇ) ପ୍ରଣୟନ କରିଛନ୍ତି। ଏହା ବ୍ୟତୀତ, ପିଏମକିଷାନ ସମ୍ମାନ ନିଧି ଯୋଜନାର ଶୁଭାରମ୍ଭ ହେବା ଦିନଠାରୁ, ଦେଶର କୃଷକମାନଙ୍କ ଜମାଖାତାକୁ ୧.୧୦ ଲକ୍ଷ କୋଟିରୁ ଅଧିକ ରାଶି ହସ୍ତାନ୍ତର କରାଯାଇ ସାରିଛି ଯାହାକୁ ସୁଶାସନ ବୋଲି ଅଭିହିତ କରାଯାଇ ପାରିବ । ସୁଶାସନ କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତିର ଉପଯୋଗ କରାଯାଇ ପାରିଛି । ମାତ୍ର ମୁହୂର୍ତ୍ତକ ମଧ୍ୟରେ କୃଷକମାନଙ୍କ ବ୍ୟାଙ୍କ ଜମାଖାତାକୁ ୧୮,୦୦୦ କୋଟି ଟଙ୍କାରୁ ଅଧିକ ରାଶି ହସ୍ତାନ୍ତର କରାଯାଇ ପାରିଛି ।

ସୁଶାସନ ଦିବସ ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ 'ଏଥିରେ କୌଣସି କମିଶନ ନାହିଁ, କୌଣସି ଅର୍ଥ କାଟ ନାହିଁ ବା କୌଣସି ଜାଲିଆତି ନାହିଁ । କେବଳ ପ୍ରଯୁକ୍ତି ସହାୟତାରେ ପିଏମ କିଷାନ ସମ୍ମାନ ନିଧି ହିତାଧିକାରୀମାନଙ୍କୁ ସୁନିଶ୍ଚିତ କରିଛି ଯେ ଏଥିରେ କୌଣସି ପ୍ରକାର ବାଟମାରଣା ନାହିଁ। କୃଷକ ହିତାଧିକାରୀମାନଙ୍କ ନାମ ଅନଲାଇନରେ ପଂଜୀକରଣ, ସେମାନଙ୍କର ଆଧାର ନମ୍ବର ଓ ବ୍ୟାଙ୍କ ଜମାଖାତାକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଯାଞ୍ଚ କରାଯିବା ପରେ ଏଭଳି ବ୍ୟବସ୍ଥା କରାଯାଇଛି ।" କେବଳ ପଶ୍ଚିମ ବଙ୍ଗର ୭୦ ଲକ୍ଷ କୃଷକଙ୍କୁ ଛାଡ଼ି ଏହି

> **ଆଜି ସମଗ୍ର ଦେଶ ତାଙ୍କୁ ସ୍ମରଣ କରୁଛି ଏବଂ ଅଟଳଜୀଙ୍କ ଆଗରେ ନତମସ୍ତକ ହେଉଛି । ଗୋଟିଏ ଦୃଷ୍ଟିରୁ କହିବାକୁ ଗଲେ ଅଟଳ ବିହାରୀ ବାଜପେୟୀ ଥିଲେ ଦେଶରେ କୃଷି ସଂସ୍କାରର ଜନକ ଯାହା ଆଜି ସାରା ଦେଶରେ ସାକାର ହୋଇଛି । ଦେଶର ଗରିବ ଏବଂ କୃଷକମାନଙ୍କ ହିତ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାରେ ହେଉଥିବା ଦୁର୍ନୀତିକୁ ଅଟଳଜୀ ଜାତୀୟ ବ୍ୟାଧି ବୋଲି ବିବେଚନା କରୁଥିଲେ।**
>
> **-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

## ପିଏମଏଫବିୱାଇର ଉପକାରିତା

- ସରକାରୀ ସବସିଡିର କୌଣସି ଉପର ସୀମା ନାହିଁ ଯଦିବା ଏହାର ଅବଶିଷ୍ଟ ପ୍ରିମିୟମ୍‌କୁ ୯୦ ପ୍ରତିଶତ ବୋଲି ଧାର୍ଯ୍ୟ କରାଯାଇଛି । ଏଭଳି କ୍ଷେତ୍ରରେ ତାହା ସରକାରଙ୍କ ଦ୍ୱାରା ଭରଣା କରାଯିବ ।
- ୨୦୧୬ ମସିହା ଫେବୃଆରୀ ମାସରେ ଏହି ଯୋଜନା ପ୍ରବର୍ତ୍ତନ ହୋଇଥିଲା ଏବଂ ଏଥିପାଇଁ ୨୦୧୬-୧୭ ବର୍ଷରେ ୫,୫୦୦ କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଥିଲା। ୨୦୧୯ ମସିହାର ଅନ୍ତରୀଣ ବଜେଟରେ କରାଯାଇଥିବା ଘୋଷଣା ଅନୁସାରେ ଏଥିରେ ୧୫୪ ପ୍ରତିଶତ ବୃଦ୍ଧି ଘଟାଯାଇଛି।
- ଏହି ଯୋଜନା ପ୍ରବର୍ତ୍ତନ ହେବା ଦିନଠାରୁ, ପିଏମଏଫବିୱାଇ ୪୧ ପ୍ରତିଶତ କୃଷକମାନଙ୍କ ଠାରେ ପ୍ରବର୍ତ୍ତିତ ହୋଇସାରିଛି ।

## ପିଏମ କିଷାନ ସମ୍ମାନ ନିଧି ଯୋଜନା

- ଦେଶର ୯ କୋଟି କୃଷକ ପରିବାରଙ୍କ ବ୍ୟାଙ୍କ ଜମାଖାତାରେ ୧୮,୦୦୦ କୋଟି ଟଙ୍କା ସିଧାସଳଖ ପୈଠ କରାଯାଇଛି ।
- ଏହି ଯୋଜନା ପ୍ରବର୍ତ୍ତନ ହେବା ଦିନଠାରୁ ଏପର୍ଯ୍ୟନ୍ତ ୧.୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ରାଶି କୃଷକମାନଙ୍କ ଜମାଖାତାରେ ପୈଠ ହୋଇସାରିଛି ।
- ସରକାର ଏ କଥା ସୁନିଶ୍ଚିତ କରୁଛନ୍ତି ଯେ ଦେଶର କୃଷକମାନେ ଯେଭଳି ଉତ୍ପାଦର ଉଚିତ ମୂଲ୍ୟ ପାଇପାରନ୍ତି ।
- ସରକାର ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ ଏମଏସପି ମୂଲ୍ୟ ଧାର୍ଯ୍ୟ କରିଛନ୍ତି ଯାହାକି ସ୍ୱାମୀନାଥନ କମିଟିଙ୍କ ରିପୋର୍ଟରେ କରାଯାଇଥିବା ସୁପାରିସ ଅନୁସାରେ ପ୍ରବର୍ତ୍ତନ କରାଯାଇଛି ।

# କିଷାନ ରେଳ: ଅଧିକ ଲାଭଜନକ କ୍ଷେତ୍ର ସନ୍ଧାନରେ

କୃଷକମାନଙ୍କ ସାମଗ୍ରିକ ତଥା ସମାବେଶୀ ବିକାଶ ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତା ଏପର୍ଯ୍ୟନ୍ତ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପରୁ ବେଶ୍ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଛି । ୧ ଲକ୍ଷ କୋଟି ଟଙ୍କା ନିବେଶ କରି ସରକାର ଦେଶରେ କୃଷି ଭିତ୍ତିଭୂମିର ଉନ୍ନତି ନିମନ୍ତେ ଯେଉଁ କୃଷି ଭିତ୍ତିଭୂମି ପାଣ୍ଠି ସୃଷ୍ଟି କରିଛନ୍ତି ତାହା କେବଳ କୃଷି କ୍ଷେତ୍ରର ପ୍ରଗତି ଘଟାଇବନାହିଁ ଅପରନ୍ତୁ ଆତ୍ମନିର୍ଭର ଭାରତ ଅଭିଯାନକୁ ମଧ୍ୟ ସୁଦୃଢ଼ କରିବ ତଥା ଏହି କ୍ଷେତ୍ର ମଧ୍ୟରେ ପାରସ୍ପରିକ ସଂଯୋଗକୁ ତ୍ୱରାନ୍ୱିତ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ପରିକଳ୍ପନାକୁ ସରକାର ଅନ୍ୟ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା କିଷାନ ରେଳ ମାଧ୍ୟମରେ ସାକାର କରିପାରିଛନ୍ତି । ଏବେ, ଦେଶର ୧୦୦ତମ କିଷାନ ରେଳକୁ ମହାରାଷ୍ଟ୍ରର ସାଙ୍ଗୋଲ ଠାରୁ ପଶ୍ଚିମବଙ୍ଗର ସାଲିମାର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ଯେ ଦେଶର କୃଷକମାନଙ୍କୁ ସଶକ୍ତ କରିବା ନିମନ୍ତେ ସରକାର ସଂକଳ୍ପବଦ୍ଧ ।

- କିଷାନ ରେଳ ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀମାନଙ୍କୁ ଲାଭ ଉପାର୍ଜନର ଅଧିକ ସୁଯୋଗ ପ୍ରଦାନ କରିଛି ।
- ସରକାର ଏବେ ଭଣ୍ଡାରଣ-ସଂଶ୍ଲିଷ୍ଟ ଭିତ୍ତିଭୂମି ଏବଂ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି ଯାହା ଫଳର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ଅଧିକ ମୂଲ୍ୟଯୁକ୍ତ କରାଯାଇପାରୁଛି ।
- ମେଗା ଫୁଡ଼ ପାର୍କ, କୋଲ୍ଡ ଚେନ୍ ଭିତ୍ତିଭୂମି ଏବଂ ଆଗ୍ରୋ ପ୍ରୋସେସିଂ କ୍ଲଷ୍ଟର ଯାହାକି ପିଏମ କିଷାନ ସଂପଦା ଯୋଜନା ଅଧୀନରେ କାର୍ଯ୍ୟକାରୀ କରାଯାଉଛି ସେହିଭଳି ୬,୫୦୦ଟି ପ୍ରକଳ୍ପକୁ ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି । ଆତ୍ମନିର୍ଭର ଭାରତ ଅଭିଯାନ ପ୍ୟାକେଜ୍‌ରେ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ନିମନ୍ତେ ସରକାର ୧୦,୦୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।
- କିଷାନ ରେଳ ବ୍ୟବସ୍ଥାରୁ ୮୦ ପ୍ରତିଶତରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର କୃଷକ ଉପକୃତ ହୋଇପାରିବେ ।
- ୫୦- ୧୦୦ କିଲୋଗ୍ରାମର ଏକ ପାର୍ସଲ ମଧ୍ୟ କିଷାନ ରେଳ ମାଧ୍ୟମରେ ଅନ୍ୟ ସ୍ଥାନକୁ ପଠାଯାଇପାରିବ ।









- ଏକ ୩ କିଲୋଗ୍ରାମର ଡାଳିମ୍ବ ପ୍ୟାକେଟ, ଯାହାକି ସର୍ବକ୍ଷୁଦ୍ର ପ୍ୟାକେଟ୍‌ଥିଲା ତାହା ଏପର୍ଯ୍ୟନ୍ତ ରେଳ ଯୋଗେ ଅନ୍ୟତ୍ର ପ୍ରେରଣ କରାଯାଇସାରିଛି । କେବଳ ସେତିକି ନୁହେଁ, ଜଣେ କୁକୁଡ଼ା ଚାଷୀ ମାତ୍ର ୧୭ ଡ଼ଜନ ଅଣ୍ଡାକୁ ମଧ୍ୟ ଏହା ମାଧ୍ୟମରେ ପଠାଇ ପାରିଛନ୍ତି ।
- କିଷାନ ରେଳ ଏବଂ କୃଷି ଉଡ଼ାଣ (ବିମାନ) ମାଧ୍ୟମରେ ସରକାର କୃଷକମାନଙ୍କ ପହଞ୍ଚକୁ ବୃଦ୍ଧି କରିଚାଲିଛନ୍ତି ଯଦ୍ୱାରା ସେମାନେ ନିଜ ଉତ୍ପାଦକୁ ଦେଶର ଦୂରଦୂରାନ୍ତ ସ୍ଥାନ ଏବଂ ଆନ୍ତର୍ଜାତିକ ବଜାର ପର୍ଯ୍ୟନ୍ତ ପହଞ୍ଚାଇ ପାରୁଛନ୍ତି ।
- ଏହା ଏକ ପ୍ରକାର 'ଚଳମାନ ଶୀତଳ ଭଣ୍ଡାର' । ଏହାର ଅର୍ଥ, ଏଥିରେ ଫଳ, ପନିପରିବା, କ୍ଷୀର, ମାଛ ଓ ଅନ୍ୟାନ୍ୟ ପଚନଯୋଗ୍ୟ ସାମଗ୍ରୀ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ନିରାପଦ ଭାବେ ପହଞ୍ଚାଯାଇ ପାରୁଛି ।

ଯୋଜନା ସମଗ୍ର ଦେଶର କୃଷକମାନଙ୍କୁ ଉପକୃତ କରାଇ ପାରିଛି ।

ଏହା ବ୍ୟତୀତ, ପିଏମଏଫବିୱାଇ ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ କ୍ଷତି ପ୍ରଶମନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ । ଏହା କୃଷକମାନଙ୍କୁ ସୁରକ୍ଷା କବଚ ପରି ସକଳ ପ୍ରକାର ପ୍ରାକୃତିକ ଆପଦା ଠାରୁ ସମଗ୍ର ଚାଷ ଚକ୍ର ଅବଧିରେ ରକ୍ଷା କରିଥାଏ ।

ଏହି ଯୋଜନା ହେଉଛି ଏଭଳି ଏକକ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯେଉଁଥିପାଇଁ କୃଷକମାନଙ୍କୁ ସର୍ବନିମ୍ନ ପ୍ରିମିୟମ ଦେବାକୁ ପଡ଼ିଥାଏ ଏବଂ ବୀମାକୃତ ଫସଲ ହାନିରେ ସର୍ବାଧିକ ମୂଲ୍ୟର କ୍ଷତିପୂରଣ ମିଳିଥାଏ ।

ଏଭଳି ପରିବର୍ତ୍ତନ ସହ, ଆଶା କରାଯାଏ ଯେ କୃଷକମାନେ ସେମାନଙ୍କର କୃଷି ଉତ୍ପାଦନ କ୍ଷେତ୍ରରେ ସକଳ ପ୍ରକାର ରିସ୍କକୁ ଉତ୍ତମ ରୂପେ ପରିଚାଳନା କରିପାରିବେ ଏବଂ ସେମାନଙ୍କର କୃଷିଜାତ ଉତ୍ପାଦନକୁ ସ୍ଥିର ରଖିପାରିବେ । ଅଧିକନ୍ତୁ, ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରରେ ଏହାର କଭରେଜ୍‌କୁ ବୃଦ୍ଧି କରାଯିବ । ■




# କୋଭିଡ଼- ୧୯ ପ୍ରତିଷେଧକ ଟିକାଦାନ ପାଇଁ ସରକାରୀ ସକ୍ରିୟତା

**ସାରା ଦେଶରେ କରୋନା ପ୍ରତିଷେଧକ ଟିକାଦାନ କାର୍ଯ୍ୟକ୍ରମ ନିମନ୍ତେ ସରକାର ବ୍ୟାପକ ଭାବେ ପ୍ରସ୍ତୁତି ଚଳାଇଛନ୍ତି । ଏହି ଟିକାକରଣର ପ୍ରଥମ ପର୍ଯ୍ୟାୟରେ, ଦେଶର ପ୍ରାୟ ୩୦ କୋଟି ଲୋକଙ୍କୁ ଟିକା ପ୍ରଦାନ କରାଯିବ । ଏବେ ଦେଶବ୍ୟାପୀ ଡ୍ରାଏ ରନ୍ ଆରମ୍ଭ ହୋଇସାରିଥିବା ବେଳେ କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିବ ।**

କୋଭିଡ଼- ୧୯ ପ୍ରତିଷେଧକ ଟିକା ପାଇଁ ଦୀର୍ଘ ପ୍ରତୀକ୍ଷାର ଶେଷରେ ଅନ୍ତ ଘଟିଛି! କରୋନା ମହାମାରୀ ବିରୋଧୀ ଲଢ଼େଇରେ, ଭାରତ ସମଗ୍ର ବିଶ୍ୱରେ ଏକ ରୋଲ ମଡେଲ ଭାବେ ଉଭା ହୋଇଛି । ସରକାର ଦେଶର ବୈଜ୍ଞାନିକମାନଙ୍କୁ ଏହି ଦିଗରେ ସଂପୂର୍ଣ୍ଣ ସହଯୋଗର ହାତ ବଢ଼ାଇବା ଫଳରେ ସେମାନେ ଏଭଳି ଟିକାର ବିକାଶ ଘଟାଇ ପାରିଛନ୍ତି । ସେମାନେ ଏହି ଦିଗରେ ସକଳ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ଯେ ଥରେ ଏହି ଟିକା ବିକଶିତ ହେବା ପରେ ଯେଭଳି ଅଧିକ ବିଳମ୍ବ ନଘଟି ତାହା ଲୋକମାନଙ୍କ ନିକଟରେ ପହଞ୍ଚିପାରିବ । ପ୍ରତିଷେଧକ ଟିକା ଯୋଗାଣ ଓ ପ୍ରଦାନ ନିମନ୍ତେ ସରକାର ଏବେସୁଦ୍ଧା ଦେଶବ୍ୟାପୀ ଏହାର ଡ୍ରାଏ ରନ୍ (ଅଭ୍ୟାସମୂଳକ ଟିକାଦାନ) ଆରମ୍ଭ କରିସାରିଛନ୍ତି ।

କୋଭିଡ଼ ୧୯ ଟିକାକରଣ କାର୍ଯ୍ୟକ୍ରମ ସଂକ୍ରାନ୍ତରେ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ ଜାରି ହୋଇସାରିଛି । ଏହି ଟିକା ପ୍ରଦାନ ପରେ ପ୍ରତ୍ୟେକ ଟୀକା ଗ୍ରହଣକାରୀଙ୍କୁ ୩୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ଦିଆଯାଇ ସେମାନଙ୍କ ଉପରେ ଟିକାର କି ପ୍ରକାର ପ୍ରତିକ୍ରିୟା ହେଉଛି ତାହା ଲକ୍ଷ୍ୟ କରାଯାଉଛି । ଦେଶରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦ କୋଟି ଲୋକଙ୍କୁ ଏହି ଟିକା ଦିଆଯିବ । ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ ଓ ଛାମୁଆ ଯୋଦ୍ଧା, ୫୦ ବର୍ଷରୁ ଅଧିକ

## ଅଗ୍ରାଧିକାର ଆଧାରରେ ଜନଗୋଷ୍ଠୀଙ୍କୁ ସାମିଲ କରାଯିବ

କୋଭିଡ଼ ୧୯ ପ୍ରଶାସନ ସଂପର୍କୀତ ଜାତୀୟ ବିଶେଷଜ୍ଞ ଗୋଷ୍ଠୀ (ଏନଇଜିଭିଏସି) ଙ୍କ ପରାମର୍ଶ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ନିମ୍ନଲିଖିତ ବର୍ଗର ଲୋକଙ୍କୁ ପ୍ରତିଷେଧକ ଟିକାଦାନ ପାଇଁ ଚୟନ କରାଯାଇଛି:

1 **ସ୍ୱାସ୍ଥ୍ୟକର୍ମୀ :** ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଥିବା ପ୍ରାୟ ୧ କୋଟି ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି ।

2 **ଛାମୁଆ ଯୋଦ୍ଧା:** ପ୍ରାୟ ୨ କୋଟି ଛାମୁଆ ଯୋଦ୍ଧା ଯେଉଁମାନଙ୍କ ମଧ୍ୟରେ ରାଜ୍ୟ ଓ କେନ୍ଦ୍ର ପୁଲିସ ବିଭାଗର କର୍ମଚାରୀ, ସଶସ୍ତ୍ର ସେନା, ହୋମଗାର୍ଡ଼, ସିଭିଲ ଡିଫେନ୍ସ ସଂଗଠନ, ବିପର୍ଯ୍ୟୟ ପରିଚାଳନା ସ୍ୱେଚ୍ଛାସେବୀ ଏବଂ ପୌରସଂସ୍ଥା କର୍ମଚାରୀମାନେ ସାମିଲ ।

3 **ଅଗ୍ରାଧିକାର ବୟସ ଗୋଷ୍ଠୀ:** ଏହି ଅଗ୍ରାଧିକାର ବୟସ ଗୋଷ୍ଠୀରେ ପ୍ରାୟ ୨୭ କୋଟି ଲୋକ ଅଛନ୍ତି । ସେମାନଙ୍କ ମଧ୍ୟରେ ୫୦ ବର୍ଷରୁ ଅଧିକ ବୟସର ଏବଂ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ବ୍ୟକ୍ତିବିଶେଷ ସାମିଲ ।



# ଟିକାକରଣ ପଦ୍ଧତି

ଟିକାଦାନକାରୀ ଅଧିକାରୀଙ୍କ ଏକ ପାଞ୍ଚଜଣିଆ ସଦସ୍ୟ ଦଳଙ୍କୁ ନେଇ ଟୀକାକରଣ ଦଳ ଗଠନ କରାଯିବ ।




**96.19 %**
ଆରୋଗ୍ୟ ହାର

**1.45%**
ମୃତ୍ୟୁହାର

ବର୍ତ୍ତମାନ ସୁଦ୍ଧା ମୋଟ ପରୀକ୍ଷା
**17,56,35,761**

ଦୁଇ ଗଜ ଦୂରତା

**ଆରୋଗ୍ୟ ଲାଭ କରିଥିବା ରୋଗୀ-- 99,46,867**

| ସକ୍ରିୟ ରୋଗୀ | ମୋଟ ରୋଗୀ | ମୋଟ ମୃତ୍ୟୁସଂଖ୍ୟା |
|---|---|---|
| 2,43,953 | 1,03,41,416 | 1,50,858 |

ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ତଥ୍ୟ ପ୍ରଦତ୍ତ: ଉତ୍ସ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

## ପ୍ରଥମ ପର୍ଯ୍ୟାୟରେ ମାଗଣା ଟିକାକରଣ

- ପ୍ରାରମ୍ଭିକ ସ୍ତରରୁ ଶେଷ ପର୍ଯ୍ୟନ୍ତ ଟିକାକରଣ ପ୍ରଶାସନ ନିମନ୍ତେ ଜାନୁଆରୀ ୨,୨୦୨୧ ତାରିଖ ଦିନ ଏକ ଡ୍ରାଏ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।
- ଏହି ଡ୍ରାଏ ରନ୍‌ର ଉଦ୍ଦେଶ୍ୟ ହେଲା କୋଭିଡ଼ ୧୯ ଟିକାକରଣ ନିମନ୍ତେ ସ୍ୱାସ୍ଥ୍ୟ ବ୍ୟବସ୍ଥା ମାଧ୍ୟମରେ ତାହାର ପରୀକ୍ଷଣ ଏବଂ ଏହାର କାର୍ଯ୍ୟାନ୍ୱୟନ ସମ୍ଭାବ୍ୟତାର ଆକଳନ ।
- ଏହି କାର୍ଯ୍ୟାବଳୀ ହିତାଧିକାରୀଙ୍କ ଡାଟା ଅପଲୋଡ଼ କରିବା ଠାରୁ ଆରମ୍ଭ କରାଯାଇ ଅଧିବେଶନର ସ୍ଥାନ ନିର୍ଦ୍ଧାରଣ ଓ ମାଇକ୍ରୋ ପ୍ଲାନିଂ, ଟିକା ବଣ୍ଟନ, ଅଧିବେଶନ ସ୍ଥାନ ପରିଚାଳନା ସହିତ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରିପୋର୍ଟିଂ ବ୍ୟବସ୍ଥା ଇତ୍ୟାଦି କାର୍ଯ୍ୟ ଏହି ଦିନିକିଆ ଡ୍ରାଏ ରନ୍‌ରେ ସାମିଲ ଥିଲା ।
- କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ କହିଲେ ଯେ "ଠିକ୍ ଯେମିତି ଆମେ ନିର୍ବାଚନ ସମୟରେ ପ୍ରସ୍ତୁତ ହୋଇଥାଉ, ସେହିଭଳି ଭାବେ ମେଡ଼ିକାଲ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ସେମାନଙ୍କର ଦାୟିତ୍ୱ ସଂପର୍କରେ ତାଲିମ ପ୍ରଦାନ କରାଯାଉଛି ।
- ଦେଶର ଏକ କୋଟି ସ୍ୱାସ୍ଥ୍ୟକର୍ମୀ ଏବଂ ଦୁଇ କୋଟି ଛାମୁଆ କର୍ମୀଙ୍କୁ ମାଗଣାରେ ଏହି ଟିକା ପ୍ରଦାନ କରାଯିବ।
- ଏହି ପରିପ୍ରେକ୍ଷୀରେ ସବଜେକ୍ଟ ଏକ୍ସପାର୍ଟ କମିଟି ଜରୁରି ବ୍ୟବହାର ନିମନ୍ତେ ସେରମ୍ ଇନଷ୍ଟିଚ୍ୟୁଟ୍ ଏବଂ ଭାରତ ବାୟୋଟେକ୍ ଦ୍ୱାରା ଯଥାକ୍ରମେ ବିକଶିତ 'କୋଭାକ୍ସିନଟିଏମ' ଏବଂ 'କୋଭିସିଲ୍ଡ'କୁ ସୀମିତ ମଞ୍ଜୁରି ପ୍ରଦାନ କରିଛନ୍ତି ।

## ଟିକାକରଣ ନିମନ୍ତେ ପଂଜୀକରଣ

- କେବଳ କୋ-ୱିନ ଆପ୍ ଜରିଆରେ କୋଭିଡ଼ ପ୍ରତିଷେଧକ ଟୀକା ପାଇଁ ନାମ ପଂଜୀକରଣ କରାଯାଇପାରିବ । କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ, ରାଜ୍ୟ ସରକାର ଅଥବା ଜିଲ୍ଲା ପ୍ରଶାସନ ଦ୍ୱାରା ହିଁ ଏହି ଆପ୍‌କୁ ଅପ୍‌ଲୋଡ଼ କରାଯାଇପାରିବ ।
- ଯଦି କେହି ବ୍ୟକ୍ତି ନିଜେ ତାଙ୍କର ନାମ ପଂଜୀକରଣ କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ସୂଚୀତ ୧୫ଟି ପ୍ରମାଣ ପତ୍ର ଭିତରୁ ଯେକୌଣସି ଗୋଟିଏ ଦେଖାଇବାକୁ ପଡ଼ିବ ।
- ସେହିସବୁ ଡକ୍ୟୁମେଣ୍ଟଗୁଡ଼ିକ ହେଲା, ଆଧାର କାର୍ଡ଼, ଡ୍ରାଇଭିଂ ଲାଇସେନ୍ସ ସ୍ୱାସ୍ଥ୍ୟ ବୀମା କାର୍ଡ଼, ସ୍ମାର୍ଟ କାର୍ଡ଼ ଯାହାକି କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବ, ମନରେଗା ଜବ୍ କାର୍ଡ଼, ପ୍ୟାନ କାର୍ଡ଼, ବ୍ୟାଙ୍କ ପାସବୁକ୍, ପାସପୋର୍ଟ, ପୋଷ୍ଟ ଅଫିସ ପାସବୁକ୍, ପେନସନ୍ କାଗଜାତ, ଅଫିସ୍ ଦ୍ୱାରା ଜାରି ପରିଚୟ ପତ୍ର, ଭୋଟର ଆଇଡ଼ି କାର୍ଡ଼ ଇତ୍ୟାଦି ।
- ରାଜ୍ୟ ସରକାରମାନଙ୍କୁ ଟିକାକରଣ ପ୍ରକ୍ରିୟା ସଂପର୍କୀତ ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇସାରିଛି । ରାଜ୍ୟ ସ୍ତରରେ ଏବଂ ଜିଲ୍ଲା ସ୍ତରୀୟ କମିଟିମାନଙ୍କ ପକ୍ଷରୁ ଏହି ଉଦ୍ଦେଶ୍ୟରେ ବୈଠକମାନ ଅନୁଷ୍ଠିତ ହୋଇସାରିଛି ।

ବୟସର ଲୋକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାଯୁକ୍ତ ବ୍ୟକ୍ତି ସାମିଲ । ଲକ୍ ଡାଉନ୍ ପୂର୍ବ ଓ ପରବର୍ତ୍ତୀ ସରକାରଙ୍କ ପ୍ରସ୍ତୁତିର ଫଳ ସ୍ୱରୂପ କରୋନା ଉପରେ ଏଭଳି ନିୟନ୍ତ୍ରଣ ଅଣାଯିବା ସମ୍ଭବପର ହୋଇପାରିଛି । ଯେତେବେଳେ କରୋନା ମହାମାରୀକୁ ନେଇ ସମଗ୍ର ବିଶ୍ୱ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲା ସେତେବେଳେ ଭାରତରେ ଏହା ନିରବଚ୍ଛିନ୍ନ ଏବଂ ଦ୍ରୁତ ବେଗରେ ହ୍ରାସ ପାଇଚାଲିଛି । କେନ୍ଦ୍ର ସରକାରଙ୍କ ଏ ସଂପର୍କୀତ ପ୍ରସ୍ତୁତିକୁ ଏହି ଘଟଣାରୁ ଆକଳନ କରାଯାଇପାରିବ ଯେ ଦେଶରେ ଟିକାକରଣ ଅଭିଯାନ ଆରମ୍ଭ ହେବା ପୂର୍ବରୁ ଦେଶବ୍ୟାପୀ ସିରିଞ୍ଜ ଯୋଗାଣ ଏବଂ ବ୍ୟବହୃତ ସିରିଞ୍ଜକୁ କିଭଳି ଭାବେ ନଷ୍ଟ କରାଯିବ ସେ ସଂପର୍କରେ ସରକାର ଆବଶ୍ୟକ ନିର୍ଦ୍ଦେଶିକା ଜାରି କରିସାରିଛନ୍ତି । ■



# ଅତୁଲ୍ୟ ଭାରତ ପାଇଁ ପର୍ଯ୍ୟଟନର ବିକାଶ

**ବିଗତ ଛଅ ବର୍ଷ ଭିତରେ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ବେଶ୍ ସୁସ୍ଥ ବିକାଶ ଘଟିଆସିଛି । ଭାରତର ସୌନ୍ଦର୍ଯ୍ୟ, ବିବିଧତା ଏବଂ ସ୍ଥାପତ୍ୟକଳାର ଅନନ୍ୟ ଜ୍ଞାନର ସାମର୍ଥ୍ୟକୁ ଉପଯୋଗ କରି ଏହି କ୍ଷେତ୍ର ଅତି ସଫଳତାର ସହ ତାର ଜୟଯାତ୍ରା ଅବ୍ୟାହତ ରଖିଆସିଛି। କୋଭିଡ଼ ୧୯ ବୈଶ୍ୱିକ ମହାମାରୀ ଯୋଗୁ ୨୦୨୦ ମସିହାରେ ଏକ ମନ୍ଥର ପର୍ଯ୍ୟାୟକୁ ଅତିକ୍ରମ କରିବା ପରେ ଏହା ଏବେ ଆଗାମୀ ଦିନରେ ନିଜର ସଫଳତାକୁ ପୁଣି ଥରେ ଦୋହରାଇବା ନିମନ୍ତେ ପ୍ରସ୍ତୁତ ହୋଇସାରିଛି ।**

ବିଶ୍ୱର ନୂତନ ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ତାଜମହଲ ଅନ୍ୟତମ ହୋଇଥିବା ବେଳେ ଭାରତରେ ଏହାର ଅବସ୍ଥିତି ଏବଂ ଷ୍ଟାଚୁ ଅଫ୍ ୟୁନିଟି ଏବେ ପର୍ଯ୍ୟଟକମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଭାରତରେ ପର୍ଯ୍ୟଟନର ଅପାର ସମ୍ଭାବନା, ସାମର୍ଥ୍ୟ ଭରପୂର ରହିଛି ଏବଂ ଦେଶବ୍ୟାପୀ ଅସଂଖ୍ୟ ସ୍ଥାନକୁ ପ୍ରଦର୍ଶିତ କରିବାର ସୁଯୋଗ ମଧ୍ୟ ଅଛି । ଭାରତର ବାସ୍ତବ ସୌନ୍ଦର୍ଯ୍ୟ ହେଲା ଏହାର ବିବିଧତା । ଏଠାରେ ଥିବା ବିଭିନ୍ନ ପ୍ରକାର ପର୍ବତ, ସାଗର, ବାଲୁକା ସ୍ତୂପ, ବେଳାଭୂମି ଭାରତକୁ ଅନନ୍ୟ କରି ଗଢ଼ି ତୋଳିଛି । ତେଣୁ ସମଗ୍ର ବିଶ୍ୱରୁ ଏହା ସଦାବେଳେ ଅସଂଖ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି। ପୁଣି ଏହା ଆର୍ଥିକ ଦୃଷ୍ଟିରୁ ଏକ ଶକ୍ତିକେନ୍ଦ୍ର ଯାହାକି ଦେଶର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ଜୀବନଧାରଣକୁ ଗୁଣାତ୍ମକ କରିପାରିବ। କାରଣ ଏହି କ୍ଷେତ୍ରରେ କର୍ମନିଯୁକ୍ତିର ପର୍ଯ୍ୟାପ୍ତ ସମ୍ଭାବନା ମହଜୁଦ ରହିଛି ।

'ମୁଁ ଆପଣମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ ।ଏହା ହେଉଛି ଯୁବକମାନଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି, ବିଶ୍ୱରେ ଭାରତର ଏକ ପ୍ରତିଷ୍ଠା ସୃଷ୍ଟି କରିବା ଏବଂ ବିଶ୍ୱକୁ ଜଣାଇଦେବା ଯେ ଭାରତ ସବୁକିଛି କରିବାକୁ ସକ୍ଷମ। ୨୦୨୨

ଯଦି ଆମେ, ୧୨୫ କୋଟି ଭାରତୀୟ, ସିଦ୍ଧାନ୍ତ କରୁ ଯେ ଆମେ ଆମର ପର୍ଯ୍ୟଟନ କ୍ଷେତ୍ର ଉପରେ ଗୁରୁତ୍ୱ ଆରୋପ କରିବୁ, ତେବେ ଆମେ ସମଗ୍ର ବିଶ୍ୱକୁ ଆକର୍ଷିତ କରିପାରିବୁ । ଆମେ ଆମ ପକ୍ଷକୁ ଏକ ବିଶାଳ ଜନସଂଖ୍ୟାକୁ ଆକର୍ଷିତ କରିପାରିବୁ । ଏହା ମାଧ୍ୟମରେ ଆମେ ଭାରତର ବହୁ ଯୁବକଯୁବତୀଙ୍କୁ ନୂତନ କର୍ମନିଯୁକ୍ତିର ସୁଯୋଗ ମଧ୍ୟ ଯୋଗାଇ ପାରିବୁ । ଏହାକୁ ସାକାର କରିବା ନିମନ୍ତେ ତାହା ସରକାର ହୋଇଥାନ୍ତୁ ଅବା ଅନୁଷ୍ଠାନ, ସମାଜ ବା ନାଗରିକ- ଆମ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ । ଆସନ୍ତୁ, ଏହି ଦିଗରେ ଆମର ପ୍ରୟାସ ଆରମ୍ଭ କରିବା ।

**ମାର୍ଚ୍ଚ ୨୭,୨୦୧୬ ଦିନ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ମସିହା ପୂର୍ବରୁ ଏହା ହେଉଛି ପ୍ରକୃଷ୍ଟ ଅବସର ଯେତେବେଳେ ଆପଣ ଏହି ନିର୍ଣ୍ଣୟ ନେଇପାରିବେ । ୨୦୨୨ରେ ଦେଶ ତା'ର ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି ଏବଂ ତାହା ପୂର୍ବରୁ ଆମକୁ ନିଜ ପରିବାର ସହ ଦେଶର ୧୫ଟି ପର୍ଯ୍ୟଟନ ସ୍ଥଳକୁ ବୁଲି ଯିବାର ଅଛି" ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୧୫, ୨୦୧୯ ତାରିଖ ଦିନ କହିଥିଲେ ।

ଏପରିକି ଟେକ୍ସାସର ହଷ୍ଟନ ଠାରେ ଆୟୋଜିତ 'ହାଉଡ଼ି ମୋଦୀ' କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କୁ ନିବେଦନ କରି କହିଥିଲେ ଯେ ସେମାନେ ନିଜେ ଭାରତ ଗସ୍ତରେ ଆସିବା ସହିତ ଅନ୍ୟୁନ ପାଞ୍ଚଟି ପରିବାରଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରନ୍ତୁ ।

ଆତ୍ମ ନିର୍ଭର ଭାରତ ପାଇଁ ସରକାର ତାଙ୍କର ପ୍ରତିବଦ୍ଧତା ପ୍ରକଟ କରିବା ସହିତ ଏହି କ୍ଷେତ୍ର ଉପରେ ଅଧିକ ପ୍ରାଧାନ୍ୟ ଆରୋପ କରୁଛନ୍ତି ଏବଂ ସରକାରଙ୍କ ଏହି ପ୍ରୟାସରୁ ଏବେ ସୁଫଳ ମିଳିବା ଆରମ୍ଭ କରିଛି । ୱାର୍ଲ୍ଡ ଇକୋନୋମିକ୍ ଫୋରମ ପକ୍ଷରୁ ପ୍ରକାଶିତ ଭ୍ରମଣ ଓ ପର୍ଯ୍ୟଟନ ପ୍ରତିଯୋଗିତା ରିପୋର୍ଟ ୨୦୧୯ ଅନୁସାରେ ୨୦୧୭ ମସିହା ଠାରୁ ଭାରତ ଏହି ତାଲିକାରେ ୬ଟି ପାହାଚ ଉପରକୁ ଉଠିଛି । ବିଶ୍ୱର ୧୪୦ଟି ରାଷ୍ଟ୍ର ମଧ୍ୟରୁ ଭାରତର ସ୍ଥାନ ଏବେ ୩୪ରେ ରହିଛି । ଭାରତର ବିମାନ ସଂଯୋଗ ବ୍ୟବସ୍ଥା ମଧ୍ୟ ବେଶ୍ ଉନ୍ନତ (ଏବେ ତାହା ୩୩ତମ ସ୍ଥାନରେ ରହିଛି) ଏବଂ ସେହିଭଳି ଅନ୍ୟାନ୍ୟ ଅନୁକୂଳ ପରିବେଶ ତଥା ବନ୍ଦର ଭିତ୍ତିଭୂମି ( ୨୮ତମ ସ୍ଥାନ) ମହଜୁଦ ରହିଛି । କେନ୍ଦ୍ର ସରକାର ଦେଶରେ 'ଉଡ଼ାନ' କାର୍ଯ୍ୟକ୍ରମ ଜରିଆରେ ଆଉ ୧୦୦ଟି ନୂତନ ବିମାନ ବନ୍ଦର ସଂଯୋଗ କରିଛନ୍ତି। ଏଭଳି ପ୍ରୟାସ ଦେଶରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ସଂପ୍ରସାରଣ ଦିଗରେ ସହାୟକ ହେବ ।

ଜିଡ଼ିପି ହିସାବରେ, ପର୍ଯ୍ୟଟନ କ୍ଷେତ୍ର ଦେଶର ପ୍ରମୁଖ ୧୦ଟି କ୍ଷେତ୍ର ପର୍ଯ୍ୟାୟରେ ସାମିଲ ରହିଛି । ଏହା ମଧ୍ୟ ଦେଶରେ ବିଦେଶୀ ପୁଂଜି ନିବେଶର ସବୁଠାରୁ ବଡ଼ ଉତ୍ସ । ସର୍ବଶେଷ ତଥ୍ୟ ଅନୁସାରେ, ପର୍ଯ୍ୟଟନ ଶିଳ୍ପ କର୍ମନିଯୁକ୍ତି ପ୍ରଦାନରେ ତ୍ରୟୋଦଶ ସ୍ଥାନରେ ରହିଛି । ଏହି ଶିଳ୍ପ ଜରିଆରେ ଦେଶରେପ୍ରାୟ ୧୦ କୋଟି ଲୋକ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ କର୍ମନିଯୁକ୍ତି ପାଇଥାନ୍ତି । "ଫିକି" ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୯ ମସିହା ସୁଦ୍ଧା ଭାରତୀୟ ପର୍ଯ୍ୟଟନ ଶିଳ୍ପ ୩୫ ବିଲିଅନ ଡଲାର ଶିଳ୍ପରେ ପରିଣତ ହୋଇ ସାରିଥିବ । ତେଣୁ ଦେଶର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଏବଂ ପ୍ରସାର ନିମନ୍ତେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥି ମଧ୍ୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଯାହାକି ସାମାଜିକ- ଆର୍ଥିକ ଦୃଶ୍ୟପଟ୍ଟରେ ଉନ୍ନତି ଘଟାଇବାର ସାମର୍ଥ୍ୟ ତଥା ସାମଗ୍ରିକ ଭାବେ ଆର୍ଥିକ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସୁଯୋଗ ରଖେ, ତାହା ହେଉଛି ସ୍ୱଦେଶ ଦର୍ଶନ ଏବଂ ତୀର୍ଥଯାତ୍ରା ପୁନର୍ଜାଗରଣ ଓ ଆଧ୍ୟାତ୍ମିକ, ଐତିହ୍ୟ ସଂବର୍ଦ୍ଧନ ପ୍ରୟାସ (ପ୍ରସାଦ) ।




- ସରକାରଙ୍କର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ହେଲା ଦେଶରେ ବୁଦ୍ଧିଷ୍ଟ ସର୍କିଟର ବିକାଶ । ସ୍ୱଦେଶ ଦର୍ଶନ ଯୋଜନା ଅଧୀନରେ ଏହାକୁ ୧୫ ଥେମାଟିକ୍ ସର୍କିଟ ଭାବେ ବିକାଶ ନିମନ୍ତେ ଚିହ୍ନଟ କରାଯାଇଛି ।
- ଏହା ମାଧ୍ୟମରେ ସରକାରଙ୍କ ଉଦ୍ଦେଶ୍ୟ ହେଲା ଭଗବାନ ଗୌତମ ବୁଦ୍ଧ ତାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଯେଉଁ ଯାତ୍ରା କରିଥିଲେ ସେହି ଯାତ୍ରାପଥକୁ ପ୍ରଚାରିତ ଓ ପ୍ରସାରିତ କରିବା ।
- ବୁଦ୍ଧିଷ୍ଟ ସର୍କିଟ୍ ଥିମ୍ ଉପରେ ପାଞ୍ଚଟି ପ୍ରକଳ୍ପ ନିମନ୍ତେ ସରକାର ୩୫୫.୨୭ କୋଟି ଟଙ୍କା ମଂଜୁର କରିଛନ୍ତି । ସେଥି ମଧ୍ୟରେ ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ଗୁଜରାଟ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟ ରହିଛି ।




୨୦୧୪-୧୫ ବର୍ଷରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା ଯାହା ଥିମ୍- ଆଧାରିତ ପର୍ଯ୍ୟଟନ ସର୍କିଟ୍ ବିକାଶ ନିମନ୍ତେ ଉଦ୍ଦିଷ୍ଟ । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ ଯଦ୍ଵାରା ସେହି କ୍ଷେତ୍ରର ସର୍ବାଧିକ ସାମର୍ଥ୍ୟକୁ ଉପଯୋଗ କରାଯାଇପାରିବ ଓ ସେଠାକାର ଲୋକମାନଙ୍କ ନିମନ୍ତେ ଏହା କର୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିପାରିବ । ଏହି କ୍ରମରେ ଦେଶରେ ପନ୍ଦରଟି ଥେମାଟିକ୍ ସର୍କିଟର ବିକାଶ ନିମନ୍ତେ ଚିହ୍ନଟ କରାଯାଇଛି ଏବଂ ସେଗୁଡ଼ିକ ହେଲା: ଉତ୍ତର ପୂର୍ବ ଭାରତ ସର୍କିଟ୍, ବୁଦ୍ଧିଷ୍ଟ ସର୍କିଟ୍, ହିମାଳୟାନ୍ ସର୍କିଟ୍, ତଟୀୟ କ୍ଷେତ୍ର ସର୍କିଟ୍, କ୍ରିଷ୍ଣା ସର୍କିଟ୍, ମରୁ ସର୍କିଟ୍, ଜନଜାତି ସର୍କିଟ୍, ଇକୋ ସର୍କିଟ୍, ବନ୍ୟପ୍ରାଣୀ ସର୍କିଟ୍, ଗ୍ରାମାଞ୍ଚଳ ସର୍କିଟ୍, ଆଧ୍ୟାତ୍ମିକ ସର୍କିଟ୍, ରାମାୟଣ ସର୍କିଟ୍, ଐତିହ୍ୟ ସର୍କିଟ୍, ତୀର୍ଥଙ୍କର ସର୍କିଟ୍ ଏବଂ ସୁଫି ସର୍କିଟ୍। ଏଭଳି ୭୭ଟି ପ୍ରକଳ୍ପ ପାଇଁ ସରକାର ୬୦୩୫.୭୦ କୋଟି ଟଙ୍କା ମଂଜୁର କରିଛନ୍ତି ।

ADOPT A HERITAGE

**ଏକ ଐତିହ୍ୟସ୍ଥଳୀକୁ ଗ୍ରହଣ କର:** ଅପନୀ ଧରୋହର, ଅପନୀ ପେହଚାନ:ଏହି ଯୋଜନା ଦେଶର ଐତିହ୍ୟ ସ୍ଥଳୀଗୁଡ଼ିକର ବିକାଶ ନିମନ୍ତେ ଉଦ୍ଦିଷ୍ଟ ଏବଂ ସେସବୁକୁ କିଭଳି ଯୋଜନାବଦ୍ଧ ଓ ପର୍ଯ୍ୟାୟକ୍ରମିକ ଭାବେ ପର୍ଯ୍ୟଟନ ଅନୁକୂଳ କରାଯାଇପାରିବ ସେଥି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା । ସେହିଭଳି ସରକାରୀ ଏବଂ ଘରୋଇ କମ୍ପାନୀ କିମ୍ବା ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ଦେଶର କୌଣସି ଏକ ସୌଧ,ପ୍ରାକୃତିକ ଐତିହ୍ୟ ସ୍ଥଳୀ ଓ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀକୁ ସାମାଜିକ ଦାୟିତ୍ୱବୋଧ (ସିଏସଆର) ରୂପେ ପୋଷ୍ୟ ଭାବେ ଗ୍ରହଣ କରିବା ସକାଶେ ପ୍ରୋତ୍ସାହିତ କରାଯିବ ।

**ତୀର୍ଥଯାତ୍ରା ପୁନର୍ଜାଗରଣ ଏବଂ ଆଧ୍ୟାତ୍ମିକ, ଐତିହ୍ୟ ଉନ୍ନତି ପ୍ରୟାସ (ପ୍ରସାଦ):** ଦେଶରେ ତୀର୍ଥଯାତ୍ରା ପର୍ଯ୍ୟଟନକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ଏହି ଯୋଜନା ଅଧୀନରେ ସାରା ଦେଶରେ ୨୮ଟି ରାଜ୍ୟର ୫୧ଟି ସ୍ଥଳୀର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ୧୭ଟି ରାଜ୍ୟର ୨୮ଟି ପ୍ରକଳ୍ପ ନିମନ୍ତେ ମୋଟ ୮୪୦.୦୨ କୋଟି ଟଙ୍କା ମଂଜୁର କରାଯାଇସାରିଛି ।



**ଏନଆଇସିଏଚଇ ପର୍ଯ୍ୟଟନ ବିକାଶ ଉତ୍ପାଦ: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳ**ୟ ପକ୍ଷରୁ ନିଚି ପର୍ଯ୍ୟଟନ ଉତ୍ପାଦର ଚିହ୍ନଟ, ବିକାଶ ଏବଂ ଏହାର ପ୍ରଚାର ପ୍ରସାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ଜଳଯାତ୍ରା, ଦୁଃସାହସିକ ପଦଯାତ୍ରା, ମେଡ଼ିକାଲ, ନିରାମୟ, ଗଲ୍ଫ, ପୋଲୋ, ବୈଠକ ପ୍ରୋତ୍ସାହନ ସମ୍ମିଳନୀ ଓ ପ୍ରଦର୍ଶନୀ (ମାଇସ୍), ଇକୋ ଟୁରିଜିମ୍, ଫିଲ୍ମ ଟୁରିଜିମ୍, ପୋଷଣୀୟ ପର୍ଯ୍ୟଟନ ଆଦି ସାମିଲ । ଏହାକୁ କିପରି ଭାବେ 'ଋତୁଭିତ୍ତିକ' ଚାଲେଞ୍ଜରୁ ମୁକ୍ତ କରାଯାଇପାରିବ ଏବଂ ଭାରତକୁ '୩୬୫ ଦିନ ନିମନ୍ତେ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳୀ' ଭାବେ ବିକଶିତ କରାଯାଇ ପାରିବ ସେ ଦିଗରେ ପ୍ରୟାସ କରାଯାଉଛି ।





## ମେଡ଼ିକାଲ ଟୁରିଜିମ୍:

- ମେଡ଼ିକାଲ ଟୁରିଜିମକୁ ଏବେ ବୈଦେଶିକ ମୁଦ୍ରା ଉପାର୍ଜନରେ ସର୍ବାଧିକ ଗୁରୁତ୍ୱ ଆରୋପ ପ୍ରଦାନକାରୀ କ୍ଷେତ୍ର ଭାବେ ଚିହ୍ନିତ କରାଯାଇଛି ।
- ୨୦୨୦ ମସିହାରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଭାରତର ମେଡ଼ିକାଲ ଟୁରିଜିମ୍ କ୍ଷେତ୍ରରେ ୫- ୬ ବିଲିଅନ ଡଲାରର ସାମର୍ଥ୍ୟ ରହିଥିବା ଆକଳନ କରାଯାଇଛି ।
- ୨୦୧୯ ମସିହା ଅଗଷ୍ଟ ୩୦ ତାରିଖ ଠାରୁ ଯେକୌଣସି ବିଦେଶୀ ପର୍ଯ୍ୟଟକ ମେଡ଼ିକାଲ ଭିସା ବିନା କେବଳ ଅଙ୍ଗ ପ୍ରତିରୋପଣ ବ୍ୟତୀତ ଭାରତରେ ଅନ୍ୟାନ୍ୟ ସକଳ ପ୍ରକାର ଚିକିତ୍ସା ସୁବିଧା ପାଇପାରିବେ ।

## ପର୍ଯ୍ୟଟକ ଆଗମନ ସଂଖ୍ୟା ବୃଦ୍ଧି:

- ୨୦୧୯ ମସିହାରେ ଭାରତକୁ ବିଦେଶୀ ପର୍ଯ୍ୟଟକ ଆଗମନ (ଏଫଟିଏ) ସଂଖ୍ୟା ଥିଲା ୧୦.୮୯ ନିୟୁତ (ଆନୁମାନିକ) ଯାହାକି ଗତ ବର୍ଷ ଏହି ଅବଧି ତୁଳନାରେ ୩.୨ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି ।
- ୨୦୧୯ ମସିହାରେ, ପର୍ଯ୍ୟଟନ କ୍ଷେତ୍ରରୁ ମୋଟ ବୈଦେଶିକ ମୁଦ୍ରା ଉପାର୍ଜନ ପରିମାଣ ୨,୧୧,୬୬୧ କୋଟି ଟଙ୍କା ହୋଇଥିଲା ଯାହାକି ବାର୍ଷିକ ୮.୬% ଅଭିବୃଦ୍ଧି ବୋଲି ଆକଳନ କରାଯାଇଛି ।
- ୨୦୧୯ ମସିହାରେ, ବିଭିନ୍ନ ରାଜ୍ୟ/ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ଘରୋଇ ପର୍ଯ୍ୟଟକଙ୍କ ଭ୍ରମଣ ସଂଖ୍ୟା ୨୩୨୧.୯୮ ନିୟୁତ ଥିଲା ଯାହାକି ୨୦୧୮ ବର୍ଷରେ ୧୮୫୩.୭୯ ନିୟୁତ ହୋଇଥିଲା । ଉଭୟ ବର୍ଷକୁ ତୁଳନା କଲେ ୨୦୧୯ରେ ଏହା ୨୫.୩ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି ।

## ପର୍ଯ୍ୟଟକମାନଙ୍କ ନିମନ୍ତେ ଇ- ଭିସା ଓ ଅନ୍ୟାନ୍ୟ ସୁବିଧା

- ଏବେ ବିଶ୍ୱର ୧୬୫ଟି ରାଷ୍ଟ୍ରର ନାଗରିକଙ୍କ ପାଇଁ ଇ-ଭିସା ସୁବିଧା ଉପଲବ୍ଧ କରାଯାଇଛି । ଦେଶର ୨୫ଟି ବିମାନ ବନ୍ଦର ଏବଂ ୫ଟି ବନ୍ଦରରେ ଏହି ସୁବିଧା ଯୋଗାଣର ବ୍ୟବସ୍ଥା କରାଯାଇଛି ।
- ପର୍ଯ୍ୟଟକମାନଙ୍କ ସକାଶେ ବିବିଧ ଭାଷାଭାଷୀ ଏକ ଅହୋରାତ୍ର ହେଲ୍ପଲାଇନ୍ ସୁବିଧା ଆରମ୍ଭ ହୋଇଛି ।
- ଇ-ଭିସାର ବୈଧତା ଅବଧିକୁ ୩୦ ଦିନରୁ ୬୦ ଦିନକୁ ବୃଦ୍ଧି କରାଯାଇଛି । ଯେଉଁ ପର୍ଯ୍ୟଟକମାନେ ଭାରତ ପର୍ଯ୍ୟଟନରେ ଆସୁଛନ୍ତି ସେମାନଙ୍କୁ 'ୱେଲକମ୍ କାର୍ଡ଼' ଯୋଗାଇ ଦିଆଯାଉଛି। ଏହା ଗୋଟିଏ ସ୍ଥାନରେ ସେମାନଙ୍କୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଣରେ ସହାୟକ ହେଉଛି ।
- ଦେଶର ୧୦ଟି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ପରିଦର୍ଶନ ସମୟ ଅବଧି ବଢ଼ାଇ ଦିଆଯାଇଛି । ଏବେ ସେହିସବୁ ସ୍ଥଳୀଗୁଡ଼ିକର ପରିଦର୍ଶନ ସମୟକୁ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲାଯାଇଛି ।

କରୋନା ମହାମାରୀ ଯୋଗୁ ପର୍ଯ୍ୟଟନ ଶିଳ୍ପ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ସିଆଇଆଇର ମତ ଅନୁସାରେ, ଦେଶକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ମାତ୍ରାରେ ୫୮ରୁ ୭୮ ପ୍ରତିଶତ ହ୍ରାସ ଘଟିଛି । କିନ୍ତୁ ମହାମାରୀ ସମୟରେ ସୁଦ୍ଧା, ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ସରକାର ତାଙ୍କର କାର୍ଯ୍ୟକ୍ରମକୁ ଜାରି ରଖିଛନ୍ତି । ଏହି କ୍ରମରେ ୱେବିନାର ସିରିଜ୍- 'ଦେଖୋ ଅପନା ଦେଶ' ମାଧ୍ୟମରେ ସରକାର ଏହା କାର୍ଯ୍ୟକାରୀ କରୁଛନ୍ତି । ଏହି ଭର୍ଚୁଆଲ୍ ସିରିଜ୍ ମାଧ୍ୟମରେ ତଥା ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅଧୀନରେ ଦେଶର ବିବିଧତାକୁ ସରକାର ପ୍ରଦର୍ଶିତ କରିବାର ପ୍ରୟାସ କରିଛନ୍ତି । ଏହି ୱେବିନାର ସିରିଜ ମାଧ୍ୟମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେଥି ମଧ୍ୟରୁ 'ଭାରତର ଲୁକ୍କାୟିତ ମଣିମାଣିକ୍ୟ' ଜରିଆରେ ଦେଶର ଏଭଳି ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀମାନଙ୍କୁ ପ୍ରଦର୍ଶିତ କରାଯାଉଛି ଯେଉଁଠାକୁ କ୍ୱଚିତ୍ ପର୍ଯ୍ୟଟକ ପରିଦର୍ଶନରେ ଯାଇଥାନ୍ତି । ସେହିଭଳି ଆଉ ଗୋଟିଏ କାର୍ଯ୍ୟକ୍ରମ ହେଲା- 'ଭାରତରେ ପକ୍ଷୀଦର୍ଶନ' । ଏହା ଦେଶର ବିଭିନ୍ନ ସ୍ଥାନରେ ଦୃଶ୍ୟ ହେଉଥିବା ଭିନ୍ନ ଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ଓ ପକ୍ଷୀମାନଙ୍କ ପାଳନ ସୁଯୋଗ ଉପରେ ଆଧାରିତ । ଭାରତ ବାସ୍ତବିକ ବିବିଧତାରେ ଭରପୂର ଏକ ବୈଭବଭରା ଦେଶ ଯେଉଁଠାରେ ପ୍ରତ୍ୟେକ କ୍ଷେତ୍ର, ପ୍ରତ୍ୟେକ ମାର୍ଗର ବୁଲାଣି ସହ ପର୍ଯ୍ୟଟକମାନେ ବିଭିନ୍ନ ଭିନ୍ନ ଧରଣର ପ୍ରାକୃତିକ ଦୃଶ୍ୟପଟ୍ଟ, ରଙ୍ଗ, ରାନ୍ଧଣା ଓ ସଂସ୍କୃତି ପାଇଥାନ୍ତି । ଏହାକୁ ଅନୁଭବ ଓ ଉପଭୋଗ କରିବାର ସବୁଠାରୁ ଭଲ ଉପାୟଟି ହେଲା କୌଣସି ଏକ ସ୍ଥଳୀକୁ ବୁଲିଯିବା ବାରମ୍ବାର ବୁଲିଯିବା ଯାହାକି ଇଣ୍ଟରନେଟରେ ସୁଦ୍ଧା ଲୋକପ୍ରିୟତା ହୋଇନଥିବ ।

ତେଣୁ, ଏହା କୁହାଯାଇପାରେ ଯେ ଭାରତୀୟ ପର୍ଯ୍ୟଟନ କ୍ଷେତ୍ର ଏବେ ସମଗ୍ର ବିଶ୍ୱ ପାଇଁ ବେଶ୍ ଆକର୍ଷଣୀୟ ହେବାକୁ ଯାଉଛି ଏବଂ ସମସ୍ତେ ଭାରତର ଏହି ବିସ୍ମୟକୁ ଉପଭୋଗ କରିବା ଉଚିତ । ■

# ଛାତ୍ରଛାତ୍ରୀ, ମହିଳା ଓ କୃଷକମାନଙ୍କ ସଶକ୍ତିକରଣ







ତଫସିଲଭୁକ୍ତ ଜାତିର ଛାତ୍ରଛାତ୍ରୀମାନଙ୍କ ଛାତ୍ରବୃତ୍ତି ବୃଦ୍ଧି ଠାରୁ ଆରମ୍ଭ କରି ଅଧିକ ଚାକିରି ସୃଷ୍ଟି ନିମନ୍ତେ ଡିଟିଏଚ ସେବା ପାଇଁ ଗାଇଡ଼ଲାଇନରେ ସଂଶୋଧନ ପର୍ଯ୍ୟନ୍ତ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**ନିଷ୍ପତ୍ତି:** ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତିରେ କେନ୍ଦ୍ରର ଭାଗ ପରିମାଣରେ ପାଞ୍ଚଗୁଣ ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି ।

**ସୁଫଳ:**

- ସରକାରଙ୍କ ପକ୍ଷରୁ ୫୯,୦୪୮ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନକୁ ମଞ୍ଜୁରି ଦିଆଯାଇଛି ଯାହାକି ଦେଶର ୪ କୋଟି ତଫସିଲଭୁକ୍ତ ଜାତିର ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ ।
- ଏହା ଫଳରେ ଅଧାରୁ ପାଠ ଛାଡ଼ୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବ । ୧.୩୬ କୋଟିରୁ ଅଧିକ ଅତି ଗରିବ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବିଶେଷ ଅଭିଯାନ ସ୍ୱରୂପ ସାମିଲ କରାଯାଇଛି ।
- ଛାତ୍ରବୃତ୍ତିର ୬୦ ପ୍ରତିଶତ (୩୩,୫୩୪ ଟଙ୍କା) କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ ଏହା ହିତାଧିକାରୀମାନଙ୍କ ଜମାଖାତାକୁ ସିଧାସଳଖ ଭାବେ ହସ୍ତାନ୍ତର କରାଯାଇଛି ।

**ନିଷ୍ପତ୍ତି:** କ୍ରିଷ୍ଣାପଟ୍ଟନମ ଓ ତୁମାକୁରୁ ଠାରେ ସିବିଆଇସି ଅଧୀନରେ ଶିଳ୍ପ କରିଡ଼ର ନୋଡ଼ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ ।

**ସୁଫଳ:**

- ମଞ୍ଜୁରି ପ୍ରସ୍ତାବର ଆନୁମାନିକ ବ୍ୟୟ ପରିମାଣ ୭,୭୨୫ କୋଟି ଟଙ୍କା ଏବଂ ଏହାଦ୍ୱାର ସେଠାରେ ପ୍ରାୟ ୨.୮ ଲକ୍ଷ ଲୋକଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ ।
- ଏହା ଫଳରେ ଦେଶରେ ଉତ୍ପାଦନ କ୍ଷେତ୍ରରେ ନିବେଶର ମାତ୍ରା ବୃଦ୍ଧି ପାଇବ ଏବଂ ତାହା ଶିଳ୍ପ କ୍ଷେତ୍ର ପାଇଁ ଗୁଣାତ୍ମକ, ନିର୍ଭରଯୋଗ୍ୟ, ପୋଷଣୀୟ ତଥା ସହନଶୀଳ ଭିତ୍ତିଭୂମି ଯୋଗାଇବ ।
- ଏହା ମଧ୍ୟ ଭାରତକୁ ବୈଶ୍ୱିକ ଭାଲ୍ୟୁ ଚେନରେ ଏକ ସୁଦୃଢ଼ ସ୍ଥିତିରେ ଅବସ୍ଥାପିତ କରିବ ଯାହା ଫଳରେ ବିକଶିତ ଭୂମି ଯାହାକି ସହର ନିକଟରେ ଥିବ ତାହା ବିକଶିତ ହୋଇ ଆବଣ୍ଟିତ ହେବ ଓ ତାହା ପୁଂଜି ନିବେଶକୁ ପ୍ରୋତ୍ସାହିତ କରିବ ।

**ନିଷ୍ପତ୍ତି:** ଭାରତରେ ଡିଟିଏଚ ସେବା ଯୋଗାଣ ଗାଇଡ଼ ଲାଇନରେ ସଂଶୋଧନକୁ ମଞ୍ଜୁରି ପ୍ରଦାନ ।

**ସୁଫଳ:**

- ଡ଼ିଟିଏଚ ପାଇଁ ଜାରି ଲାଇସେନ୍ସ ଯାହାର ଅବଧି ପୂର୍ବରୁ ୧୦ ବର୍ଷ ପାଇଁ ଥିଲା ତାହାକୁ ଏବେ ବଢ଼ାଇ ୨୦ବର୍ଷ କରିଦିଆଯାଇଛି । ଅଧିକନ୍ତୁ, ଲାଇସେନ୍ସ ଅବଧିକୁ ଏକାଧିକ୍ରମେ ୧୦ ବର୍ଷ ପାଇଁ ବଢ଼ାଯାଇପାରିବ । ଲାଇସେନ୍ସ ଫି'କୁ ଜିଆରର ୧୦%ରୁ ଏଜିଆରର ୮%କୁ ସଂଶୋଧିତ କରାଯାଇଛି ।
- ବର୍ତ୍ତମାନ ଡିଟିଏ ଗାଇଡ଼ଲାଇନ କ୍ଷେତ୍ରରେ ସର୍ବାଧିକ ୪୯% ଏଫଡ଼ିଆଇର ସୀମା ନିର୍ଦ୍ଧାରିତ ହୋଇଥିବା ବେଳେ ଏହାକୁ ଡିପିଆଇଆଇଟିର ନୀତି ଯାହାକି ଡିଟିଏଚ ପାଇଁ ଉଦ୍ଦିଷ୍ଟ ସେଥିରେ ବିଭିନ୍ନ ସମୟରେ ସଂଶୋଧନ କରାଯିବ ।

**ନିଷ୍ପତ୍ତି:** ସୁଧ ଛାଡ଼ ଯୋଜନାର ସଂପ୍ରସାରଣ ଦ୍ୱାରା ଆଖୁ ସହିତ ଶସ୍ୟଭିତ୍ତିକ ଆଧାରିତ ଇଥାନଲ ଡିଷ୍ଟିଲେସନ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଥିବା ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ ।

**ସୁଫଳ:**

- ଏଭଳି ସମ୍ପ୍ରସାରିତ ସୁଧଛାଡ଼ ଯୋଜନା ଦ୍ୱାରା ଇଥାନଲ ଭାଲ୍ୟୁ ଚେନରେ ପ୍ରାୟ ୪୦,୧୨୦ କୋଟି ଟଙ୍କାର ଇନ୍ଧନ ନିବେଶ କରାଯାଇପାରିବ ଯାହାକି 'ଉର୍ଜା କ୍ଷେତୀ'କୁ ପ୍ରୋତ୍ସାହିତ କରିବ । ଏହା ଦ୍ୱାରା କୃଷକମାନଙ୍କ ଉପାର୍ଜନ ବୃଦ୍ଧି ପାଇବ, 'ଅନ୍ନଦାତା'ମାନେ 'ଉର୍ଜାଦାତା' ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବେ ଏବଂ ଏହା ଆତ୍ମ ନିର୍ଭର ଭାରତ ପରିକଳ୍ପନାକୁ ମଧ୍ୟ ସାକାର କରିବାରେ ସହାୟକ ହେବ ।
- ଇଥାନଲ କ୍ରୟ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି । ୨୦୧୩-୧୪ ଚିନି ବର୍ଷରେ ଏହା ଲିଟର ପିଛା ମୂଲ୍ୟ ୩୯ ଟଙ୍କା ଥିବାବେଳେ ୨୦୨୦-୨୧ ବର୍ଷର ତାହା ୫୮ ଟଙ୍କାକୁ ବୃଦ୍ଧି ପାଇଛି ।

**ନିଷ୍ପତ୍ତି:** ଆନ୍ତଃ ବନ୍ଦର ବ୍ୟବସ୍ଥା ଯେଉଁଥିରେ ପଶ୍ଚିମାଞ୍ଚଳ ଡକ୍ ସାମିଲ ରହିଛି ତାହାର ଗଭୀରକରଣ ଏବଂ ସର୍ବାଧିକ କାର୍ଯ୍ୟକ୍ଷମତାର ବିଓଟି ଆଧାରରେ ଉପଯୋଗ କରାଯିବ । ଏହା ପିପିପି ମୋଡ଼ରେ କରାଯିବ ଏବଂ ଏହା ଦ୍ୱାରା ପାରାଦୀପ ବନ୍ଦରରେ ସର୍ବାଧିକ କ୍ଷମତା ବିଶିଷ୍ଟ ଜାହାଜମାନଙ୍କୁ ପରିଚାଳନା କରାଯାଇପାରିବ ।

**ସୁଫଳ:**

- ଏହି ପ୍ରକଳ୍ପ ନିମ୍ନଲିଖିତ କାର୍ଯ୍ୟକୁ ସୁଗମ କରିବ: (୧) ବନ୍ଦରକୁ ଅଧିକ ଭିଡ଼ ହେବାରୁ ରକ୍ଷା କରିବ (୨) ସାମୁଦ୍ରିକ ମାଲ କାରବାରକୁ କମାଇବ ଯାହା ଫଳରେ କୋଇଲା ଆମଦାନୀ ଶସ୍ତା ହେବ ଏବଂ (୩) ବନ୍ଦରର ଆଭ୍ୟନ୍ତରୀଣ କ୍ଷେତ୍ରରେ ଶିଳ୍ପ ଅର୍ଥନୈତିକ କାରବାରକୁ ବୃଦ୍ଧି କରିବ ଏବଂ ଏହା ଫଳରେ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ■

# କାଶ୍ମୀରର ରକ୍ଷକ



ପରମବୀର ଚକ୍ର ବିଜେତା ମେଜର ସୋମନାଥ ଶର୍ମାଙ୍କ ପ୍ରତି ତାଙ୍କ ଜନ୍ମ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି । ଏହି ମହାନ ଯୋଦ୍ଧା ସାହସ ଓ ବୀରତ୍ୱର ଅପୂର୍ବ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଯେତେବେଳେ ଜମ୍ମୁ ଓ କଶ୍ମୀରର ବଡ଼ଗାମ ଠାରେ ଶତ୍ରୁପକ୍ଷ ସେନାଙ୍କ ଆଡୁ ପ୍ରବଳ ଗୁଳିଗୋଳା ବର୍ଷ ଓ ଆକ୍ରମଣ କରାଯାଇଥିଲା ତାହାକୁ ମୁକାବିଲା କରିବାରେ ସେ ଅପୂର୍ବ ସାହସିକତା ପ୍ରଦର୍ଶନ କରିଥିଲେ । ଫଳରେ ଜମ୍ମୁ ଓ କଶ୍ମୀରକୁ ପାକିସ୍ତାନ ଅକ୍ତିଆରରୁ ରକ୍ଷା କରାଯାଇପାରିଥିଲା ।

**ଜନ୍ମ : ଜାନୁଆରୀ ୩୧, ୧୯୨୩**
**ମୃତ୍ୟୁ : ନଭେମ୍ବର ୩, ୧୯୪୭**

**ତାଙ୍କ ସମ୍ମାନ ଫଳକରେ ଉଲ୍ଲେଖ ରହିଛି: ତାଙ୍କର ନେତୃତ୍ୱ, ସାହସିକତା ଏବଂ ପ୍ରତିରକ୍ଷାର ଅପୂର୍ବ ନିଷ୍ଠା ଏଭଳି ଥିଲା ଯେ ତାଙ୍କ ନେତୃତ୍ୱରେ ଲଢୁଥିବା ସୈନିକମାନେ ସେମାନଙ୍କ ଠାରୁ ସଂଖ୍ୟାରେ ଯଥେଷ୍ଟ ଅଧିକ ଥିବା ଶତ୍ରୁସେନାଙ୍କ ସହିତ ବୀରତ୍ୱର ସହ ଲଢ଼ିପାରିଥିଲେ। ମେଜର ଶର୍ମାଙ୍କ ସାହସିକତା ଓ ଗୁଣାବଳୀ ଭାରତୀୟ ସେନାର ଇତିହାସରେ ବିରଳ ।"**

"ଶତ୍ରୁ ସୈନ୍ୟ ଆମଠାରୁ ମାତ୍ର ୫୦ ଫୁଟ ଦୂରରେ ଅଛନ୍ତି । ସେମାନଙ୍କ ସଂଖ୍ୟା ଆମଠାରୁ ଢେର୍ ଅଧିକ । ଆମେ ସେମାନଙ୍କ ଉପରକୁ ଗୁଳିଗୋଳା ବର୍ଷଣ ଜାରି ରଖିଛୁ । ମୁଁ ପଛକୁ ଇଞ୍ଚେ ହେଲେ ହଟିବି ନାହିଁ ଓ ଶେଷ ଶତ୍ରୁସୈନ୍ୟଙ୍କ ସହିତ ଓ ମୋ ପାଖରେ ଶେଷ ଗୁଳିଟି ଥିବା ପର୍ଯ୍ୟନ୍ତ ଲଢ଼ିବି ।" ଏହା ଥିଲା ମେଜର ସୋମନାଥ ଶର୍ମାଙ୍କ ଠାରୁ ମିଳିଥିବା ଶେଷ ବାର୍ତ୍ତା ଯାହା ଭାରତୀୟ ସେନାରେ କାର୍ଯ୍ୟରତ ସୈନିକଙ୍କ ସାହସ ଓ ବୀରତ୍ୱକୁ ପ୍ରତିପାଦିତ କରେ । ମେଜର ଶର୍ମା ଶ୍ରୀନଗରରେ ନିଜର ପୋଷ୍ଟକୁ ରକ୍ଷା କରିବା ଲାଗି ୧୯୪୭ ମସିହାରେ ପ୍ରାଣବଳି ଦେଇଥିଲେ । ୪ର୍ଥ କୁମାଓଁ ରେଜିମେଣ୍ଟର ନେତୃତ୍ୱ ନେଉଥିବା ତାଙ୍କର ସେନା ପାକିସ୍ତାନର ଆଦିବାସୀ ଆକ୍ରମଣକାରୀଙ୍କ ସହ ପ୍ରାୟ ଛଅଘଣ୍ଟା କାଳ ଲଢ଼ି ସେମାନଙ୍କୁ ଏତେ ସମୟ ଧରି ଅଟକାଇ ପାରିଥିଲେ । ଏହି ସମୟରେ ଭାରତୀୟ ସେନା ଆସି ସେଠାରେ ପହଞ୍ଚି ମୋର୍ଚ୍ଚା ସମ୍ଭାଳିଥିଲେ ।

ଏହି ଯୁଦ୍ଧରେ ଯେତେବେଳେ ଶତ୍ରୁସେନାଙ୍କ ପୂର୍ବକଳ୍ପିତ ଯୋଜନା ପଣ୍ଡ ହୋଇଥିଲା ତାହା ଇତିହାସର ଗତିପଥକୁ ସଂପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା। ଏହା ଫଳରେ ପାକିସ୍ତାନର ପ୍ରାୟ ୨୦୦ ଗିରିଜନ ଆକ୍ରମଣକାରୀ ଓ ସେମାନଙ୍କର ନେତାମାନେ ପ୍ରାଣ ହରାଇଥିଲେ । ମେଜର ଶର୍ମା ସେତେବେଳେ ୪ର୍ଥ କୁମାଓଁ ରେଜିମେଣ୍ଟର ନେତୃତ୍ୱ ନେଉଥିଲେ ଏବଂ କଶ୍ମୀର ଉପତ୍ୟକାରେ ଅବସ୍ଥାପିତ ଥିଲେ । ତାଙ୍କର ସାହସ ଓ ବୀରତ୍ୱ ପାଇଁ ମେଜର ଶର୍ମାଙ୍କୁ ସ୍ୱାଧୀନ ଭାରତର ସର୍ବୋଚ୍ଚ ସେନା ସମ୍ମାନ 'ପରମ ବୀର ଚକ୍ର' ମରଣୋତ୍ତର ଭାବେ ପ୍ରଦାନ କରାଯାଇଥିଲା । ଯୁଦ୍ଧ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ବୀରତ୍ୱର ପରାକାଷ୍ଠାର ସମସ୍ତ ସୀମାକୁ ଉତ୍ତୀର୍ଣ୍ଣ ହୋଇପାରିଥିଲା ।

୧୯୨୩ ମସିହା ଜାନୁଆରୀ ୩୧ ତାରିଖ ଦିନ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ଦାଢ଼ ଠାରେ ଜନ୍ମଲାଭ କରିଥିବା ଶ୍ରୀ ଶର୍ମାଙ୍କ ପରିବାରରେ ସାମରିକ ସେବା ଓ ବୀରତ୍ୱର ଏକ ସୁଦୀର୍ଘ ପରମ୍ପରା ରହିଛି । ତାଙ୍କ ପିତା ଅମର ନାଥ ଶର୍ମା ଭାରତୀୟ ସେନାରେ ଜଣେ ମେଜର ଜେନେରାଲ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୪୨ ମସିହା ଫେବୃଆରୀ ୨୨ ତାରିଖ ଦିନ ସୋମନାଥ ଶର୍ମା ଭାରତୀୟ ସେନାର ୧୯ତମ ହାଇଦ୍ରାବାଦ ରେଜିମେଣ୍ଟର ୮ମ ବାଟାଲିଅନରେ ଯୋଗ ଦେଇଥିଲେ (ପରେ ଏହା କୁମାଓଁ ରେଜିମେଣ୍ଟର ୪ର୍ଥ ବାଟାଲିଅନ ଭାବେ ନାମିତ ହୋଇଥିଲା) ।

ଦେଶ ସ୍ୱାଧୀନ ହେବାର ତୁରନ୍ତ ପରେ, 1947 ଅକ୍ଟୋବର 22 ତାରିଖ ଦିନ ଯେତେବେଳେ ପାକିସ୍ତାନ ପଟୁ ଅଚାନକ ଆକ୍ରମଣ ଘଟିଲା, ସେତେବେଳେ ମେଜର ଶର୍ମାଙ୍କର ଡାହାଣ ହାତ ପ୍ଲାଷ୍ଟର ହୋଇଥିଲା । ହକି ଖେଳି ତାଙ୍କର ଡାହାଣ ହାତ ଏପରି ଜଖମ ହୋଇଥିଲା । ଯଦିଚ ତାଙ୍କୁ ସେତେବେଳେ ବିଶ୍ରାମ ନେବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସେ କିନ୍ତୁ ଉପୁଜୁ ସ୍ଥିତିରେ ନିଜ କମ୍ପାନୀ ସହିତ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ଜିଦ୍ ଧରି ବସିଥିଲେ । ତେଣୁ ତାଙ୍କୁ ଏହି ଅନୁମତି ସହ ମୋର୍ଚ୍ଚା ସମ୍ଭାଳିବାର ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେତେବେଳେ କାଶ୍ମୀର ଉପତ୍ୟକାକୁ ସୁରକ୍ଷିତ ରଖିବା ପାଇଁ ଆରମ୍ଭ ହୋଇଥିଲା ସବୁଠାରୁ ବଡ଼ ଅଭିଯାନ । ସେଥିପାଇଁ ଜମ୍ମୁ ଓ କଶ୍ମୀର ଉପରେ ଆକ୍ରମଣ କରୁଥିବା ପାକିସ୍ତାନର ପାର୍ବତ୍ୟାଞ୍ଚଳର ଆକ୍ରମଣକାରୀମାନଙ୍କୁ ପ୍ରତିହତ କରିବାକୁ ପଡ଼ିବ ।

୧୯୪୭ ମସିହା ନଭେମ୍ବର ୩ ତାରିଖ ଦିନ ଶତ୍ରୁସେନା ଆସି କ୍ଷୁଦ୍ର ଟାଉନ ବଡ଼ଗାମ ନିକଟରେ ପହଞ୍ଚି ସାରିଥିଲେ । ଶ୍ରୀନଗର ବିମାନବନ୍ଦର ଠାରୁ ସେମାନେ ମାତ୍ର କେଇ ମାଇଲ ଦୂରରେ ଥିଲେ । ଠିକ୍ ସେତିକିବେଳେ ମେଜର ଶର୍ମା ନିଜର ସୈନିକଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ମୋର୍ଚ୍ଚା ଦାୟିତ୍ୱ ନେଇଥିଲେ । ଅପରାହ୍ନ ୩.୩୦ ସମୟ ଥିଲା । ହଠାତ୍ ପାକିସ୍ତାନ ପଟୁ ପ୍ରାୟ ୫୦୦ ପାହାଡୀ ଆକ୍ରମଣକାରୀ ମାଡ଼ି ଆସି ତାଙ୍କ ସେନାଙ୍କୁ ତିନିପଟୁ ଘେରିନେଲେ । ସେମାନେ ଭାରତୀୟ ସେନାଙ୍କ ଉପରକୁ ଶକ୍ତିଶାଳୀ ମୋର୍ଟାର ଠାରୁ ଆରମ୍ଭ କରି ଗୁଳିଗୋଳା ବର୍ଷଣ କରିଚାଲିଲେ । ମେଜର ଶର୍ମାଙ୍କ ପାଖରେ ଥିଲେ ମାତ୍ର ୫୦ ସୈନିକ । ଶତ୍ରୁସେନାଙ୍କ ବୋମାବର୍ଷଣ ଫଳରେ ୪ କୁମାଓଁ ରେଜିମେଣ୍ଟର ସୈନିକମାନଙ୍କୁ ବେଶ୍ କ୍ଷତି ସହ୍ୟ କରିବାକୁ ପଡ଼ିଲା ଏବଂ ଅନେକ ସୈନ୍ୟ ମୃତାହତ ହେଲେ । ତେଣୁ ତୁରନ୍ତ ଅଧିକ ସୈନ୍ୟ ପଠାଇବା ନିମନ୍ତେ ମେଜର ଶର୍ମା ବାର୍ତ୍ତା ପଠାଇଲେ ।

କିନ୍ତୁ ସେଠାରେ ନିଜେ ମୋର୍ଚ୍ଚା ସମ୍ଭାଳିବାର ଗୁରୁତ୍ୱକୁ ମେଜର ଶର୍ମା ଭଲ ଭାବେ ଜାଣିଥିଲେ । ଶ୍ରୀନଗର ବିମାନ ବନ୍ଦର ହେଉଛି ଭାରତୀୟ ସେନାର ଏକମାତ୍ର ଜୀବନ ରେଖା । କାଶ୍ମୀର ଉପତ୍ୟକା ସହିତ ଅବଶିଷ୍ଟ ଭାରତର ଯୋଗସୂତ୍ରର ଏକମାତ୍ର ସାଧନ । ତେଣୁ ମେଜର ଶର୍ମା ଓ ତାଙ୍କର ସାଥୀମାନେ ବୀରତ୍ୱର ସହିତ ଶତ୍ରୁପକ୍ଷ ସେନାଙ୍କ ସହ ଲଢ଼େଇ ଜାରି ରଖିଲେ । ଏପରିକି ସେ ନିଜେ ମାଗାଜିନରେ ଗୁଳି ଭର୍ତ୍ତି କରି ନିଜର ସାଥୀ ସୈନିକଙ୍କୁ ଗୁଳି ବର୍ଷଣ ଜାରି ରଖିବା ଲାଗି କାର୍ଯ୍ୟରେ ଲାଗିପଡ଼ିଲେ । ଭାରତୀୟ ସେନା ଲାଇଟ ମେସିନ୍ ଗନରେ ଗୁଳି ଚଳାଇ ଚାଲିଥାନ୍ତି । ନିଜର ଭଙ୍ଗା ହାତ ସତ୍ତ୍ୱେ, ମେଜର ଶର୍ମା ଏକଥା ସୁନିଶ୍ଚିତ କରିବାକୁ ଚାହୁଁଥାନ୍ତି ଯେ ଶତ୍ରୁପକ୍ଷଙ୍କ ଉପରେ ଗୁଳିବର୍ଷର ମାତ୍ରା ଯେପରି କମି ନଯାଏ କି ଥମି ନଯାଏ । କିନ୍ତୁ ହାୟ, ଅଧିକ ସଂଖ୍ୟକ ଭାରତୀୟ ସେନା ଆସି ବଡ଼ଗାମରେ ପହଞ୍ଚିବା ବେଳକୁ ଭାରତୀୟ ସେନାର ସେହି ଜୁନିଅର୍ କମିଶନଡ୍ ଅଧିକାରୀ ମେଜର ସୋମନାଥ ଶର୍ମା ଓ ତାଙ୍କର ଅନ୍ୟ ୨୦ ଜଣ ସାଥୀ ବୀରତ୍ୱର ପରମ ପରାକାଷ୍ଠା ପ୍ରଦର୍ଶନ କରି ବୀରଗତି ପ୍ରାପ୍ତ ହୋଇସାରିଥିଲେ । କିନ୍ତୁ ତାଙ୍କର ଏହି ବଳିଦାନ ବ୍ୟର୍ଥ ଯାଇନଥିଲା । ତାଙ୍କରି ସାହସିକତା ଓ ବୀରତ୍ୱ ଲାଗି ଶ୍ରୀନଗର ଶତ୍ରୁସେନାଙ୍କ ଅକ୍ତିଆରରୁ ବର୍ତ୍ତି ଯାଇଥିଲା । ■

# ସଂସ୍କାର ଓ ନୂତନ ପ୍ରୟାସ ଲୋକମାନଙ୍କ ହୃଦୟ ଜିଣିପାରିଛି

**ଆଇନ ସହାୟତା ଠାରୁ ଆରମ୍ଭ କରି କୃଷି ସଂସ୍କାର ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସାରା ଦେଶର ଜନସାଧାରଣଙ୍କ ହିତସାଧନ କରିଛି । ଏଭଳି ପ୍ରୟାସ ଦେଶବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସଶକ୍ତ କରିଛି ।**

## ଟେଲି ଆଇନ ଘରୋଇ ହିଂସାକାରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୋଇଛି



ଟେଲି ଆଇନ ସେବା ଲୋକମାନଙ୍କୁ ଆଇନ ସହାୟତା ପ୍ରଦାନ କ୍ଷେତ୍ରରେ ସର୍ବାଧିକ ଲୋକପ୍ରିୟ ପ୍ଲାଟଫର୍ମ ଭାବେ ମୁଣ୍ଡ ଟେକିଛି । ଏହି ସେବା ୨୦୧୭ ମସିହାରେ ଆରମ୍ଭ ହୋଇଥିଲା ଏବଂ ଏବେ ସୁଦ୍ଧା ଦେଶର ୨୬୦ଟି ଜିଲ୍ଲାରେ ଉପଲବ୍ଧ ହୋଇଛି ତଥା ୨୯,୮୬୦ଟି ଗୋଷ୍ଠୀ କେନ୍ଦ୍ରରେ ଲୋକମାନଙ୍କୁ ସହାୟତା ଯୋଗାଇ ପାରୁଛି । ଏପର୍ଯ୍ୟନ୍ତ ଟେଲି ଆଇନ ସେବା ପ୍ରାୟ ୨.୭୫ ଲକ୍ଷ ଲୋକ ଯେଉଁମାନେ କି ଅତି ଦୁର୍ଗମ ଅଞ୍ଚଳରେ ସୁଦ୍ଧା ବସବାସ କରୁଛନ୍ତି ସେମାନଙ୍କୁ ଟେଲିଫୋନ ଓ ଭିଡ଼ିଓ କନଫରେନ୍ସିଂ ଯୋଗେ ଆଇନଗତ ସହାୟତା ଓ ପରାମର୍ଶ ଯୋଗାଇ ପାରିଛି। ସେହିଭଳି ଜଣେ ହିତାଧିକାରୀ ହେଲେ ସୟିଦା ରିଜଭୀ ଯାହାଙ୍କୁ ଟେଲି ଆଇନ ସେବା ଯୋଜନାରେ ଆବଶ୍ୟକ ସହାୟତା ମିଳିପାରିଛି । ସୟିଦାଙ୍କ ଘର ଜମ୍ମୁ ଓ କଶ୍ମୀରର ବଡ଼ଗାମ ଜିଲ୍ଲାର ଗୁଣ୍ଡିପୋରା ଗ୍ରାମରେ । ବିଚାରୀ ସୟିଦାଙ୍କର ସନ୍ତାନଟିଏ ନଥିବାରୁ ସେ ତାଙ୍କ ଶାଶୁଘର ସଦସ୍ୟମାନଙ୍କ ଆକ୍ରୋଷ ଓ ନିର୍ଯାତନାର ଶିକାର ପାଲଟିଥିଲେ । ସେମାନେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଚାଲିଲେ । ଥରେ ସେମାନେ ତାଙ୍କୁ ଦୁଇ ଦିନ ପର୍ଯ୍ୟନ୍ତ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ। ତେବେ କୌଣସି ମତେ ସେ ସେଠାରୁ ଖସି ବାହାରକୁ ପଳାଇ ଆସିବାକୁ ସକ୍ଷମ ହୋଇଥିଲେ । ଏହା ପରେ ସେ ନିଜ ପିତ୍ରାଳୟରେ ପହଞ୍ଚି ନିଜର ଦୁଃଖ ବଖାଣିଥିଲେ । ସେଠାରେ ଜନୈକ ଆଶା କର୍ମୀ ତାଙ୍କୁ ଏପରି ଟେଲି ଆଇନ ସେବା ବ୍ୟବସ୍ଥା କଥା କହିଥିଲେ । ତେଣୁ ଟେଲି ଆଇନ ବଳରେ ସୟିଦା ତାଙ୍କୁ ନିର୍ଯ୍ୟାତନା ଦେଉଥିବା ଲୋକଙ୍କ ବିରୋଧରେ ଅଭିଯୋଗ ଦରଜ କରିଥିଲେ । ତାଙ୍କର ଏଭଳି ଅଭିଯୋଗ ଦାଖଲର ମାତ୍ର ଏକମାସ ମଧ୍ୟରେ ମାମଲାର ସମାଧାନ ହୋଇଯାଇଥିଲା ଓ ସୟିଦାଙ୍କ ସ୍ୱାମୀ ତାଙ୍କର ସବୁ ଦୋଷ ସ୍ୱୀକାର କରିଥିଲେ । ତେଣୁ ସେ ତାଙ୍କ ପତ୍ନୀଙ୍କୁ କ୍ଷତିପୂରଣ ଦେବା ସହିତ ଅବସ୍ଥାନ ପାଇଁ ଗୋଟିଏ ପୃଥକ୍ ଘର ଦେବାକୁ ରାଜି ହୋଇଥିଲେ । ଏହିପରି ଭାବେ ଟେଲି ଆଇନ ସୟିଦାଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ତାଙ୍କର ଅଧିକାରକୁ ସୁରକ୍ଷିତ ରଖିବା ନିମନ୍ତେ ସହାୟକ ହୋଇପାରିଥିଲା ।

## ନୂତନ କୃଷି ଆଇନ ଦ୍ୱାରା କୃଷକମାନେ ଉପକୃତ



ବିହାରର ସମସ୍ତିପୁର ଜିଲ୍ଲାର ଜଣେ କୃଷକଙ୍କ ସଫଳତାର କାହାଣୀ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚା ହେଉଛି। ଅସଲ କଥାଟି ହେଲା, ସେହି କୃଷକ ଜଣକ ଫୁଲକୋବି ଚାଷ କରିଥିଲେ ସୁଦ୍ଧା ତାଙ୍କୁ ନିଜ ଫସଲର ଉପଯୁକ୍ତ ମୂଲ୍ୟ ମିଳିପାରୁନଥିଲା । କୌଣସି ମତେ ଏହି ଖବର ସାଧାରଣ ସେବା କେନ୍ଦ୍ର ଜରିଆରେ ଡିଜିଟାଲ ପ୍ଲାଟଫର୍ମରେ ପହଞ୍ଚିଥିଲା । ଏହା ଜାଣିବା ପରେ ଦିଲ୍ଲୀର ଜଣେ ବ୍ୟବସାୟୀ ସେ ସ୍ଥାନୀୟ ବଜାରରେ ନିଜ କୋବିର ଯେଉଁ ମୂଲ୍ୟ ପାଉଥିଲେ ତାହାର ଦଶଗୁଣ ଅଧିକ ମୂଲ୍ୟ ଦେବାକୁ ପ୍ରସ୍ତାବ ଦେଇଥିଲେ । ଏଥିରେ ସେହି କୃଷକ ରାଜି ହେବା ସହ ବେଶ୍ ଲାଭବାନ ହୋଇଥିଲେ । କେନ୍ଦ୍ର ସରକାର କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ନିମନ୍ତେ ଏଭଳି ଡିଜିଟାଲ ପ୍ଲାଟଫର୍ମର ବ୍ୟବସ୍ଥା କରିଛନ୍ତି । ଏହା ଫଳରେ ଯେଉଁ ଫୁଲକୋବି କିଲୋପିଛା ମାତ୍ର ୧ ଟଙ୍କାରେ ବିକ୍ରି ହେଉଥିଲା ତାହା ୧୦ ଟଙ୍କାରେ ବିକ୍ରି ହୋଇପାରିଛି । କେବଳ ସେତିକି ନୁହେଁ, ବିକ୍ରି ପାଇଁ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଦିଲ୍ଲୀର ସେହି ବ୍ୟବସାୟୀ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ମୂଲ୍ୟ ବାବଦକୁ ଟଙ୍କା ପଠାଇଥିଲେ । କେବଳ ନୂତନ କୃଷି ଆଇନ ଦ୍ୱାରା ହିଁ ଏହା ସମ୍ଭବପର ହୋଇପାରିଛି । ଏହି ଆଇନ ସାହାଯ୍ୟରେ କୃଷକମାନେ ସେମାନଙ୍କର ଉତ୍ପାଦକୁ ଏବେ ଦେଶର ଯେକୌଣସି ସ୍ଥାନରେ ବିକ୍ରି କରିବାକୁ ସକ୍ଷମ ହୋଇପାରିଛନ୍ତି । ■



# ସ୍ଥାନୀୟ ଉତ୍ପାଦର ବୈଶ୍ୱିକ ଚାହିଦା ସୃଷ୍ଟି

କୋଭିଡ୍ ୧୯ ବୈଶ୍ୱିକ ମହାମାରୀ କାଳରେ ବିଗତ ବର୍ଷଟିରେ ଅନେକ ଶିକ୍ଷା ଲାଭ ହୋଇଛି ଯାହାକି ଦେଶକୁ ଆତ୍ମନିର୍ଭର ହେବାରେ ଏବଂ 'ଆତ୍ମନିର୍ଭର ଭାରତ'କୁ ଏକ ଆନ୍ଦୋଳନରେ ପରିଣତ କରିବାରେ ସହାୟକ ହୋଇପାରିଛି । ଶିଖ୍ ଗୁରୁମାନଙ୍କ ଠାରୁ ପ୍ରେରଣା ଲାଭ କରି ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ଓ ସେବାକୁ ନୂତନ ବର୍ଷର ସଂକଳ୍ପ ବୋଲି ଜନସାଧାରଣ ମନରେ ଗ୍ରହଣ କରିବା ଉଚିତ । ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ'ରୁ ସେହିଭଳି କିଛି ଉଦ୍ଧୃତି:

**ସଂକଟକୁ ସୁଯୋଗରେ ପରିଣତ କରିବାର ଅବସର:** କରୋନା ମହାମାରୀ ଯୋଗୁ ସମଗ୍ର ବିଶ୍ୱ ଯୋଗାଣ ଶୃଙ୍ଖଳ ନାନା ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇଥିଲା । ଆମେ କିନ୍ତୁ ପ୍ରତ୍ୟେକ ସଂକଟରୁ ଏକ ନୂଆ ଶିକ୍ଷା ଲାଭ କରିଛୁ । ଦେଶକୁ ନୂତନ କ୍ଷମତା ଆହରଣ କରିବାର ଆଶୀର୍ବାଦ ମିଳିଛି । ଏହି କ୍ଷମତାକୁ ଆମେ 'ଆତ୍ମ ନିର୍ଭରତା' ବୋଲି ନାମିତ କରିଛୁ ।

**ଭାରତୀୟ କଣ୍ଢେଇ:** ଦିଲ୍ଲୀର ଝଣ୍ଡେବାଲା ମାର୍କେଟ ବାଇସାଇକେଲ ଏବଂ ଖେଳନା ବଜାର ପାଇଁ ବେଶ୍ ପ୍ରସିଦ୍ଧ । ପୂର୍ବରୁ ଦାମୀକା କଣ୍ଢେଇ କହିଲେ ତାହା ବିଦେଶରୁ ଆମଦାନୀ ହୋଇଥିବ ବୋଲି ବିବେଚନା କରାଯାଉଥିଲା । ଶସ୍ତା କଣ୍ଢେଇ ଅନ୍ୟ ଯେକୌଣସି ସ୍ଥାନରୁ ଆସିଥାଇପାରେ । କିନ୍ତୁ ଏବେ ଦୋକାନୀମାନେ କ୍ରେତାମାନଙ୍କୁ କଣ୍ଢେଇର ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଆରୋପ କରି ହିଁ ବିକ୍ରି କରୁଛନ୍ତି । ସେମାନେ କହୁଛନ୍ତି କେଉଁଟି ଠାରୁ କେଉଁଟି ଉତ୍ତମ, କାରଣ ସେଗୁଡ଼ିକ 'ଭାରତରେ ପ୍ରସ୍ତୁତ' । ଉପଭୋକ୍ତାମାନେ ମଧ୍ୟ ଭାରତରେ ନିର୍ମିତ କଣ୍ଢେଇ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ କରୁଛନ୍ତି ।

**ସ୍ୱଦେଶୀ:** ଏହା ହେଉଛି ପ୍ରକୃଷ୍ଟ ସମୟ ଯେତେବେଳେ 'ଜିରୋ ଇଫେକ୍ଟ, ଜିରୋ ଡିଫେକ୍ଟ'ର ଭାବନା ସହିତ କାର୍ଯ୍ୟ କରିହେବ । ଏହା ମଧ୍ୟ ଉପଯୁକ୍ତ ଅବସର ଯେତେବେଳେ ଭାରତରେ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ସ୍ତରର ମାନଯୁକ୍ତ କରିବା ପ୍ରୟାସକୁ ସୁନିଶ୍ଚିତ କରାଯାଇପାରିବ। ବିଶ୍ୱରେ ଯାହାକିଛି ଶ୍ରେଷ୍ଠ ହୋଇଥାଉ ନା କାହିଁକି, ଆମେ ତାହାକୁ ଭାରତରେ ମଧ୍ୟ ପ୍ରସ୍ତୁତ କରିପାରିବା ଏବଂ ସମସ୍ତଙ୍କ ନିକଟରେ ତାହାର ଶ୍ରେଷ୍ଠତା ପ୍ରତିପାଦିତ କରିପାରିବା । ସେଥିପାଇଁ, ଉଦ୍ୟୋଗୀମାନଙ୍କୁ ଆଗକୁ ଆଗେଇ ଆସିବାକୁ ହେବ । ଷ୍ଟାର୍ଟଅପମାନଙ୍କୁ ମଧ୍ୟ ଆଗୁଆ ହେବାକୁ ପଡ଼ିବ ।

**ଶିଖ୍ ଗୁରୁଗଣ:** ଶ୍ରୀ ଗୁରୁ ତେଗ୍ ବାହାଦୁରଜୀ, ଶ୍ରୀ ଗୋବିନ୍ଦ ସିଂହଜୀ, ମାତା ଗୁରଜୀ ଏବଂ ଅନ୍ୟାନ୍ୟ ଚାରି ସାହିବଜାଦାଙ୍କ ନିକଟରେ ଆମେ ସଦାବେଳେ ଋଣୀ ବୋଲି ସ୍ୱୀକାର କରିବାକୁ ହେବ । ସେମାନେ ନିଜର ଆଦର୍ଶରେ କେତେବେଳେ ସୁଦ୍ଧା ସାଲିସ କରିନଥିଲେ ଏବଂ ସଦାସର୍ବଦା ଏକ ସମ୍ବେଦନଶୀଳ ସମାଜ ଗଠନ ନିମନ୍ତେ କାର୍ଯ୍ୟ କରିଥିଲେ ।

**ଦେଶରେ ଚିତାବାଘଙ୍କ ସଂଖ୍ୟା ବୃଦ୍ଧି:** ୨୦୧୪ରୁ ୨୦୧୮ ମସିହା ମଧ୍ୟରେ ଦେଶରେ ଚିତାବାଘଙ୍କ ସଂଖ୍ୟାରେ ୬୦ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ୨୦୧୪ ମସିହାରେ ଦେଶରେ ପ୍ରାୟ ୭,୯୦୦ ଚିତାବାଘ ଥିବାବେଳେ ୨୦୧୯ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୧୨,୮୫୨ ଛୁଇଁଛି । ସେହିଭଳି ଦେଶରେ ସିଂହଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ଓ ବାଘଙ୍କ ସଂଖ୍ୟାରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି ।

**ଗୋ ସଂରକ୍ଷଣ:** ଉତ୍ତର ପ୍ରଦେଶର କୌଶାମ୍ବି ଜିଲ୍ଲା ଜେଲର ଅନ୍ତେବାସୀଗଣ ପୁରୁଣା ଓ ଛିଣ୍ଡା କମ୍ବଳରୁ ବେଶ୍ ସୁନ୍ଦର କଭରମାନ ପ୍ରସ୍ତୁତ କରୁଛନ୍ତି ଯାହା ଗାଈମାନଙ୍କୁ ହାଡ଼ଭଙ୍ଗା ଜାଡ଼ରୁ ରକ୍ଷା ପାଇବାରେ ସହାୟକ ହୋଇପାରୁଛି । ସେମାନେ ପ୍ରତି ସପ୍ତାହରେ ଜେଲ ଭିତରେ ଏଭଳି ଅନେକ କଭର ପ୍ରସ୍ତୁତ କରୁଛନ୍ତି । ସେମାନଙ୍କର ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରାଯିବା ଉଚିତ, କାରଣ ସେମାନଙ୍କର ଏଭଳି ସେବା ମନୋଭାବ ଦ୍ୱାରା ଅନ୍ୟ ପ୍ରାଣୀମାନଙ୍କ କଷ୍ଟ ଲାଘବ ହୋଇପାରୁଛି ।

**ଯୁବା ଶକ୍ତି:** ଦେଶର ଯୁବଗୋଷ୍ଠୀ ସଦାବେଳେ ମନରେ 'କରିପାରିବି'ର ମନୋଭାବ ରଖନ୍ତୁ ଏବଂ ସେମାନଙ୍କ ଠାରୁ ଆପେ ଆପେ 'କରିପାରିବୁ'ଭାବନା ଉଦ୍ରେକ ହେବ । ସେମାନଙ୍କ ପାଇଁ କୌଣସି ପ୍ରକାର ଚାଲେଞ୍ଜ୍ ବଡ଼ ନୁହେଁ । କୌଣସି କାର୍ଯ୍ୟ ସେମାନଙ୍କ ଶକ୍ତି ବହିର୍ଭୂତ ନୁହେଁ । ତାମିଲନାଡ଼ୁର ଜନୈକ ଶିକ୍ଷୟିତ୍ରୀ ହେମଲତା ଏନ କେ ବିଦୁପୁରମ୍ ଠାରେ ବିଶ୍ୱର ସର୍ବପ୍ରାଚୀନ ଭାଷା ତାମିଲକୁ ବିଦ୍ୟାଳୟରେ ପଢ଼ାଇଥାନ୍ତି । ଏପରିକି କୋଭିଡ୍ ୧୯ ମହାମାରୀ କାଳ ସୁଦ୍ଧା ତାଙ୍କ ଏହି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ । ସେ ପାଠ୍ୟକ୍ରମରେ ଥିବା ସମସ୍ତ ୫୩ଟି ଯାକ ଅଧ୍ୟାୟ ପଢ଼ାଇ ଏହି ସମୟରେ ସମାପ୍ତ କରିଛନ୍ତି। ଏଥିପାଇଁ ସେ ଆନିମେଟେଡ଼ ଭିଡ଼ିଓ ପ୍ରସ୍ତୁତ କରିବା ସହ ସେଗୁଡ଼ିକୁ ପେନ ଡ୍ରାଇଭରେ ରଖି ତାଙ୍କର ଛାତ୍ରଛାତ୍ରୀମାନଙ୍କୁ ବିତରଣ କରିଛନ୍ତି ।

**କେଶରର ବୈଶ୍ୱିକ ବଜାର:** ଚଳିତ ବର୍ଷ ମେ ମାସରେ, କଶ୍ମୀରର କେଶରକୁ ଜିଆଇ (ଜିଓଗ୍ରାଫିକାଲ୍ ଟ୍ୟାଗ) ମାନ୍ୟତା ମିଳିଛି । କାଶ୍ମୀର କେଶରର ବିଶ୍ୱବ୍ୟାପୀ ଚାହିଦା ରହିଛି ଓ ଏକ ମହାର୍ଘ ମସଲା ଭାବେ ତାହା ବେଶ୍ ପ୍ରସିଦ୍ଧ । ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି । ଏହାର ବାସ୍ନା ଯେତିକି ଉଗ୍ର, ରଙ୍ଗ ସେତିକି ଗାଢ଼ ଓ ଏହାର ଆକାର ସେତିକି ଲମ୍ବା ଓ ମୋଟା ଯାହାକି ଏହାର ଔଷଧୀୟ ଗୁଣବତ୍ତା ବଢ଼ାଇଥାଏ । ଏବେ ବିଦେଶକୁ ଏହାର ରପ୍ତାନି ବୃଦ୍ଧି ପାଇବାରେ ଲାଗିଛି । ଆତ୍ମନିର୍ଭର ଭାରତ ଅଭିଯାନକୁ ସାକାର କରିବା ପ୍ରୟାସକୁ ଏହା ଆହୁରି ସୁଦୃଢ଼ କରିପାରିବ ।

**ପରିବେଶ ଯୋଦ୍ଧା:** ଗୁରୁଗ୍ରାମର ପ୍ରଦୀପ ସାଙ୍ଗୱାନ ୨୦୧୬ ମସିହା ଠାରୁ 'ହିଲିଂ ହିମାଲୟାଜ' ନାମକ ଏକ ଅଭିଯାନ ଚଳାଇ ଆସୁଛନ୍ତି। ଏହି ଅଭିଯାନର ଅଂଶବିଶେଷ ସ୍ୱରୂପ ସେ ବିଭିନ୍ନ ସମୟରେ ହିମାଳୟର ଭିନ୍ନ ଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି । ସାଙ୍ଗରେ ଆଥାନ୍ତି ତାଙ୍କର ସାଥୀ ଓ ସ୍ୱେଚ୍ଛାସେବୀଗଣ । ସେଠାରେ ସେ ସବୁପ୍ରକାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ସଫା କରିଥାନ୍ତି ଯାହାକି ପର୍ଯ୍ୟଟକମାନେ ସେଠାରେ ଫିଙ୍ଗିଥାନ୍ତି । ସେହିଭଳି କର୍ଣ୍ଣାଟକର ଏକ ଦମ୍ପତି, ଅନୁଦୀପ ଓ ମୀନୁଷା ସ୍ଥିର କରିଛନ୍ତି ଯେ ନିକଟବର୍ତ୍ତୀ ସୋମେଶ୍ୱର ତଟରେ ଲୋକମାନେ ଯେତେ ଆବର୍ଜନା ପକାଇଥାନ୍ତୁ ନା କାହିଁକି ସେମାନେ ଦୁହେଁ ସେସବୁକୁ ନିୟମିତ ଭାବେ ସଫା କରିବେ । ଏହି ଦମ୍ପତି ଏପର୍ଯ୍ୟନ୍ତ ମିଳିତ ଭାବେ ୮୦୦ କିଲୋଗ୍ରାମ ଓଜନର ବର୍ଜ୍ୟ ସଫା କରିସାରିଛନ୍ତି । ■

ମନ କୀ ବାତ୍ ଶୁଣିବା ଲାଗି କ୍ୟୁଆର କୋଡ୍ ସ୍କାନ କରନ୍ତୁ

RNI No. :
DELODI/2020/78831
January: 16-31, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 13-17 advance Fortnightly, (Publishing Date January 8, 2021, Pages-40)



# ପଞ୍ଜାବ କେଶରୀ

"ଭାରତ ମାତାର ବୀର ସୁପୁତ୍ର ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କୁ ଜନ୍ମ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି। ଦେଶ ସ୍ୱାଧୀନତା ପାଇଁ ତାଙ୍କର ତ୍ୟାଗ ଓ ବଳିଦାନର ଗାଥା ଦେଶବାସୀଙ୍କୁ ସଦାସର୍ବଦା ପ୍ରେରଣା ଯୋଗାଇବ ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟୁଇଟ୍



**Editor:**
**Kuldeep Singh Dhatwalia,**
Principal Director General,
PIB, New Delhi

**Published & Printed by: Satyendra Prakash,** Director General, BOC on behalf of Bureau of Outreach and Communication

**Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003**

**Printed at** Infinity Advertising services Pvt. Ltd. FBD-One Corporate Park, 10th Floor, New Delhi-Faridabad border, NH-1, Faridabad-121003 (Haryana)